# ଧରିତ୍ରୀ
DHARITRI


ପୃଷ୍ଠା–୧୨+୮

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Wednesday, October 2/2024 | Page 20 | ₹ 7.00 | DHENKANAL

୫୦ଶ ଭାଗ ୩୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 50 ISSUE 309 | ମୂଲ୍ୟ ₹୭/-






KAMLA PASAND
Anokha Swad
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at :
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.

ଧରିତ୍ରୀ
DHARITRI
ପୃଷ୍ଠା–୧୨+୮
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨/୨୦୨୪ | Bhubaneswar, Wednesday, October 2/2024 | ପୃଷ୍ଠା-୧



## ସାକିବଙ୍କୁ ବିରାଟଙ୍କ ବ୍ୟାଟ୍ ଉପହାର

କାନ୍‌ପୁର୍‌ରେ ଭାରତ ବିପକ୍ଷରେ ଶେଷ ଅନ୍ତର୍ଜାତୀୟ ଟେଷ୍ଟମ୍ୟାଚ୍ ଖେଳିଥିବା ବାଂଲାଦେଶୀ ଅଲ୍‌ରାଉଣ୍ଡର ସାକିବ ହଲ୍ ହସନଙ୍କୁ ବିରାଟ କୋହଲି ତାଙ୍କ ବ୍ୟାଟ୍ ଉପହାର ଭାବେ ପ୍ରଦାନ କରିଛନ୍ତି।

୧୦ | ୦୮

## ଟ୍ରୋଲର୍ସଙ୍କୁ ଜବାବ ଦେଲେ ତୃପ୍ତି

'ଭିକି ବିଦ୍ୟା କା ୱ୍ର ୱ୍ଲା ଭିଡିଓ' ଫିଲ୍ମର 'ମେରେ ମେହେବୁବ୍' ଗୀତରେ ଅଭିନେତ୍ରୀ ତୃପ୍ତି ଡିମରି ଡ୍ୟାନ୍ସ ମୁଭ୍ସକୁ ଟ୍ରୋଲ୍ କରାଯାଇଛି। ଏକ କାର୍ଯ୍ୟକ୍ରମରେ ସେ ଏହାର ଜବାବ ରଖିଛନ୍ତି।



# ଆଜିଠୁ ୨ ଦିନିଆ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାରଠାରୁ ୨ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଉଛନ୍ତି। ଦିଲ୍ଲୀଠାରେ ହେବାକୁ ଥିବା ନିବେଶକ ସମ୍ମିଳନୀରେ ସେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩ ତାରିଖରେ ଏକ ଘରୋଇ ହୋଟେଲରେ ଏହି ସମ୍ମିଳନୀ ହେବ। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ'ଉତ୍କର୍ଷ ୨୦୨୫'ର ପ୍ରାକ୍ ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କରୁଛନ୍ତି। ତାଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଶିଳ୍ପ ବିଭାଗର ବରିଷ୍ଠ ପଦାଧିକାରୀମାନେ ଗସ୍ତ କରିବେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ଆମ୍ବାସାଡର, ହାଇ କମିଶନର, ଟ୍ରେଡ୍ କମିଶନର, କନ୍‌ସୁଲେଟ୍ ଜେନେରାଲଙ୍କ ସହ ଆଲୋଚନା ହେବ। ବିଭିନ୍ନ ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା ହେବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଶେଷରେ ଏକ ରୋଡ୍ ଶୋ ଆୟୋଜନ ହେବ। ଆସନ୍ତା ଜାନୁଆରୀ ୨୮ ଏବଂ ୨୯ରେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜନ ହେବ। ତେଣୁ ଏହା ପୂର୍ବରୁ ରାଜ୍ୟକୁ ନିବେଶ ଆଣିବାକୁ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। ତେବେ ମୁଖ୍ୟମନ୍ତ୍ରୀଙ୍କ ୨ଦିନିଆ ଝାଡ଼ଖଣ୍ଡ ଗସ୍ତ କାର୍ଯ୍ୟକ୍ରମ ଶେଷ ହୋଇଛି।

# ରାସ୍ତାରୁ ହଟିବ ମନ୍ଦିର, ମସ୍‌ଜିଦ

**ଜନସାଧାରଣଙ୍କ ସ୍ୱାର୍ଥ ସର୍ବୋପରି। ରାସ୍ତା ମଝିରେ ମନ୍ଦିର ଥାଉ କି ମସ୍‌ଜିଦ ଦେଶବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ସେଗୁଡ଼ିକୁ ଭାଙ୍ଗି ଦିଆଯିବ। ବ୍ୟକ୍ତିଗତ ସମ୍ପତ୍ତି ଓ ଧର୍ମାନୁଷ୍ଠାନଗୁଡ଼ିକୁ ଭଙ୍ଗ କରିବା ନେଇ ଖୁବ୍‌ଶୀଘ୍ର ଏକ ଗାଇଡ୍‌ଲାଇନ୍ ଜାରି କରାଯିବ, ଯାହାକି ସାରା ଭାରତରେ କାର୍ଯ୍ୟକାରୀ ହେବ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ଘରକୁ ବୁଲ୍‌ଡୋଜର ଲଗାଇ ଭଙ୍ଗାଯାଉଥିବା ପ୍ରତିବାଦରେ ଦାଖଲ ଏକାଧିକ ପିଟିଶନର ଶୁଣାଣି ଶେଷକରି ସର୍ବୋଚ୍ଚ ଅଦାଲତ ରାୟ ସଂରକ୍ଷିତ ରଖିବା ସହ ଉପରୋକ୍ତ ଟିପ୍ପଣି ଦେଇଛନ୍ତି।**

ନୂଆଦିଲ୍ଲୀ,୧।୧୦(ପି.ଟି.)

## ଖୁବ୍‌ଶୀଘ୍ର ବୁଲ୍‌ଡୋଜର ଗାଇଡ୍‌ଲାଇନ: ସୁପ୍ରିମକୋର୍ଟ

ଦେଶବାସୀଙ୍କ ସ୍ୱାର୍ଥ ସର୍ବୋପରି ହୋଇଥିବାରୁ ରାସ୍ତା, ରେଳଲାଇନ ଏବଂ ଜଳଉତ୍ସକୁ ଅବରୋଧ କରି ନିର୍ମାଣ ହୋଇଥିବା ମନ୍ଦିର, ଦରଘା ଆଦି ଧର୍ମୀୟ ଢାଞ୍ଚାକୁ ହଟାଇବାକୁ ହେବ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଏଥିପାଇଁ ସର୍ବୋଚ୍ଚ ଅଦାଲତ ସାରା ଦେଶ ନିମନ୍ତେ ଏକ ମାର୍ଗଦର୍ଶିକା ଆଣିବେ। ଜଣେ ବ୍ୟକ୍ତି କେବଳ ଅଭିଯୁକ୍ତ କିମ୍ବା ଏପରିକି ଦୋଷୀସାବ୍ୟସ୍ତ ହୋଇଥିଲେ ମଧ୍ୟ ଏହାକୁ କାରଣ ଭାବେ ଦର୍ଶାଇ ତାଙ୍କ ଘରକୁ ଭଙ୍ଗାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ତେବେ ସର୍ବସାଧାରଣ ସ୍ଥାନ, ରାସ୍ତା, ଫୁଟ୍‌ପାଥ, ସରକାରୀ ଜମି, ଜଙ୍ଗଲ, ଜଳଉତ୍ସ ଭଳି ସ୍ଥାନରେ ଜବରଦଖଲକୁ ସୁରକ୍ଷା ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଏବଂ ଜବରଦଖଲ ଉଚ୍ଛେଦ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ଧର୍ମ ନିର୍ବିଶେଷରେ ସମସ୍ତ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ। କୌଣସି ନିର୍ଦ୍ଦିଷ୍ଟ ଧର୍ମ ପାଇଁ ଅଲଗା ଆଇନ ହୋଇପାରିବ ନାହିଁ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ବିଭିନ୍ନ ରାଜ୍ୟରେ ଅପରାଧରେ ଅଭିଯୁକ୍ତ ବ୍ୟକ୍ତିଙ୍କ ସମେତ ଅନ୍ୟମାନଙ୍କ ଘରକୁ ପ୍ରଶାସନ ବୁଲ୍‌ଡୋଜରରେ ଭାଙ୍ଗିଦେଉଥିବାରୁ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ଏକାଧିକ ମାମଲାର ଶୁଣାଣିବେଳେ ଖଣ୍ଡପୀଠ ଏହା କହିଛନ୍ତି। ଜବରଦଖଲ ଉଚ୍ଛେଦ ନେଇ ସମସ୍ତ ନାଗରିକଙ୍କ ପାଇଁ ସର୍ବୋଚ୍ଚ ଅଦାଲତ ଗାଇଡ୍‌ଲାଇନ ଆଣିବେ ବୋଲି କହିବା ସହ ରାୟ ସଂରକ୍ଷିତ ରଖିଛନ୍ତି।

ଧର୍ମ ଓ ବିଶ୍ୱାସ ନିର୍ବିଶେଷରେ କୌଣସି ବ୍ୟକ୍ତି ବେଆଇନ ଭାବେ କରିଥିବା ନିର୍ମାଣକୁ ହଟାଇବାକୁ ପଡ଼ିବ। ଅଦାଲତଙ୍କ ଅନୁମତି ବିନା ଅକ୍ଟୋବର ୧ ପର୍ଯ୍ୟନ୍ତ କୌଣସି ଘର ନ ଭାଙ୍ଗିବା ପାଇଁ ସେପ୍ଟେମ୍ବର ୧୭ରେ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ମାମଲାର ଫଇସଲା ହେବା ପର୍ଯ୍ୟନ୍ତ ଉକ୍ତ ନିର୍ଦ୍ଦେଶନାମା ବଳବତ୍ତର ରହିବ। ଲୋକଙ୍କ ସୁରକ୍ଷା ଓ ଜନସ୍ୱାର୍ଥ ସର୍ବାଗ୍ରେ ହୋଇଥିବାରୁ ରାସ୍ତା ମଝିରେ ନିର୍ମାଣ ହୋଇଥିବା ଧର୍ମୀୟ ଢାଞ୍ଚା ହଟାଇବାକୁହେବ ବୋଲି ପ୍ରଥମ ଦିନରୁ ଆମେ କହିଥିଲୁ। ଅଦାଲତ ଯାହା ନିର୍ଦ୍ଦେଶ ଦେବେ ତାହା ସାରା ଦେଶରେ ଲାଗୁହେବ। ତେବେ ଏହା ଯେପରି କୌଣସି ସର୍ବସାଧାରଣ ସ୍ଥାନ ଅବରୋଧ କରିବାରେ ସହାୟକ ନ ହୁଏ, ତାହା ନିଶ୍ଚିତ କରାଇବା ଦିଗରେ ଆମେ ଯତ୍ନବାନ୍ ହେବୁ ବୋଲି ଖଣ୍ଡପୀଠ କହିଛନ୍ତି।

ଶୁଣାଣି ବେଳେ ଖଣ୍ଡପୀଠ ଆହୁରି କହିଛନ୍ତି, ଜବରଦଖଲ ଉଚ୍ଛେଦ ପାଇଁ ମାଲିକଙ୍କ ପାଖକୁ ରେଜିଷ୍ଟ୍ରି ପୋଷ୍ଟରେ ନୋଟିସ ପଠାଇବାକୁ ହେବ। ଏଥିସହିତ ସେଗୁଡ଼ିକ ଅନ୍‌ଲାଇନ ପୋର୍ଟାଲରେ ପ୍ରଦର୍ଶିତ ହେବା ଆବଶ୍ୟକ, ଯାହା ଫଳରେ ଏହାର ଡିଜିଟାଲ ରେକର୍ଡ ରହିବ। କର୍ତ୍ତୃପକ୍ଷ ଦେଉଥିବା ନିର୍ଦ୍ଦେଶ କେତେଦୂର ଠିକ୍ ତାହା ବିଚାର ବିଭାଗ ତଦାରଖ କରିପାରିବ। ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶନାମା ଜାରି ଏବଂ ଏହାକୁ କାର୍ଯ୍ୟକାରୀ କରିବା ମଧ୍ୟରେ ୧୦ରୁ ୧୫ ଦିନ ସମୟ ଦିଆଯିବା ଆବଶ୍ୟକ, ଯେପରି ଲୋକମାନେ ବିକଳ୍ପ ବ୍ୟବସ୍ଥା କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ଉଚ୍ଛେଦକୁ ବିରୋଧ କରି ମହିଳା ଓ ଛୋଟ ପିଲାମାନେ ☞ପୃଷ୍ଠା–୭

**ଆଜିର ସମ୍ପାଦକୀୟ**

**କାର୍ଯ୍ୟକାରୀ ହେବନାହିଁ**

# ଦିଲ୍ଲୀ ପ୍ରବେଶ ପୂର୍ବରୁ ସୋନମ୍ ୱାଙ୍ଗ୍‌ଚୁକ୍ ଅଟକ

- ଥାନାରେ ଲଦାଖର ୧୨୦ ଆନ୍ଦୋଳନକାରୀ
- ନିନ୍ଦାକଲା କଂଗ୍ରେସ
- ହାଇକୋର୍ଟରେ ପିଆଇଏଲ୍

ନୂଆଦିଲ୍ଲୀ,୧।୧୦(ପି.ଟି.)




ଲଦାଖର ପରିବେଶବିତ୍ ସୋନମ ୱାଙ୍ଗଚୁକ୍‌ଙ୍କୁ ଦିଲ୍ଲୀ ପୋଲିସ ଉଠାଇ ନେଉଛି।


କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ସାମିଲ ଦାବିରେ ଜାତୀୟ ରାଜଧାନୀ ଅଭିମୁଖେ ଶୋଭାଯାତ୍ରାରେ ଯାଉଥିବା ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ ସମେତ ଲଦାଖର ୧୨୦ ଜଣଙ୍କୁ ଦିଲ୍ଲୀ ସୀମାରେ ପୋଲିସ ଅଟକ ରଖିଛି। ସେମାନଙ୍କୁ ଆଲିପୁର ଏବଂ ସହର ସୀମାରେ ଥିବା ଅନ୍ୟାନ୍ୟ ଥାନାକୁ ନିଆଯାଇଛି। ୱାଙ୍ଗଚୁକ୍ ଓ ଅନ୍ୟମାନେ ☞ପୃଷ୍ଠା–୭



ମହାମାନବ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ଶ୍ରଦ୍ଧାଞ୍ଜଳି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ, ସ୍ଥାନ: କଂଗ୍ରେସ ଭବନ, ୟୁନିଟ୍-୨, ସମୟ: ସକାଳ ୭ଟା।
- ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୫ତମ ଜୟନ୍ତୀ, ସ୍ଥାନ: ବାଲିଅନ୍ତାସ୍ଥିତ ଗାନ୍ଧୀ ପୀଠ, ସମୟ: ସକାଳ ୮ଟା।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ, ସ୍ଥାନ: ବିଧାନସଭା ପ୍ରାଙ୍ଗଣ, ସମୟ: ସକାଳ ୮ଟା ୪୦।
- ଗାନ୍ଧୀ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଗୋଷ୍ଠୀଗୃହ, ବ୍ରହ୍ମେଶ୍ୱର ପାଟଣା, ସମୟ: ସକାଳ ୯ଟା।
- ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: ନେତାଜୀ ଖେଳ ପଡ଼ିଆ, ଏକାମ୍ର ନିର୍ବାଚନ ମଣ୍ଡଳୀ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ, ସ୍ଥାନ: ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍ତର ଭୁବନେଶ୍ୱର ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: ରେନ୍‌ବୋ ହୋଟେଲ, ଇନ୍ଦ୍ରଧନୁ ମାର୍କେଟ, ସମୟ: ଅପରାହ୍ନ ୪ଟା ୩୦।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ 'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୪୫।
- ଟପ୍ ୨୦ ମୋଷ୍ଟ ଇନ୍‌ସ୍ପିରେଶନାଲ ପର୍ସନାଲିଟିଜ୍ ଅଫ୍ ଓଡ଼ିଶା ଆୱାର୍ଡ, ସ୍ଥାନ: ମେ ଫେୟାର କନ୍‌ଭେନ୍‌ଶନ, ସମୟ: ସନ୍ଧ୍ୟା ୬ଟା।
- ନାଟକ 'ସ୍ୱର୍ଗ ୦ କି.ମି.', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଭାଜପା କଟକ ନଗର ପକ୍ଷରୁ ଜିଲା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ଭାଜପା କଟକ ନଗର ପକ୍ଷରୁ ଚିକିତ୍ସା ଶିବିର, ସ୍ଥାନ: ତୁଳସୀପୁର ପୋଲିସ କଲୋନୀ ସମ୍ମୁଖ ତଅାଁଳା ସାହି, ସମୟ: ସକାଳ ୯ଟା ୩୦।
- ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖ, ହାଇକୋର୍ଟ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ମହାତ୍ମାଗାନ୍ଧୀଙ୍କ ୧୫୫ ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ, ସ୍ଥାନ: ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠ, ପୂର୍ବାହ୍ନ: ୧୦ଟା ୩୦।

## ପୁରୀ

- ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ଗ୍ରାମ ସଭା, ସ୍ଥାନ: ଜୟପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ନିମାପଡ଼ା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ନୂତନ ବସଷ୍ଟାଣ୍ଡ ପରିସର, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଜଟଣୀ ୟୁଥ୍ ଫେଡେରେଶନର ପ୍ରତିଷ୍ଠା ଦିବସ ଏବଂ ମହାତ୍ମା ଗାନ୍ଧୀ ଓ ଲାଲବହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଥାନା ଛକ, ଜଟଣୀ, ସମୟ ସକାଳ ୭ଟା।
- ଜଟଣୀ ବିକାଶ ପରିଷଦ ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ଉତ୍ସବ, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୭ଟା।
- ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ବିଧାୟକଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ପାର୍କ, ଜଟଣୀ, ସମୟ: ସକାଳ ୮ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ, ସ୍ଥାନ: ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ, ବାଲେଶ୍ୱର -ରାମଧୁନ, ସମୟ: ପ୍ରାତଃ ୪ଟା। ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସମୟ: ସକାଳ ୯ଟା। ସର୍ବଧର୍ମ ପ୍ରାର୍ଥନା ସଭା ଓ ଆଶ୍ରମ ଭଜନ, ସମୟ: ସକାଳ ୯ଟା ୩୦। ପୁରସ୍କାର ବିତରଣ ଓ ଆଲୋଚନା ଚକ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ଥାନା ବଜାର, ଜଳେଶ୍ୱର, ସମୟ: ସକାଳ ୭ଟା।
- ଓଡ଼ିଶା ସ୍ୱାଭିମାନ ପରିଷଦ ଓ ରକ୍ତଦାତା ସଂଘ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ହୀରାପୁର, ରୂପସା, ସମୟ: ସକାଳ ୭ଟା ୩୦।
- କଂଗ୍ରେସ ପକ୍ଷରୁ ଗାନ୍ଧୀ ଜୟନ୍ତୀ, ସ୍ଥାନ: କଂଗ୍ରେସ ଭବନ, ଭୋଗରାଇ, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ସାମୂହିକ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ପାର୍କ, ସିନେମା ଛକ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ବିଜେଡିର ପଦଯାତ୍ରା, ସ୍ଥାନ: ବାବା ସ୍ୱପ୍ନେଶ୍ୱର ମନ୍ଦିର, ବରହମପୁର, ସମୟ: ପୂର୍ବାହ୍ନ ୯ଟା।
- ବିଜେଡି ପକ୍ଷରୁ ଭାଜପା ସରକାରଙ୍କ ବିଫଳତା ନେଇ ବିରୋଧ, ସ୍ଥାନ: ବାଉଁଶପାଳ ପଡ଼ିଆ, ଧରମପୁର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- 'ସହାୟକ'ର ଅଷ୍ଟାଦଶତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଆତିଥ୍ୟଭବନ, ବିବେକାନନ୍ଦ ମାର୍ଗ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଅସ୍ତି ପଞ୍ଚାୟତ ଅଫିସ୍ ପ୍ରାଙ୍ଗଣ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଜନସମ୍ପର୍କ ପଦଯାତ୍ରା ପାଇଁ ବିଜେଡିର ପ୍ରସ୍ତୁତି ବୈଠକ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଖଇରା, ସମୟ: ଅପରାହ୍ନ ୩ଟା।
- ହାଇସ୍କୁଲ ସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଦଳୀୟ ବିଜେଡି ର ସାଧାରଣ ସଭା, ସ୍ଥାନ: ମା' କଲ୍ୟାଣ ମଣ୍ଡପ, ସିମୁଳିଆ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବାସୁଦେବପୁର ପୌରପାଳିକାର ସ୍ୱଚ୍ଛତା ସେବା ପକ୍ଷ ଉଦ୍‌ଯାପନୀ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ୍, ସମୟ: ସକାଳ ୭ଟା।
- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ବନ୍ତ, ସମୟ: ସକାଳ ୭ଟା।
- ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ମଞ୍ଜୁରୀ ଗାନ୍ଧୀ ଆଶ୍ରମ, ଭଣ୍ଡାରିପୋଖରୀ, ସମୟ: ସକାଳ ୮ଟା।
- ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଓ ମାଲ୍ୟାର୍ପଣ, ସ୍ଥାନ: ଗାନ୍ଧୀ ପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା।
- ଗାନ୍ଧୀ ଜୟନ୍ତୀରେ ପଦଯାତ୍ରା, ସ୍ଥାନ: ଗାନ୍ଧୀପଡ଼ିଆରୁ ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୮ଟା।
- ଗାନ୍ଧୀ ଜୟନ୍ତୀ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ମହତାବ କୋଠୀ, ଭଦ୍ରକ, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: କେନ୍ଦୁଆପଦା ହାଇସ୍କୁଲ, ବନ୍ତ, ସମୟ: ସକାଳ ୯ଟା।
- ଗାନ୍ଧୀ ଜୟନ୍ତୀ ଅବସରରେ ସାଧାରଣ ସଭା, ସ୍ଥାନ: ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ କୃଷକ ସମାବେଶ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦେଶାତ୍ମବୋଧକ କବିତା ସମ୍ମିଳନୀ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ଯୋଗେ ଏକଲବ୍ୟ ସ୍କୁଲ୍ ଉଦ୍‌ଘାଟନ, ସ୍ଥାନ: ପାଟଣା ବ୍ଲକ ଏରେଣ୍ଡେଇ, ସମୟ: ଅପରାହ୍ନ ୨ଟା।

## ମୟୂରଭଞ୍ଜ

- ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ରୁରାଲ ଏକାଡେମୀ, ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ସକାଳ ୭ଟା।
- ବାପୁଜୀଙ୍କ ବାଣୀ ସମ୍ବଳିତ ସଚେତନତା ରାଲି, ସ୍ଥାନ: କଲେକ୍ଟରେଟଠାରୁ ଗାନ୍ଧୀ ପାର୍କ, ବାରିପଦା,ସମୟ: ସକାଳ ୭ଟା୩୦।
- ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳନ ଏବଂ ମାଲ୍ୟାର୍ପଣ। ସ୍ଥାନ: ଗାନ୍ଧୀ ପାର୍କ, ବାରିପଦା,ସମୟ: ସକାଳ ୮ଟା।
- ଆମ 'ଦୁର୍ଗାପୂଜା' କମିଟି ପକ୍ଷରୁ ଖଡ୍‌ଗ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ସପ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣ,ସମୟ:ସକାଳ ୮ଟା।
- ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ୍, ରାଇରଙ୍ଗପୁର, ସମୟ: ସକାଳ ୯ଟା।
- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ,ସ୍ଥାନ: ଚିତ୍ରଡ଼ା ଶୀର୍ଷାପାଳ ଛକ, ମୋରଡ଼ା ବ୍ଲକ, ସମୟ: ସକାଳ ୯ଟା।
- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଓ ଆଲୋଚନା ଚକ୍ର, ସ୍ଥାନ: ଉଦଳା ବ୍ଲକ ସଭାଗୃହ,ସମୟ: ସକାଳ ୯ଟା।
- ଭକ୍ତି ଜ୍ଞାନ ସଞ୍ଚାର ସମିତି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଏବଂ ଆଲୋଚନା ଚକ୍ର, ସ୍ଥାନ: ଆମେ ଭଞ୍ଜ କଳାକାର ସଭାଗୃହ, ଉଦଳା, ସମୟ: ସକାଳ ୯ଟା।
- ଏକଲବ୍ୟ ସ୍କୁଲ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ପୁରୁଣା ବାରିପଦା,ଗୋପବନ୍ଧୁ ନଗର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍‌ର କ୍ୱାଟର ଫାଇନାଲ ମ୍ୟାଚ, ମୟୂରଭଞ୍ଜ ବନାମ ଢେଙ୍କାନାଳ, ସ୍ଥାନ: ଆଥ୍‌ଲେଟିକ ଆସୋସିଏଶନ ଷ୍ଟାଡିୟମ ପଡ଼ିଆ,ବାରିପଦା, ସମୟ: ଅପରାହ୍ନ ୩ଟା ୩୦।
- ଗାନ୍ଧୀଜୀଙ୍କ ନୀତି ଆଦର୍ଶ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଭାଜପା ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ଗାନ୍ଧୀ ଛକ, ସମୟ: ସକାଳ ୮ଟା।
- ଜିଲା ବିଜେଡିର ପଦଯାତ୍ରା, ସ୍ଥାନ: ଗାନ୍ଧୀ ପ୍ରତିମୂର୍ତ୍ତି ଛକ, ସମୟ: ସକାଳ ୮ଟା।
- ଭାଜପା ମହିଳା ମୋର୍ଚ୍ଚାର ସମୀକ୍ଷା ବୈଠକ, ସ୍ଥାନ: ଗିରି ରୋଡ, ସମୟ: ସକାଳ ୯ଟା ।

## ଗଞ୍ଜାମ

- ମେଗା ରକ୍ତଦାନ ଶିବିର, ସ୍ଥାନ: ବେଲଗୁଣ୍ଠା ବ୍ଲକ ତନରଡ଼ା ଆଇଆର୍‌ବି କ୍ୟାମ୍ପ, ସମୟ: ସକାଳ ୮ଟା।
- ସାମୁହିକ ସଫେଇ, ସ୍ଥାନ: ଆସିକା ଉପଖଣ୍ଡ ଚିକିତ୍ସାଳୟ ପରିସର, ସମୟ: ସକାଳ ୮ଟା।
- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସ୍ଥାନ: ବୁଗୁଡ଼ା ବୁଦ୍ଧଖୋଲ,ସମୟ: ସକାଳ ୮ଟା।
- ବିଜେଡିର ଜନସମ୍ପର୍କ ପଦଯାତ୍ରା,ସ୍ଥାନ: ଆସିକା ଏନ୍‌ଏସି ରଘୁନାଥନଗର, ସମୟ: ସକାଳ ୯ଟା ୩୦।
- ସ୍ୱଚ୍ଛ ଭାରତ ଦିବସ ପାଳନ, ସ୍ଥାନ: ଛତ୍ରପୁରସ୍ଥିତ ଜିଲା ପରିଷଦ ରଷିକୁଲ୍ୟା କନଫରେନ୍ସ ହଲ,ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଏସି କାଉନସିଲ ବୈଠକ, ସ୍ଥାନ: ବୁଗୁଡ଼ା ଏନଏସି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସେଭେନ ୱଣ୍ଡର ସ୍ମାର୍ଟପାର୍କ ଉଦ୍‌ଘାଟନ, ସ୍ଥାନ: ଛତ୍ରପୁର ନିୟୁ ପୋଲିସ ଲାଇନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦୁଵ ଅତ୍ୟାଧୁନିକ ମାଛ ବଜାର ଉଦଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ଲକ୍ଷ୍ମୀ ବିହାର, ସମୟ: ଅପରାହ୍ନ ୩ ଟା।

## କନ୍ଧମାଳ

- ନବରାତ୍ର ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ବାଲିଗୁଡ଼ା ମା' ପାଟଖଣ୍ଡା ମନ୍ଦିରରୁ ଆରମ୍ଭ, ସମୟ: ସକାଳ ୯ଟା।

## ଢେଙ୍କାନାଳ

- ସ୍ୱଚ୍ଛତା ଦିବସ ପାଳନ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ:ସକାଳ ୮ଟା।

## ଜଗତ୍‌ସିଂହପୁର

- ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବଡିଘର ପାଖ ବେଳାଭୂମି, ନୂଆବଜାର, ପାରାଦୀପ,ସମୟ: ସକାଳ ୭ଟା।
- ନୀଳଚକ୍ର ୟୁଥ୍ କ୍ଲବ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଅଠରବାଙ୍କୀ ଲକ୍‌ପଡା, ପାରାଦୀପ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ୧୫୫ତମ ଗାନ୍ଧୀ ଜୟନ୍ତୀ ସମାରୋହ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ସକାଳ ୯ଟା।
- ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ସକାଳ ୯ଟା।
- ପାରାଦୀପ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥଳ, ଏଡିଏମ୍ ଅଫିସ ପାଖ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା ୪୫ମିନିଟ୍।
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଚାଲିଥିବା ସ୍ୱଚ୍ଛତା ପକ୍ଷର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଦର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ମଦ ବିରୋଧୀ ଅଭିଯାନର ଜିଲାସ୍ତରୀୟ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା, ସ୍ଥାନ: ଜଗତ୍‌ସିଂହପୁର ଥାନା ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଦିବସ ପାଳନ, ସ୍ଥାନ: ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- କେନ୍ଦ୍ରାପଡ଼ା ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଗରାପୁର, କେନ୍ଦ୍ରାପଡ଼ା ସମୟ: ସକାଳ ୮ଟା।
- ପାଟକୁରା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ବିଚଣା, ପଦ୍ମପୁର, ଗରଦପୁର, ସମୟ: ସକାଳ ୮ଟା।

## ଯାଜପୁର

- ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ବଡ଼ଚଣା ବ୍ଲକ୍‌ର ବୈରୀଠାରୁ ଚମ୍ପାପୁର ପର୍ଯ୍ୟନ୍ତ, ସମୟ: ସକାଳ ୮ଟା।
- ଧର୍ମଶାଳା ପ୍ରେସ୍ କ୍ଲବ ଓ ଜାରକା ରୋଟାରୀ କ୍ଲବ ମିଳିତ ଆନୁକୂଲ୍ୟରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଗୋକର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛତା ପକ୍ଷ ପାଳନ, ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା ଓ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ରସୁଲପୁର ବ୍ଲକ୍‌ର ଭୋଟକା ପଞ୍ଚା ୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସାହିତ୍ୟ ସଂସ୍କୃତି ସମାରୋହ-୨୦୨୪, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ,ସମୟ : ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଓ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ, ସ୍ଥାନ : ଯାଜପୁର ଜିଲା ସ୍କୁଲ ଓ ଇଣ୍ଡୋର ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶୋଡଷ ଦିବସୀୟ ପୂଜାର ନବମ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀ ପାଖ, କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ଦିବ୍ୟାଙ୍ଗ ସେବା ଗ୍ରାମ ବାଉଁଶିଆ ଶରଣକୁଳ, ସମୟ: ସକାଳ ୯ଟା।
- ଗାନ୍ଧୀ ଜୟନ୍ତୀ ଅବସରରେ ତ୍ରିରଙ୍ଗା ଶୋଭାଯାତ୍ରା , ସ୍ଥାନ: ନୟାଗଡ଼ ସହର ତ୍ରିନାଥ ଛକ, ସମୟ: ସକାଳ ୯ଟା।
- ଗାନ୍ଧୀ ଜୟନ୍ତୀ ଅବସରରେ ଗାନ୍ଧୀ ଦର୍ଶନ ଓ ବିଚାର ପ୍ରାସଙ୍ଗିକତା ଉପରେ ଆଲୋଚନା ଚକ୍ର , ସ୍ଥାନ: ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପାଡ଼ୀ ଟ୍ୟୁଟୋରିଆଲର ବାର୍ଷିକୋତ୍ସବ, ସ୍ଥାନ: ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଶୋଡଷ ଦିବସୀୟ ପୂଜାର ନବମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ମହାତ୍ମା ଗାନ୍ଧୀ ପ୍ରମୋଦ ଉଦ୍ୟାନ, ରାୟଗଡା, ସମୟ: ସକାଳ ୮ ଟା ୧୫।
- ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସକାଳ: ୯ଟା।
- ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା, ସ୍ଥାନ: ମୁନିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଜିଲା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ରାୟଗଡ଼ା କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବଣିକ ସଂଘର ସଫେଇ କାର୍ଯକ୍ରମ,ସ୍ଥାନ: ଝରିଗାଁ, ସମୟ: ସକାଳ ୭ଟା।
- ମହାତ୍ମା ଗାନ୍ଧୀ, ଲାଲବହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଆଲୋଚନାଚକ୍ର, ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ନବରଙ୍ଗପୁରସ୍ଥିତ ନୋଡାଲ ଆର୍‌ସିଡି ହାଇସ୍କୁଲ, ସମୟ: ସକାଳ ୯ଟା।
- ଜିଲାଭିତ୍ତିକ ନିଯୁକ୍ତି ନେଇ ଗଣ ଧାରଣା, ସ୍ଥାନ: ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ସ୍କୁଲରେ ଗାନ୍ଧୀ ଜୟନ୍ତୀ: ସ୍ଥାନ: ଝରିଗା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାସ୍ତରୀୟ ଶାସ୍ତ୍ରୀ ଜୟନ୍ତୀ, ସ୍ଥାନ: କୋରାପୁଟ ଆର୍‌ସିଏଫ୍ କାର୍ଯ୍ୟାଳୟ ସମ୍ମୁଖ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ନିକଟ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ, ସ୍ଥାନ: କୋରାପୁଟ ଗାନ୍ଧୀ ପାର୍କ, ସମୟ: ସକାଳ ୯ଟା।

## ମାଲକାନଗିରି

- ଗଣଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଏକଲବ୍ୟ ବିଦ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ମାଥିଲି ବ୍ଲକ ମେଣ୍ଟୁକୁଲି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସମଲେଇ ଦେବୀଙ୍କ ଧବଳମୁଖୀ ବେଶ ଦର୍ଶନ, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସମୟ : ସକାଳ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ : ଭତରା ଗାନ୍ଧୀ ମନ୍ଦିର, ସମୟ ସକାଳ : ୮ଟା।
- ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳ ତର୍ପଣ : ସ୍ଥାନ : ମହାନଦୀ ଅଯୋଧ୍ୟା ସରୋବର, ସମୟ : ସକାଳ ୮ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୮ଟା।
- ନନ୍ଦପଡା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳ ତର୍ପଣ, ସ୍ଥାନ : ମହାନଦୀ ନନ୍ଦପଡା ଘାଟ, ସମୟ : ସକାଳ ୮ଟା।
- ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳ ତର୍ପଣ, ସ୍ଥାନ : ମହାନଦୀ ଭତରା ଘାଟ, ସମୟ : ସକାଳ ୮ଟା।
- ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳ ତର୍ପଣ , ସ୍ଥାନ : ମହାନଦୀ ହୁମା ଘାଟ , ସମୟ : ସକାଳ ୮ଟା।
- ଏମ୍ସ ଫାଉଣ୍ଡେଶନ ପକ୍ଷରୁ ଚକ୍ଷୁ ଓ ଅଙ୍ଗଦାନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଶ୍ୱରୀ ମନ୍ଦିର ପରିସର, ସମୟ : ସକାଳ ୯ଟା ୩୦।
- ଜିଲା ବିଜେଡି ପକ୍ଷରୁ ପଦଯାତ୍ରା, ସ୍ଥାନ : ଭତରା ଗାନ୍ଧୀ ମନ୍ଦିର, ସମୟ : ସକାଳ ୯ଟା ୩୦।
- ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଟୁର୍ନାମେଣ୍ଟ ପୁଲ-ବି ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତି, ସ୍ଥାନ : ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ସମାରୋହ ଉପଲକ୍ଷେ ସର୍ବଧର୍ମ ପ୍ରାର୍ଥନା ସଭା ଓ ଆଲୋଚନାଚକ୍ର, ସ୍ଥାନ: ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳ, ଗାନ୍ଧୀନଗରପଡ଼ା, ବଲାଙ୍ଗୀର, ସମୟ: ସକାଳ ୮ଟା।
- ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗାନ୍ଧୀଭବନ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦।

## ସୁବର୍ଣ୍ଣପୁର

- ବିଜେଡିର ପଦଯାତ୍ରା, ସ୍ଥାନ: ବୀରମହାରାଜପୁର, ସମୟ: ପୂର୍ବାହ୍ନ୧୦ଟା।
- ତୁଳସୀ ରାମାୟଣ ପଠନ,ସ୍ଥାନ: ଲୁତୁର ପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ,ସ୍ଥାନ: ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ,ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଗାନ୍ଧୀ ଜୟନ୍ତୀରେ ରାମଧୂନ, ପ୍ରଭାତଫେରୀ, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ପ୍ରାତଃ ୫ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଆରଏମସି ମାର୍କେଟ୍, ଅତାବିରା, ସମୟ: ସକାଳ ୯ଟା।
- ପଦ୍ମପୁର ଉପଖଣ୍ଡସ୍ତରୀୟ ନୂଆଁଖାଇ ଭେଟଘାଟ୍, ସ୍ଥାନ: ହାଇସ୍କୁଲ ପଡ଼ିଆ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଗାନ୍ଧୀ ଜୟନ୍ତୀ, ସ୍ୱଚ୍ଛ ଭାରତ ଅଭିଯାନ, ସ୍ଥାନ: ପାର୍ବତୀ ଗିରି ମହିଳା କଲେଜ, ବରଗଡ଼, ସମୟ: ଅପରାହ୍ନ ୨ଟା ୩୦।
- ମିଶନ ଆରୋଗ୍ୟମ ଅକ୍ସିଜେନ ଥେରାପି ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।
- ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଗାନ୍ଧୀ ଜୟନ୍ତୀ ସଭା, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା

- ଗ୍ରାମ ଦେବଙ୍କ ପୂଜନ, ସ୍ଥାନ: ସହରସ୍ଥିତ ବୁଡ଼ାପଡ଼ା ଗ୍ରାମ ମଣ୍ଡପ, ସମୟ: ସକାଳ ୭ଟା।
- ଗାନ୍ଧୀଜିଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ ଗାନ୍ଧି ଛକ, ସମୟ: ସକାଳ ୭ଟା।
- ଗାନ୍ଧୀ ଜୟନ୍ତୀ ଉପଲକ୍ଷେ କବି ସମ୍ମିଳନୀ, ସ୍ଥାନ: ବେହେରାମାଳସ୍ଥିତ ସଂସ୍କୃତି ଭବନ, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼

- ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଭଷ୍ମା ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ସେକ୍ଟର-୪, ରାଉରକେଲା କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଆଇଟିଆଇ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଗାନ୍ଧୀ ଜୟନ୍ତୀ ସମାରୋହ, ସ୍ଥାନ: ଉଦିତନଗର ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ନେହୀ ସମାଜ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କବିତା ପାଠୋତ୍ସବ, ସ୍ଥାନ: ଇ-ଲାଇବ୍ରେରୀ ହଲ, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ: ସମୟ: ସକାଳ ୭ଟା ୩୦।
- ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ, ସ୍ଥାନ: ୱାର୍ଡ ନମ୍ବର ୯ର ଗୋହିରା ସାହି, ମିର୍ଗିଡ଼ିଆ ସାହି, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ, ସ୍ଥାନ: ବିନ୍ଧିପୁର ପ୍ରାଥମିକ ବିଦ୍ୟାଳୟ ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ, ସର୍ବଧର୍ମ ପ୍ରାର୍ଥନା ଓ ସ୍ମୃତିଚାରଣ ସଭା, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଗ୍ରସେନ ଜୟନ୍ତୀ ପାଳନ, ସ୍ଥାନ: ଅଗ୍ରେସନ ଭବନ, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଅବସରପ୍ରାପ୍ତ ସୈନିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମ ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଟାଉନହଲ ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- କେସିଙ୍ଗା ଏନ୍‌ଏସି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ବିଦ୍ୟାପୀଠ, ସମୟ: ଅପରାହ୍ନ ୩ଟା।
- ଏକଲବ୍ୟ ଆବାସିକ ମଡେଲ ସ୍କୁଲ ଉଦ୍‌ଘାଟନ, ସ୍ଥାନ: ସାଇସୁରନି, ଥୁଆମୂଳ ରାମପୁର ବ୍ଲକ, ସମୟ: ଅପରାହ୍ନ ୨ଟା।

## ନୂଆପଡ଼ା

- ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ନୂଆପଡ଼ା, ସମୟ: ସକାଳ ୮ଟା ୩୦।
- ଗାନ୍ଧୀ ଆଲୋଚନାଚକ୍ର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମହାପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ଅପରାହ୍ନ ୧ଟା।
- ନବମ ମା' ବସ୍ତ୍ରାଣି କପ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ:କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିଭୁଜ ଖେଳପଡିଆ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ସକାଳ ୮ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ କିନ୍ତୁ ମାନସିକ ସ୍ତରରେ ବ୍ୟସ୍ତତା ଲାଗିରହିବ। ଈର୍ଷା ପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁ ମନ୍ତବ୍ୟ ଦେଇ ପାରନ୍ତି। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ କିନ୍ତୁ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇପାରନ୍ତି।

**ବୃଷ** ପାରିବାରିକ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରି ଚଳିବା କାରଣରୁ ସାଂସାରିକ ଜୀବନ ସୁଖମୟ ହୋଇପାରେ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ବହୁତ ଦିନରୁ ହୃତ୍ ସମ୍ପର୍କ ପୁନଃ ବନ୍ଧୁଙ୍କ ମଧ୍ୟସ୍ଥତାରେ ପ୍ରତିଷ୍ଠିତ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାଧାରଣ ବଚସାରୁ ମନୋମାଳିନ୍ୟ ଘଟିପାରେ।

**ମିଥୁନ** ଶାରୀରିକ ଅବସ୍ଥାରେ ଉନ୍ନତି କାରଣରୁ ମାନସିକ ଆଶ୍ୱସ୍ତି ଲଭିବେ। ଘରର ବରାଦି ଅନୁସାରେ ଆଜିର ଫେରନ୍ତା ସମୟରେ ସୌଖୀନ ଦ୍ରବ୍ୟ କ୍ରୟକରି ପାରନ୍ତି। ପରିବାରର ସମର୍ଥନ ଲାଭ କରି ଅଭିଳଷିତ କାମକୁ ଅଗ୍ରଗାମୀ କରାଇପାରିବେ। କ୍ରୀଡ଼ା, ଚଳଚ୍ଚିତ୍ର ଓ ସଙ୍ଗୀତାଦି କ୍ଷେତ୍ରରୁ ସୁନାମ ଅର୍ଜନ କରିବାର ସୁଯୋଗ ରହିଛି।

**କର୍କଟ** ବନ୍ଧୁଙ୍କ ସହାୟତାରେ ଅଟକି ରହିଥିବା କାମ ଗୁଡ଼ିକ ତ୍ୱରାନ୍ୱିତ ହୋଇପାରିବ। ସାମାଜିକ ସ୍ତରରେ ଦୂରଦର୍ଶିତା ଅଭାବରୁ ସଙ୍ଗଦୋଷଜନିତ ସମାଲୋଚିତ ହୋଇପାରନ୍ତି। ସକାଳ ସମୟଟି ପ୍ରାୟତଃ ଭଲ ରହିବ ଓ ଆର୍ଥିକ ଦିଗରୁ ଉପକୃତ ହେବେ। କୌଣସି ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ସିଂହ** ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ଯାହା ଚିନ୍ତା କରୁଛନ୍ତି ତାହା ପାଇବେ। ଜମିଜମା କ୍ରୟବିକ୍ରୟ କଥା ଅଗ୍ରଗତି କରିଥିଲେ ଅବହେଳା ଯୋଗୁ ତାହା ହାତଛଡ଼ା ହୋଇପାରେ। ସାମାଜିକ ସ୍ତରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇ ଖୁସି ହେବେ।

**କନ୍ୟା** ଆଜି ନକାରାତ୍ମକ ଚିନ୍ତାଧାରା ମନକୁ ବେଶି ବିବ୍ରତ କରିପାରିବ ନାହିଁ। ଆର୍ଥିକ ଅନଟନ ଯୋଗୁ କାମଗୁଡ଼ିକ ସାମୟିକ ବାଧାପ୍ରାପ୍ତ ହୋଇପାରେ। ଆତ୍ମୀୟସ୍ୱଜନମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ।

**ତୁଳା** ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ, ଏଣୁ ସତର୍କ ରହିବା ଭଲ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଭ୍ରମଣ ସୁଯୋଗ ଲାଭ କରିବା ସହିତ ଅଭିଳଷିତ ଜିନିଷ ପାଇପାରିବେ।

**ବିଛା** ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତାର ସହ ତୁଲାଇ ପ୍ରଶଂସା ପାଇବେ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ସହ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ନିର୍ମାଣାଧୀନ କାମରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆର୍ଥିକ ସ୍ଥିତି ଭଲ ରହିଥିଲେ ମଧ୍ୟ କେତେକ କାରଣକୁ ନେଇ ଅନୁରାଧାର ମାନସିକ ସ୍ଥିତି ଭଲ ରହି ନ ପାରେ।

**ଧନୁ** ବନ୍ଧୁମାନେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ଲାଭକରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ।

**ମକର** ନିଃସହାୟ ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ କିନ୍ତୁ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ ଚାକିରିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**କୁମ୍ଭ** କୌଣସି ସନ୍ଦେହଜନକ ସ୍ଥିତିରେ ନୀରବତା ଅବଲମ୍ବନ କରି କଥାର ସତ୍ୟତାକୁ ଉପଲବ୍ଧି କରିବେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ ଓ ବିଜୟୀ ମଧ୍ୟ ହେବେ। କ୍ରନିକ୍ ରୋଗପୀଡ଼ା କାରଣରୁ ବାରମ୍ୱାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ମୀନ** ବନ୍ଧୁଙ୍କୁ ନ୍ୟାୟୋଚିତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରୁ ସୁଫଳ ପାଇବେ ଏବଂ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ସାଂସ୍କୃତିକ କାର୍ଯ୍ୟକ୍ରମରେ କିମ୍ବା ପ୍ରତିଯୋଗିତାରେ ଭାଗନେଲେ ସଫଳତା ପାଇବା ସହ ପ୍ରଶଂସିତ ହେବେ।

ଆଜି ଅକ୍ଟୋବର ୨ ତାରିଖ, ମହାମାନବ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ, ଅନ୍ତର୍ଜାତୀୟଅହିଂସାଦିବସ,ଲାଲ୍‌ବାହାଦୁରଶାସ୍ତ୍ରୀଙ୍କଜୟନ୍ତୀ,ବିଶ୍ୱବନ୍ୟପ୍ରାଣୀ ସପ୍ତାହ (ଅକ୍ଟୋବର ୨ଠାରୁ ୮ ତାରିଖ), ମହାଳୟା ଅମାବାସ୍ୟା ବୁଧବାର, ଫୁଲୋରି ବ୍ରତ, ବଜ୍ରକାଳିକା ପୂଜା, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ଉତ୍ତରାଫାଲଗୁନୀ/କନ୍ୟା, ଦିବା ଘ.୧୨.୨୨ମି. ଗତେ ହସ୍ତା ନକ୍ଷତ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୮ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୪ମି. ଗତେ ଘ.୧୧.୪୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୫ମି. ଗତେ ଘ.୦୧.୦୪ମି. ମଧ୍ୟେ ରାହୁକାଳ।




# ୧୦ ପୌରସଂସ୍ଥାରେ ନୂଆ କାର୍ଯ୍ୟନିର୍ବାହୀ ଅଫିସର ନିଯୁକ୍ତି

ଭୁବନେଶ୍ୱର, ୧।୧୦(ସୁନିତ୍ ମିଶ୍ର)

ରାଜ୍ୟ ସରକାର ୧୦ଟି ପୌରସଂସ୍ଥାରେ ନୂଆ କାର୍ଯ୍ୟନିର୍ବାହୀ ଅଫିସରଙ୍କୁ ନିଯୁକ୍ତି ଦେଇଛନ୍ତି। କୋଣାର୍କ ଏନ୍ଏସି କାର୍ଯ୍ୟନିର୍ବାହୀ ଅଫିସର ଶ୍ୱେତପଦ୍ମା ଧଳଙ୍କୁ ଯୋଡ଼ା ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଫିସର ଭାବେ ବଦଳି କରାଯାଇଛି। ଯୋଡ଼ାରେ ଥିବା ଉମେଶ ଚନ୍ଦ୍ର ସାହୁଙ୍କୁ ଅତାବିରା ଏନ୍ଏସି କାର୍ଯ୍ୟନିର୍ବାହୀ ଅଫିସର ଭାବେ ନିଯୁକ୍ତି ମିଳିଛି। ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଓଏଏସ୍ ଅଫିସର ସୁଶାନ୍ତ କୁମାର ସାହୁଙ୍କୁ ସମ୍ବଲପୁର ମହାନଗର ନିଗମର ଏନ୍‌ଫୋର୍ସମେଣ୍ଟ ଅଫିସର, ନୀଳଗିରି ଏନ୍ଏସି କାର୍ଯ୍ୟନିର୍ବାହୀ ଅଫିସର ପ୍ରସନ୍ନ କୁମାର ଦାଶଙ୍କୁ ଛତ୍ରପୁର ଏନ୍ଏସିକୁ ବଦଳି କରାଯାଇଥିବା ବେଳେ ସେଠାରେ ଥିବା କାର୍ଯ୍ୟନିର୍ବାହୀ ଅଫିସର ୟାସିର ବିଲାଲ ଅହମ୍ମଦଙ୍କୁ ଛତ୍ରପୁର ଏନ୍ଏସି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପ୍ରମୋଦ କୁମାର ପାଢ଼ୀଙ୍କୁ ଗୋପାଳପୁର, ଜଗନ୍ନାଥ ବେହେରାଙ୍କୁ ଚମ୍ପୁଆ, ମାନସ ରଞ୍ଜନ ମଲ୍ଲିକଙ୍କୁ ଝାରସୁଗୁଡ଼ା, ଅରକ୍ଷିତ ଗୋଏଙ୍କାଙ୍କୁ କୋଣାର୍କ, ଅନିରୁଦ୍ଧ ପ୍ରଧାନଙ୍କୁ ବିଜେପୁର ଓ ସମରେଶ ମହାନ୍ତିଙ୍କୁ ନବରଙ୍ଗପୁର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଫିସର ଭାବେ ବଦଳି କରାଯାଇଛି।






# ବଢ଼ିବ ତାପମାତ୍ରା

## ବାଲେଶ୍ୱରରେ ୩୭ ଡିଗ୍ରୀ ସେଲସିୟସ୍ ରେକର୍ଡ

ଭୁବନେଶ୍ୱର,୧।୧୦ (ଅନୁରାଧା ମହାରଣା)

ରାଜ୍ୟରେ ଗତ ୨ଦିନ ଧରି କାଁଭାଁ ସ୍ଥାନରେ ବର୍ଷା ହୋଇଥିବାବେଳେ ଅଧିକାଂଶ ସ୍ଥାନରେ ତାତି ଓ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କରିଛି। ବାଲେଶ୍ୱରରେ ସର୍ବାଧିକ ୩୭ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ପ୍ରାୟ ୬ଟି ସ୍ଥାନରେ ତାପମାତ୍ରା ୩୬ରୁ ୩୭ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିଥିଲା। ରାଜ୍ୟର ୯ଟି ସ୍ଥାନରେ ୩୫ରୁ ୩୬ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ବୁଧବାର ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ତେବେ ଆସନ୍ତା ୪ଦିନ ରାଜ୍ୟରେ ବଡ଼ ଧରଣର ବର୍ଷା ସମ୍ଭାବନା ନ ଥିବାବେଳେ ତାପମାତ୍ରା ୨ରୁ ୩ଡିଗ୍ରୀ ବଢ଼ିପାରେ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ବାୟୁମଣ୍ଡଳରେ ଯଥେଷ୍ଟ ଆର୍ଦ୍ରତା ଥିବାରୁ ବର୍ତ୍ତମାନ ମୌସୁମୀ ଫେରିବା ପାଇଁ ପାଗ ଅନୁକୂଳ ନ ଥିବା ସେ କହିଛନ୍ତି। ୩ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଅନୁଗୋଳ, ଢେଙ୍କାନାଳ, ଯାଜପୁର ଆଦି ଜିଲାର କେତେକ ସ୍ଥାନକୁ ବାଦ୍ ଦେଲେ ରାଜ୍ୟର ଅନ୍ୟ ଅଞ୍ଚଳରେ ପାଗ ପ୍ରାୟ ଶୁଖିଲା ରହିବ।

# କାର୍ତ୍ତିକ ବ୍ରତ ପାଳନ ପାଇଁ ୨.୫୭ କୋଟି ମଞ୍ଜୁର

ଭୁବନେଶ୍ୱର,୧।୧୦ (ଅନିଲ ଦାସ)

କାର୍ତ୍ତିକ ମାସରେ ହବିଷିଆଳିମାନଙ୍କର ବ୍ରତ ପାଳନ ନିମନ୍ତେ ମଙ୍ଗଳବାର ରାଜ୍ୟ ସରକାର ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳକୁ ଅନୁମୋଦନ କରିଛନ୍ତି। ଏଥିସହିତ ହବିଷିଆଳି ମା' ମାନଙ୍କୁ କାର୍ତ୍ତିକ ମାସ ବ୍ରତ ପାଳନ ନିମନ୍ତେ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ସେ କହିଛନ୍ତି, କାର୍ତ୍ତିକ ମାସ ହେଉଛି ଧାର୍ମିକ ମାସ । ଏହି ମାସରେ ବ୍ରତ ପାଳନ ଦ୍ୱାରା ପୁଣ୍ୟ ଅର୍ଜନ ହୁଏ ବୋଲି


### ହବିଷିଆଳିଙ୍କୁ ବ୍ରତ ସମୟରେ ସମସ୍ତ ସୁବିଧା, ସହଯୋଗ ଯୋଗାଇ ଦିଆଯିବ: ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଆମ ଓଡ଼ିଆ ଜଗନ୍ନାଥ ସଂସ୍କୃତିରେ ବିଶ୍ୱାସ ରହିଛି । କାର୍ତ୍ତିକ ବ୍ରତ ପାଳନ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଅନେକ ହବିଷିଆଳି ମା' ଏକତ୍ରିତ ହୋଇଥାନ୍ତି। ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ ନିମନ୍ତେ ଚଳିତ ବର୍ଷ ସରକାରଙ୍କ ତରଫରୁ ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳ ଅନୁମୋଦନ କରାଯାଇଛି। ସେମାନଙ୍କ ପାଇଁ ଦୀର୍ଘ ୧ ମାସ ଧରି ପୁରୀରେ ବିଭିନ୍ନ ହବିଷିଆଳି କେନ୍ଦ୍ରରେ ସୁରକ୍ଷିତ ରହଣି ବ୍ୟବସ୍ଥା, ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ-କୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯିବ। ଏଥିସହିତ ପବିତ୍ର କାର୍ତ୍ତିକ ମାସରେ ହବିଷିଆଳିମାନେ ଯେପରି ନିଜର ବ୍ରତ ପାଳନ ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏହାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ଚଳିତବର୍ଷ ଅକ୍ଟୋବର ୧୮ ତାରିଖରୁ କାର୍ତ୍ତିକ ମାସ ବ୍ରତ ଆରମ୍ଭ ହେବ। ଏହି ସମୟରେ ପୁରୀରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ସରକାରଙ୍କ ତରଫରୁ ବିଶେଷ ଭାବରେ ହବିଷିଆଳିମା'ମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଗାଡ଼ି ବ୍ୟବସ୍ଥା ଓ ସ୍ୱେଚ୍ଛାସେବୀ ମୁତୟନ କରିବା, ଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ ଆଦିକୁ ଅଗ୍ରାଧିକାର ଭିତ୍ତିରେ ସୁନିଶ୍ଚିତ କରାଯିବ ବୋଲି ସୂଚନା ମିଳିଛି ।

# ଓଡ଼ିଶାରେ ଦେଖାଗଲା ଧୂମକେତୁ 'ସି/୨୦୨୩ ଏ-୩'

ଭୁବନେଶ୍ୱର, ୧।୧୦ (ବନ୍ଦନା ସେଠୀ)


ଅକ୍ଟୋବର ୧ ମଙ୍ଗଳବାର ଭୋର୍ ସମୟରେ ଓଡ଼ିଶା ସମେତ ଦେଶର କେତେକ ସ୍ଥାନରେ 'ସି/୨୦୨୩ ଏ-୩' ଧୂମକେତୁ ଦେଖାଦେଇଛି। ଅଳ୍ପ ସମୟ ପାଇଁ ଦୃଶ୍ୟମାନ ହୋଇଥିବା ଏହି ଧୂମକେତୁ ସାଧାରଣ ଦୂରବୀକ୍ଷଣ ଓ ବାଇନାକୁଲାର୍‌ରେ ଦେଖାଯାଇଥିଲା। 'ସି/୨୦୨୩ ଏ-୩'ଧୂମକେତୁ ଅକ୍ଟୋବର ୧୫ ରୁ ୨୦ ତାରିଖ ପର୍ଯ୍ୟନ୍ତ ଖାଲି ଆଖିକୁ ଦେଖାଯିବାର ସମ୍ଭାବନା ରହିଛି। ଅକ୍ଟୋବର ୧୨ତାରିଖରେ ଏହା ପୃଥିବୀର ପ୍ରାୟ ୭କୋଟି କିଲୋମିଟର




ଦୂର ନିକଟତମ ଅବସ୍ଥାକୁ ଆସିବ। ସେହିପରି ୧୫ ତାରିଖ ସନ୍ଧ୍ୟା ୬ଟା ୧୫ ସମୟରେ ପଶ୍ଚିମ ଦିଗ୍‌ବଳୟର ପ୍ରାୟ ୧୬ଡିଗ୍ରୀ ଉପରେ ଏହା ଦୃଶ୍ୟମାନ ହେବ। ପରେ ଧୀରେଧୀରେ ତଳୁଆ ଗତିକରି ପ୍ରାୟ ଅଧଘଣ୍ଟା ପରେ ଅସ୍ତ ହୋଇଯିବ। ପରବର୍ତ୍ତୀ ଦିନଗୁଡ଼ିକରେ ସେହି ଏକା ସମୟ ଅର୍ଥାତ୍ ସନ୍ଧ୍ୟା ୬ଟା ୧୫ରେ ପୂର୍ବଦିନ ଠାରୁ ପ୍ରାୟ ୪ଡିଗ୍ରୀ ଉପରେ ଦେଖାଯିବ। ସେହିପରି ପୂର୍ବଦିନ ତୁଳନାରେ ଅସ୍ତ ହେବାକୁ ୧୦ରୁ ୧୨ ମିନିଟ ଅଧିକ ସମୟ ନେବ। ଏହିପରି ଦିନ ପରେ ଦିନ ଧୀରେଧୀରେ ଏହା ଉପରକୁ ଉପରକୁ ଦେଖାଯାଇ ୨୦ ତାରିଖରେ ୩୬ଡିଗ୍ରୀ ଉପରେ ପହଞ୍ଚିବ। ଧୂମକେତୁ ସୂର୍ଯ୍ୟଠାରୁ ଦୂରେଇ ଯାଉଥିବା ଫଳରେ ଏହାର ଉଜ୍ଜଳତା କମିକମି ଯିବ ଏବଂ ୨୦ତାରିଖ ପରେ ଏହାକୁ ଖାଲି ଆଖିରେ ଦେଖିବା ସମ୍ଭବ ହେବନାହିଁ। 'ସି/୨୦୨୩ ଏ-୩' ଧୂମକେତୁ ୮୦ହଜାର ବର୍ଷ ପରେ ପୁନର୍ବାର ଦୃଶ୍ୟମାନ ହେବ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଧୂମକେତୁଟି ଖାଲି ଆଖିକୁ ଏକ ତାରା ଓ ତା'କୁ ଲାଗି ରହିଥିବା ମେଘ ଭଳିଆ ଛୋଟ ଝାମ୍ପା ଲାଞ୍ଜିଟିଏ ଭଳି ଦେଖାଯିବ ବୋଲି ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଭୋର୍ ସମୟରେ ଦୃଶ୍ୟମାନ ହୋଇଥିବା ଧୂମକେତୁର ଚିତ୍ର ରାକେଶ କୁମାର ରାଉଳ ଖୋର୍ଦ୍ଧା-ନୟାଗଡ଼ ରାସ୍ତାରୁ ଉତ୍ତୋଳନ କରିଛନ୍ତି।







ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା

-ମହାଳୟା ଅମାବାସ୍ୟା, ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ, ଫୁଲ୍ଲେରୀ ଓଷା, ଚନ୍ଦ୍ରକ୍ଷୟ ଓ ହଳ ନିଷେଧ



# କାର୍ଯ୍ୟକାରୀ ହେବ ନାହିଁ

ଭାରତ ଏକ ଧର୍ମନିରପେକ୍ଷ ଦେଶ। ଏଠାରେ ବିଭିନ୍ନ ଧର୍ମର ଲୋକ ସହାବସ୍ଥାନ କରନ୍ତି। କିନ୍ତୁ ଅନେକ ସମୟରେ ଧର୍ମୀୟ ପୀଠ ଯଥା ମନ୍ଦିର, ମସ୍‌ଜିଦ କିମ୍ବା ଗୀର୍ଜାକୁ ନେଇ ବିବାଦ ଦେଖାଯାଉଛି। ବିବାଦ ଉପୁଜୁଛି ଏଗୁଡ଼ିକର ସ୍ଥାନକୁ ନେଇ। ଦେଖାଯାଏ ଅନେକ ସ୍ଥଳରେ ସାର୍ବଜନୀନ ସ୍ଥାନରେ ମନ୍ଦିର, ମଠ, ମସ୍‌ଜିଦ ନିର୍ମାଣ କରାଯାଉଛି। ଏହି ସ୍ଥାନକୁ ନେଇ ଯେତେବେଳେ ବିବାଦ ସୃଷ୍ଟି ହେଉଛି ସେତେବେଳେ ମାମଲା ତଳ କୋର୍ଟରୁ ଯାଇ ସୁପ୍ରିମକୋର୍ଟରେ ପହଞ୍ଚୁଛି। ଏସବୁ ବିବାଦର ସମାଧାନ ପାଇଁ ଶୀର୍ଷ ଅଦାଲତ ଯେଉଁ ରାୟ ଦେଉଛନ୍ତି, ତାହା ତୃଣମୂଳ ସ୍ତରରେ କେତେ ଗୁରୁତ୍ୱ ବହନ କରେ ଦେଖିବା କଥା। ୧ ଅକ୍ଟୋବରରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ, ମନ୍ଦିର, ମସ୍‌ଜିଦ ସମେତ ଅନ୍ୟ ସବୁ ଧର୍ମୀୟ ନିର୍ମାଣ ସର୍ବସାଧାରଣ ସ୍ଥାନରେ କରାଯାଇଥିଲେ ସେଗୁଡ଼ିକୁ ହଟାଇବାକୁ ହେବ। ସାର୍ବଜନୀନ ଜମି ଉପରେ ନିର୍ଦ୍ଦେଶ ଜାରି କଲାବେଳେ ସୁପ୍ରିମକୋର୍ଟ ମୁଖ୍ୟତଃ ରାସ୍ତା, ଜଳାଶୟ ଏବଂ ଭାରତୀୟ ରେଳ ଜମିକୁ ଇଙ୍ଗିତ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଗତକାଲି ଏହି ନ୍ୟାୟାଳୟ ଏକ ଶୁଣାଣି କରି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍‌. ଚନ୍ଦ୍ରବାବୁ ନାଇଡୁଙ୍କୁ ତାଗିଦ କରି କହିଥିଲେ, କାରଣ ନାଇଡୁ ତିରୁପତି ମନ୍ଦିର ଲଡୁ ସମ୍ପର୍କରେ ଦେଇଥିବା ମତକୁ ବିଚାରପତିମାନେ ନାପସନ୍ଦ କରିଥିଲେ। ତିରୁପତି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ, ଠାକୁରଙ୍କୁ ରାଜନୀତିରୁ ଦୂରରେ ରଖିବା ଉଚିତ। ଆଜି ସାର୍ବଜନୀନ ସ୍ଥାନରେ ବେଆଇନ ଭାବେ ନିର୍ମିତ ମନ୍ଦିର ଓ ମସ୍‌ଜିଦକୁ ଉଚ୍ଛେଦ କରିବା ପାଇଁ ଦେଇଥିବା ରାୟ ଯେତିକି ଭଲ ଶୁଣାଯାଉଛି ସେତିକି କାର୍ଯ୍ୟକାରୀ କରାଇବା କଷ୍ଟ ହେବ ବୋଲି ହୃଦ୍‌ବୋଧ ହେଉଛି। ଏହା ସତ୍ୟ ଯେ, ଭାରତରେ ଅନେକ ଜାଗାରେ ବିଭିନ୍ନ ଧର୍ମ ସହିତ ସମ୍ପୃକ୍ତ ନିର୍ମାଣ ମାଡ଼ିବସି ସୃଷ୍ଟି କରିଦିଆଯାଉଛି। ଅଧିକାଂଶ ସମୟରେ ଏହା ପଛରେ ଜମି ଜବରଦଖଲର ଏକ ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ଭାବେ ଦୃଷ୍ଟିକୁ ଆସିଥାଏ। ତଥାକଥିତ ଧର୍ମଭୀରୁ ସରକାରୀ ବ୍ୟବସ୍ଥାରେ କୌଣସି ମନ୍ଦିର କିମ୍ବା ମସ୍‌ଜିଦ ଭଙ୍ଗାଯିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ୁଛି। ଧର୍ମନିରପେକ୍ଷ ସରକାର ସ୍ଥାପିତ ହୋଇଥିବାବେଳେ ବୁଝାପଡ଼ୁଥିଲା ଯେ, କେବଳ ସଂଖ୍ୟାଲଘୁ ଗୋଷ୍ଠୀ ଆଇନ ଭାଙ୍ଗି ରାସ୍ତା ମଝିରେ ମଧ୍ୟ ମସ୍‌ଜିଦ ସୃଷ୍ଟି କରିଦେଇ ପାରୁଥିଲେ। ଦିଲ୍ଲୀର କନଟ ପ୍ଲେସ ନିକଟରେ ଥିବା ଜନପଥ ହୋଟେଲ ସମ୍ମୁଖର ମସ୍‌ଜିଦ ଏକ ଜ୍ୱଳନ୍ତ ଉଦାହରଣ। ଅନ୍ୟପଟେ ହିନ୍ଦୁତ୍ୱବାଦୀ ବୋଲାଉଥିବା ସରକାର କ୍ଷମତାକୁ ଆସିବା ପରେ ସଂଖ୍ୟାବହୁଳ ଧର୍ମର ଅଞ୍ଚଳରେ ରାସ୍ତା ଉପରେ ମନ୍ଦିର ବା ମଠ ଗଢ଼ିବାର ଉଦ୍ୟମ ଅନେକ ସ୍ଥାନରେ ଦେଖିବାକୁ ମିଳିଲା। ଏହାଦ୍ୱାରା ଅତ୍ୟନ୍ତ ମୂଲ୍ୟବାନ ଜମି ଜବରଦଖଲର ଚେଷ୍ଟା ଉଭୟ ସଂଖ୍ୟାଲଘୁ ଏବଂ ସଂଖ୍ୟାଗରିଷ୍ଠ ଧାର୍ମିକ ବ୍ୟକ୍ତିମାନେ ଆରମ୍ଭ କରିଦେଲେ। ଏହି ପ୍ରଚ୍ଛଦପଟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଦେଖିଲେ ତାହାର କାର୍ଯ୍ୟକାରିତା ଉପରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ଉଦାହରଣ ସ୍ୱରୂପ, ହିନ୍ଦୁ ଧର୍ମରେ କୌଣସି ଧର୍ମଗ୍ରନ୍ଥରେ ସଡ଼କରେ ମାତାଙ୍କର ମନ୍ଦିର ନିର୍ମାଣ ଉଲ୍ଲେଖ ଥିବାର ପ୍ରମାଣ ନାହିଁ। ତଥାପି ବିଭିନ୍ନ ସ୍ଥାନରେ ସଡ଼କରେ ମାତାଙ୍କର ମନ୍ଦିର ରାସ୍ତା ଉପରେ ଚଢ଼ିକରି ଥିବାର ପରିଲକ୍ଷିତ ହୋଇଥାଏ। ସେହିଭଳି ମୁସଲମାନ ଧର୍ମ ଗ୍ରନ୍ଥରେ ସମ୍ଭବତଃ କୌଣସି ସ୍ଥାନରେ ରାସ୍ତା ଉପରେ ମସ୍‌ଜିଦ ଛିଡ଼ା କରିବାର ନିର୍ଦ୍ଦେଶ ଦେଖିବାକୁ ମିଳିବ ନାହିଁ। କିନ୍ତୁ ସବୁ ଗୋଷ୍ଠୀ ରାସ୍ତାକଡ଼ରେ ଜମି ମାଡ଼ିବସି ଦୋକାନ କରାର ଖୋଲିବାର ମଧ୍ୟ ଉଦାହରଣ ରହିଛି। ଏଭଳି ପରିସ୍ଥିତିରେ କୌଣସି ରାଜ୍ୟ ସରକାର, ପୋଲିସବାହିନୀ କିମ୍ବା ଅନ୍ୟ ସରକାରୀ ବ୍ୟବସ୍ଥା ତରଫରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଇବାର ଆଗ୍ରହ ପ୍ରକାଶ ପାଇବ ବୋଲି ବିଶ୍ୱାସ ହେଉନାହିଁ। ଏଭଳି ସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ନିଜର ସ୍ଥିତିକୁ ଅନୁଧ୍ୟାନ କରିବା ଦରକାର। ଯଦି ତାଙ୍କର ଉଚ୍ଚକୋଟୀର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଇବାରେ କୌଣସି ସରକାରୀ ବ୍ୟବସ୍ଥା ଆଗେଇ ଆସିବ ନାହିଁ, ତେବେ ଏଭଳି ମତ ଦେବାର ଉଦ୍ଦେଶ୍ୟକୁ ପୁନର୍ବିଚାର କରାଯିବା ଦରକାର।

ଭାରତରେ ଅନେକ ଜାଗାରେ ବିଭିନ୍ନ ଧର୍ମ ସହିତ ସମ୍ପୃକ୍ତ ନିର୍ମାଣ ମାଡ଼ିବସି ସୃଷ୍ଟି କରିଦିଆଯାଉଛି। ଅଧିକାଂଶ ସମୟରେ ଏହା ପଛରେ ଜମି ଜବରଦଖଲର ଏକ ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ଭାବେ ଦୃଷ୍ଟିକୁ ଆସିଥାଏ। ତଥାକଥିତ ଧର୍ମଭୀରୁ ସରକାରୀ ବ୍ୟବସ୍ଥାରେ କୌଣସି ମନ୍ଦିର କିମ୍ବା ମସ୍‌ଜିଦ ଭଙ୍ଗାଯିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ୁଛି।

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 4 | 1 | 7 | | | | | |
| | | 5 | 9 | | 3 | | | |
| 3 | | | | | 8 | | | |
| | | | 2 | 4 | 5 | 8 | | |
| | | | | | 9 | 4 | | 7 |
| | | 8 | | | | 1 | | |
| 2 | 1 | 6 | | | | | 8 | |
| | | | | | | | | 9 |
| | 5 | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 6 | 2 | 1 | 3 | 9 | 5 | 7 |
| 5 | 9 | 1 | 8 | 4 | 7 | 3 | 2 | 6 |
| 7 | 2 | 3 | 5 | 6 | 9 | 8 | 1 | 4 |
| 1 | 4 | 5 | 3 | 9 | 6 | 7 | 8 | 2 |
| 3 | 7 | 2 | 1 | 5 | 8 | 6 | 4 | 9 |
| 8 | 6 | 9 | 4 | 7 | 2 | 1 | 3 | 5 |
| 9 | 5 | 4 | 6 | 3 | 1 | 2 | 7 | 8 |
| 2 | 3 | 7 | 9 | 8 | 5 | 4 | 6 | 1 |
| 6 | 1 | 8 | 7 | 2 | 4 | 5 | 9 | 3 |

ଗତକାଲିର ଉତ୍ତର

# ଗାଁ ଓ ଗାନ୍ଧୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଗାଁର ଦେଶ ଭାରତ। ଗାଁ ଉପରେ ନିର୍ଭର କରେ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ଓ ଅର୍ଥନୀତି। ତେଣୁ ଗାଁର ବିକାଶ ହିଁ ଦେଶର ବିକାଶ। ଗାଁରୁ ଶାସନ ଆରମ୍ଭ ନ ହେଲେ ସଫଳ ହେବନି ଗଣତନ୍ତ୍ର। ଏଭଳି ଏକ ଯୁଗାନ୍ତକାରୀ ବୈପ୍ଳବିକ ଚିନ୍ତାଧାରାକୁ ଆଧାର କରି ଜନ୍ମ ନେଇଥିଲା ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ୍ୟ ସ୍ୱପ୍ନ। ସ୍ୱାଧୀନତା ପୂର୍ବରୁ ଯେତେବେଳେ କଂଗ୍ରେସର ଅନ୍ୟ ଅନେକ ନେତା ଗାଁଗୁଡ଼ିକୁ ଅଶିକ୍ଷା, ଅନ୍ଧବିଶ୍ୱାସ, ଉଚ୍ଚନୀଚ ଜାତିଆଣଭାବ ଓ ମାନସିକ ସଂକୀର୍ଣ୍ଣତାର ନର୍କକୁଣ୍ଡ ବୋଲି ଭାବୁଥିଲେ, ସେତେବେଳେ ଗାନ୍ଧିଜୀ କହୁଥିଲେ ଭାରତର ଆତ୍ମା ହେଉଛି ତା'ର ସାତଲକ୍ଷ ଗାଁ। ଭାରତ ବଞ୍ଚେନାହିଁ ତା'ର ହାତଗଣତି କେତୋଟି ସହରର ଚାକଚକ୍ୟ ଭିତରେ। ଗାଁଗୁଡ଼ିକରେ ଚାଲିଥିବା ଶୋଷଣରୁ ସୃଷ୍ଟି ହୋଇଛି ସହରର ଆଖିଝଲସା କୋଠାବାଡ଼ି। ଗୋଟିଏ ଜାଗାକୁ ଉଚ୍ଚା କରିବାକୁ ହେଲେ ଯେମିତି ଅନ୍ୟ ଗୋଟିଏ ଜାଗାକୁ ଖାଲ କରିବାକୁ ପଡ଼େ, ସେମିତି ସହରୀବାବୁଙ୍କ ଧନଦୌଲତ ଓ ସୁଖସ୍ୱାଚ୍ଛନ୍ଦ୍ୟ ବୃଦ୍ଧି କରିବା ପାଇଁ ଗ୍ରାମାଞ୍ଚଳରେ ବଢ଼ିଚାଲିଛି ଦାରିଦ୍ର୍ୟ ଓ ଅପପୁଷ୍ଟି। ଅର୍ଥାତ୍ ଗାଁଗଣ୍ଡାର ଅଶିକ୍ଷିତ ଲୋକେ କେବଳ ଇଂରେଜ ସରକାରଙ୍କ ଦ୍ୱାରା ଶୋଷିତ ହେଉ ନ ଥିଲେ, ଏଥିସହିତ ସେମାନଙ୍କ ଦାରିଦ୍ର୍ୟ ଓ ଅସହାୟତାର ସୁଯୋଗ ନେଇ ସହରୀବାବୁମାନେ ବି ତାଙ୍କୁ ଶୋଷଣ କରୁଥିଲେ ଭିନ୍ନ ଭିନ୍ନ ବାଗରେ। ଏହି ଶୋଷଣର ଅବସାନ ପାଇଁ ଗାନ୍ଧୀ ଚାହୁଁଥିଲେ ବିକେନ୍ଦ୍ରିତ ଅର୍ଥନୈତିକ ବ୍ୟବସ୍ଥା। ଭାରତ ପାଇଁ, ବିଶେଷକରି ଗ୍ରାମୀଣ ଭାରତୀୟ ପାଇଁ ତାଙ୍କର ଅଭିମୁଖ୍ୟ ଓ ନିଷ୍ପତ୍ତି ଥିଲା ଅତ୍ୟନ୍ତ ସ୍ପଷ୍ଟ, ଦୃଢ଼ ଓ ଅଟଳ। ତାଙ୍କର କ୍ଷମତା ବିକେନ୍ଦ୍ରୀକରଣ ଅବଧାରଣା କୌଣସି ତତ୍ତ୍ୱ ଉପରେ ପର୍ଯ୍ୟବସିତ ନ ଥିଲା, ବରଂ ତାହା ଥିଲା ସମ୍ପୂର୍ଣ୍ଣ ଅନୁଭୂତି ଓ ଅଭିଜ୍ଞତା ଆଧାରିତ। ସେ ତୃତୀୟ ଶ୍ରେଣୀ ରେଳ ଡବାରେ ବସି ଓ ପାଦରେ ଚାଲି ଚାଲି ସମଗ୍ର ଭାରତ ପରିଭ୍ରମଣ କରିଥିଲେ ଏବଂ ଅତି ନିକଟରୁ ଦେଖିଥିଲେ ଗ୍ରାମୀଣ ଭାରତର ଦୟନୀୟ ସ୍ଥିତି। ଗାଁ ଲୋକଙ୍କ ସଂସ୍କୃତି, ସଂସ୍କାର, ଜୀବନଶୈଳୀ, କର୍ମ ପ୍ରବଣତା ଓ ସମସ୍ୟା ସମ୍ପର୍କରେ ଆମୂଳଚୂଳ ଅନୁଧ୍ୟାନ କରି ବୁଝିଥିଲେ ଯେ ଗାଁ ଲୋକେ ଯେତେବେଳେ ପ୍ରତ୍ୟେକ କ୍ଷେତ୍ରରେ ସ୍ୱାବଲମ୍ବୀ ଓ ସ୍ୱୟଂସମ୍ପନ୍ନ ହୋଇଯିବେ, ଅର୍ଥାତ୍ ସବୁ ଗାଁ ଲୋକେ ନିଜର ମୌଳିକ ଆବଶ୍ୟକତା ନିଜ ଗାଁରେ ପୂରଣ କରିପାରିବେ, ସେତେବେଳେ ଭାରତ ଅନୁଭବ କରିବ ପ୍ରକୃତ ସ୍ୱାଧୀନତାର ସ୍ୱାଦ। ତେଣୁ ଗାନ୍ଧିଜୀଙ୍କ ଦୃଷ୍ଟିରେ ସ୍ୱଦେଶୀ ଆନ୍ଦୋଳନ ଅର୍ଥ କେବଳ ବିଦେଶୀ ବସ୍ତୁ ବର୍ଜନ ନୁହେଁ, ବରଂ ଆତ୍ମ ସମ୍ମାନ ଓ ଆତ୍ମ ନିର୍ଭରଶୀଳତା।

ପ୍ରତ୍ୟେକ ଗାଁ ତା'ର ଆବଶ୍ୟକତା ଅନୁସାରେ ବା ତା'ଠାରୁ ଅଧିକ ଉତ୍ପାଦନ କରିବା ହେଉଛି ଆତ୍ମନିର୍ଭରଶୀଳତା। କିନ୍ତୁ ଯେଉଁ ଆବଶ୍ୟକ ବସ୍ତୁଗୁଡ଼ିକ ନିଜ ଗାଁରେ ଉତ୍ପାଦନ କରିବା ସମ୍ଭବ ନୁହେଁ, ତା'ର ଚାହିଦା ମେଣ୍ଟାଇବା ପାଇଁ ଆଖପାଖ ଗାଁ ଉପରେ ନିର୍ଭର କରିବା ଉଚିତ।



ପ୍ରତି ବଦଳରେ ନିଜ ଗାଁର ଉତ୍ପାଦିତ ସାମଗ୍ରୀ ପାଖ ଗାଁକୁ ପଠେଇ ପାରିଲେ ପଡ଼ୋଶୀ ଗାଁ ସହିତ ବୃଦ୍ଧିପାଇବ ସହଯୋଗ ଓ ସଦ୍‌ଭାବ। ଏହାଦ୍ୱାରା ଗ୍ରାମ୍ୟ ଭାବେ ମିଳୁଥିବା କଞ୍ଚାମାଲକୁ ନେଇ କୁଟୀରଶିଳ୍ପ ଜରିଆରେ ସୃଷ୍ଟି ହେବ ନିଯୁକ୍ତି ସୁଯୋଗ। କୁଟୀର ଓ କ୍ଷୁଦ୍ରଶିଳ୍ପ ଜରିଆରେ ଗାଁଲୋକ ନିଜର ଆବଶ୍ୟକତା ମେଣ୍ଟାଇବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି କର୍ମସଂସ୍ଥାନ ପାଇଁ ଆଉ ଗାଁରୁ ସହରକୁ ଛୁଟିବନି ଲୋକଙ୍କ ସୁଅ। କଳକାରଖାନା ତିଆରି ଜିନିଷଠାରୁ ଗାଁରେ ତିଆରି ଜିନିଷ ଅନୁନ୍ନତ ଓ ମହଙ୍ଗା ହୋଇପାରେ, ତଥାପି ନିଜ ଗାଁରେ ଉତ୍ପାଦିତ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା ଦୂରହେବ ବେକାରି ସମସ୍ୟା। ବିଡ଼ମ୍ବନାର ବିଷୟ ସ୍ୱାଧୀନତା ପରେ ଆମେ ବିଦେଶୀ ବର୍ଜନ କଥା ମୁହଁରେ କହିଲୁ, କିନ୍ତୁ ବିଦେଶୀ ବର୍ଜନ ବଦଳରେ ଆପଣେଇ ନେଲୁ ସ୍ୱଦେଶୀ ବର୍ଜନ ନୀତି। ଅର୍ଥାତ୍ ଗାନ୍ଧୀ ଆମକୁ ବତେଇଥିଲେ ବେକାରି ଓ ବେରୋଜଗାରି ହଟେଇବାର ବାଟ। ଆମେ କିନ୍ତୁ ଆପଣେଇଲୁ ଓଲଟା ନୀତି।

ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ଏହାର ତିନି ଚତୁର୍ଥାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ଗାନ୍ଧିଜୀଙ୍କ ଦୃଷ୍ଟିରେ କୃଷି କହିଲେ କେବଳ ଖାଦ୍ୟଶସ୍ୟ ଉତ୍ପାଦନ ନୁହେଁ, ଏଥିସହିତ ଗାନ୍ଧିଜୀଙ୍କର ଧ୍ୟାନ କେନ୍ଦ୍ରିତ ଥିଲା କୃଷିର ଆନୁଷଙ୍ଗିକ ବୃତ୍ତି, ଗୋପାଳନ ଓ କୃଷିଭିତ୍ତିକ କୁଟୀରଶିଳ୍ପ ଉପରେ। ଜୈବିକ ଚାଷର ଭିନ୍ନ ଭିନ୍ନ ପ୍ରଣାଳୀ ଉପରେ ଗୁରୁତ୍ୱ ଦେଉଥିଲେ। କୃଷକର ସ୍ୱାବଲମ୍ବନ ତଥା ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସେ ଚାହୁଁ ନ ଥିଲେ କୃଷିକ୍ଷେତ୍ରକୁ ଯନ୍ତ୍ରଦାନବର ପ୍ରବେଶ। ଭାରତ ସ୍ୱାଧୀନ ହେଲାବେଳକୁ ଆମେରିକାରେ ସଫଳତାର ସହ ବେପାର କରି ୟୁରୋପ୍ ବଜାରରେ ପ୍ରବେଶ କରିସାରିଥିଲା ଫୋର୍ଡ କମ୍ପାନୀର ଟ୍ରାକ୍ଟର। ଭାରତ ଏକ ବିଶାଳ କୃଷିପ୍ରଧାନ ଦେଶ ହୋଇଥିବାରୁ ଏଠାରେ ବଜାର ସୃଷ୍ଟି କରିବା ପାଇଁ ଚାହିଁଲେ କମ୍ପାନୀର ମାଲିକ ହେନେରୀ ଫୋର୍ଡ। ସେ ଜାଣିଥିଲେ କୋଟି କୋଟି ଭାରତୀୟଙ୍କ ହୃଦୟ ସମ୍ରାଟ ଗାନ୍ଧିଜୀଙ୍କୁ ମନେଇପାରିଲେ ସହଜରେ ଅକ୍ତିଆର କରିହେବ ଭାରତୀୟ ବଜାର। ଲକ୍ଷ୍ୟ ହାସଲ ପାଇଁ କମ୍ପାନୀର ଜଣେ ପ୍ରତିନିଧିଙ୍କୁ ଗାନ୍ଧିଜୀଙ୍କ ପାଖକୁ ପ୍ରେରଣ କଲେ, ଯିଏ ଯାନ୍ତ୍ରିକ ଚାଷର ଉପାଦେୟତା ସମ୍ପର୍କରେ ଗାନ୍ଧିଜୀଙ୍କୁ ବୁଝେଇବାକୁ ଚେଷ୍ଟା କରିଥିଲେ ନିଜର ବାକ୍‌ଚାତୁର୍ଯ୍ୟ ବଳରେ। ତାଙ୍କ ବକ୍ତବ୍ୟ ଥିଲା କୃଷିର ବିକାଶକୁ ନେଇ ସମଗ୍ର ୟୁରୋପ ମହାଦେଶରେ ଟ୍ରାକ୍ଟର ଆଣିପାରିଛି ବିପ୍ଳବ। ଭାରତରେ କୃଷିକ୍ଷେତ୍ରକୁ ଏହା ପ୍ରବେଶ କଲେ ଅଳ୍ପ କେତୋଟି ବର୍ଷ ମଧ୍ୟରେ ଆକାଶ ଛୁଇଁବ ଭାରତର ଅର୍ଥନୈତିକ ବିକାଶ। ପ୍ରତିନିଧିଙ୍କ କଥା ଶୁଣିସାରିଲା ପରେ ଗାନ୍ଧିଜୀ ପଚାରିଥିଲେ- ''ଟ୍ରାକ୍ଟର କ'ଣ ବଳଦ ପରି କୁଣ୍ଡା ତୋରାଣି ଖାଇ ବଞ୍ଚିପାରିବ? ଏଥିରୁ କ'ଣ ଗୋବର ଓ ଗୋମୂତ୍ର ବାହାରି ପାରିବ? ବଳଦ ଦ୍ୱାରା ଚାଷ କରିବା ଫଳରେ ହଳ କରିବା, ଜମିକୁ ବିହନ ନେବା, ଫସଲ ଖଳାକୁ ଆଣିବା, କୃଷିଉତ୍ପାଦଗୁଡ଼ିକ ବିକିବା ପାଇଁ ବଜାରକୁ ନେବା ଆଦି ପରିବହନ କ୍ଷେତ୍ରରେ ଭାରତୀୟ ଚାଷୀ ବେଶ୍ ଆତ୍ମନିର୍ଭରଶୀଳ।'' ଟ୍ରାକ୍ଟର ଦ୍ୱାରା ଚାଷ କଲେ ଚାଷ ଏବଂ ପରିବହନ ପାଇଁ ସାଧାରଣ ଚାଷୀଟିକୁ ଗାଁ ମହାଜନ ପାଖରୁ ଟ୍ରାକ୍ଟର ଭଡ଼ାରେ ଆଣିବାକୁ ପଡ଼ିବ ଏବଂ ସାର ଓ କୀଟନାଶକ କିଣିବାକୁ ପଡ଼ିବ କମ୍ପାନୀ ପାଖରୁ। ଏହାଦ୍ୱାରା ଚାଷୀର ନିର୍ଭରଶୀଳତା ବଢ଼ିବା ସାଙ୍ଗକୁ ଦୁର୍ବଳ ହୋଇପଡ଼ିବ ତା'ର ଆର୍ଥିକ ସ୍ଥିତି। ଗାନ୍ଧିଜୀଙ୍କର ଏଭଳି ଦୃଢ଼ତା ଦେଖି ନିରାଶରେ ଫେରି ଯାଇଥିଲେ ଫୋର୍ଡ ପ୍ରତିନିଧି।

ଷାଠିଏ ଦଶକ ପରେ ଖାଦ୍ୟ ସଙ୍କଟରୁ ମୁକୁଳିବା ପାଇଁ ଦେଶରେ ତିଆରି ହେଲା ସବୁଜ ବିପ୍ଳବର ମେଡ଼। ସବୁଠି ଶୁଭିଲା ଯାନ୍ତ୍ରିକ ଚାଷର ଜୟଗାନ। କୃଷିକ୍ଷେତ୍ରକୁ ପ୍ରବେଶ କଲା ଟ୍ରାକ୍ଟର, ପାୱାରଟିଲର ଓ ହାର୍ଭେଷ୍ଟର ଇତ୍ୟାଦି। ଗୋବରଖତ ବଦଳରେ ପ୍ରୟୋଗ ହେଲା ରାସାୟନିକ ସାର ଏବଂ ପାଉଁଶ ବଦଳରେ ସିଞ୍ଚନ ହେଲା କୀଟନାଶକ। ଜମିରୁ ଲୋପ ପାଇଲେ ଚାଷର ସଙ୍ଗମରେ ସହଯୋଗ କରୁଥିବା ଅନେକ କୀଟପତଙ୍ଗ ଓ ପକ୍ଷୀ। ସାଂଘାତିକ ଭାବେ ବିଗିଡ଼ିଲା ପ୍ରକୃତିର ସୂକ୍ଷ୍ମ ସନ୍ତୁଳନ। କଂସେଇଖାନାକୁ ଚାଲାଣ ହେଲେ ଅଦରକାରୀ ଓ ଅଲୋଡ଼ା ହୋଇପଡ଼ିଥିବା ଗୋଗୁଣାଲ। ଗାନ୍ଧିଜୀଙ୍କ ଦୃଷ୍ଟିରେ ଦେଶର ସ୍ୱାଧୀନତା ଓ ଗ୍ରାମ୍ୟ ବିକାଶ ଥିଲା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ତେଣୁ ଭାରତ ଭଳି ଏକ ବିରାଟ ଦେଶରେ ଶାସନ ବ୍ୟବସ୍ଥା କେବଳ ଦିଲ୍ଲୀ କିମ୍ବା ରାଜ୍ୟ ରାଜଧାନୀରୁ ନିୟନ୍ତ୍ରିତ ନ ହୋଇ କ୍ଷମତାର ବିକେନ୍ଦ୍ରୀକରଣ ହେବ ଏବଂ ଗାଁର ସାଧାରଣ ଲୋକଟିଏ ବି ନିଜକୁ ସାମିଲ କରିପାରିବ ଶାସନ ଓ ବିକାଶ ପ୍ରକ୍ରିୟାରେ। ଗାଁ ଲୋକେ ଏକାଠି ହୋଇ ପ୍ରତିନିଧି ବାଛିବେ ଏବଂ ଗାଁର ବିବାଦ ଗାଁରେ ବସି ସମାଧାନ କରିବେ ଆପୋସ ଆଲୋଚନା ମାଧ୍ୟମରେ। କିନ୍ତୁ ବିଡ଼ମ୍ବନାର ବିଷୟ ସ୍ୱାଧୀନ ଭାରତରେ ଗାନ୍ଧିଜୀଙ୍କର ଏହି ବିଚାରଧାରାକୁ ମିଳିଲାନି ପ୍ରାଥମିକତା। ଏହା ଫଳରେ ଗାନ୍ଧିଜୀଙ୍କ ପରିକଳ୍ପନା ଓ ବାସ୍ତବତା ମଧ୍ୟରେ ସୃଷ୍ଟି ହେଲା ବିରାଟ ଫାଙ୍କ। ଗାଁର ବିକାଶ ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା ସତ, କିନ୍ତୁ ଭୋଟ ରାଜନୀତିକୁ କେନ୍ଦ୍ରକରି ଗାଁରେ ସୃଷ୍ଟିହେଲା ହଜାରେ ଫାଟ। ନଷ୍ଟ ହୋଇଛି ଗାଁର ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ।

ଅବସରପ୍ରାପ୍ତ ଅଧକ୍ଷ, କିଲୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୭୪୨୬୪

# ମହାଳୟା ଶ୍ରାଦ୍ଧ



ଡ. ଅରୁନ୍ଧତୀ ଦେବୀ

ଆଶ୍ୱିନ ମାସର ଅମାବାସ୍ୟା ହେଉଛି ମହାଳୟା ଅମାବାସ୍ୟା। ଏହି ସମୟରେ ସୂର୍ଯ୍ୟ କନ୍ୟାରାଶିରେ ଅବସ୍ଥାନ କରିଥାନ୍ତି। ମହାଳୟା ଅମାବାସ୍ୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମହାଳୟା ଶ୍ରାଦ୍ଧ କରାଯାଏ। ହିନ୍ଦୁ ସମାଜରେ ନିତ୍ୟ ନୈମିତ୍ତିକ, କାମ୍ୟ, ବୃଦ୍ଧି ଓ ପାର୍ବଣ ଶ୍ରାଦ୍ଧ ନାମରେ ଯେଉଁ ପଞ୍ଚବିଧ ଶ୍ରାଦ୍ଧର ପ୍ରଚଳନ ଅଛି ତନ୍ମଧ୍ୟରେ ମହାଳୟା ଶ୍ରାଦ୍ଧର ଆଦର ଅଧିକ। ଆଶ୍ୱିନ ମାସର କୃଷ୍ଣ ପ୍ରତିପଦଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ କୁହାଯାଏ ପିତୃପକ୍ଷ। ଏହି ପିତୃପକ୍ଷରେ ତୀର୍ଥକ୍ଷେତ୍ର, ପୁଣ୍ୟତୋୟା ନଦୀ କିମ୍ବା ପୁଷ୍କରିଣୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଏ। ଦିବଂଗତ ଗୁରୁ, ସମ୍ପର୍କୀୟ, ପରିଚିତ ବ୍ୟକ୍ତିଙ୍କ ପାଇଁ ମଧ୍ୟ ଏହି ତର୍ପଣ କରାଯାଏ। ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତର୍ପଣ ପରେ ଅମାବାସ୍ୟା ଦିନ ପିଣ୍ଡଦାନ କରାଯାଏ। ଏହି ପକ୍ଷର ଦିନ ପିତୃପର୍ବ ପାଇଁ ଉଦ୍ଦିଷ୍ଟ। ଦେବଦେବୀଙ୍କ ଉଦ୍ଦେଶ୍ୟରେ ଯେଉଁ ପୂଜା ଅର୍ଚ୍ଚନା କରାଯାଏ ତାହା ହେଉଛି ଦେବ ପର୍ବ। ଶ୍ରାଦ୍ଧ ହିଁ ପିତୃପର୍ବ। ଶ୍ରଦ୍ଧାରେ ଯେଉଁ ଅନାଦି ଭୋଜ୍ୟ ଦ୍ରବ୍ୟ ପ୍ରଦାନ କରାଯାଏ ତାହା ଶ୍ରାଦ୍ଧ। ଭୁଲୋକରେ ଆତ୍ମୀୟ ବା ସମ୍ପର୍କୀୟଙ୍କ ପ୍ରଦ ଭୋଜ୍ୟ ପିତୃଲୋକରେ ପିତୃଗଣଙ୍କ ଗ୍ରହଣୀୟ ଦ୍ରବ୍ୟରେ ପରିବର୍ତ୍ତିତ ହୋଇଯାଏ ବୋଲି ବିଶ୍ୱାସ ରହିଛି। ମହାଳୟା ଶ୍ରାଦ୍ଧରେ ସ୍ୱୟଂ ବିଷ୍ଣୁ ବୈଶ୍ୱଦେବ ରୂପେ ଶ୍ରାଦ୍ଧସ୍ଥଳରେ ଉପସ୍ଥିତ ରହନ୍ତି। ମହାଳୟା ଦିନ ଗୟାକ୍ଷେତ୍ରରେ ପିଣ୍ଡଦାନ କଲେ ପିତୃଲୋକ ପରିତୃପ୍ତ ହୁଅନ୍ତି। ତେବେ ଭୁବନେଶ୍ୱର ଓ ବିରଜା କ୍ଷେତ୍ର ଯାଜପୁରରେ ମଧ୍ୟ ମହାଳୟା ଶ୍ରାଦ୍ଧ ଦାନ ପୁଣ୍ୟଦାୟକ।

ହିନ୍ଦୁ ମାନ୍ୟତା ଅନୁଯାୟୀ ପିଣ୍ଡଦାନ ମୋକ୍ଷ ପ୍ରାପ୍ତି ପାଇଁ ଏକ ସହଜ ଏବଂ ସରଳ ମାର୍ଗ। ଏହିଭଳି ଦେଶରେ ଅନେକ ସ୍ଥାନରେ ପିଣ୍ଡଦାନ କରାଯାଏ। ତେବେ ବିହାରର ଗୟାରେ ପିଣ୍ଡଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ। ବିଶ୍ୱାସ କରାଯାଏ ଭଗବାନ ଶ୍ରୀରାମ ଏବଂ ମା'ସୀତା ରାଜା ଦଶରଥଙ୍କ ଆତ୍ମାର ଶାନ୍ତି ପାଇଁ ଗୟାରେ ପିଣ୍ଡଦାନ କରିଥିଲେ। ଗୟାକୁ ବିଷ୍ଣୁଙ୍କ ନଗର କୁହାଯାଏ। ଏହାକୁ ମୋକ୍ଷର ଭୂମି ମଧ୍ୟ କୁହାଯାଏ। ବିଷ୍ଣୁ ପୁରାଣ ଏବଂ ବାୟୁ ପୁରାଣରେ ଏହାର ଉଲ୍ଲେଖ ଅଛି। ବିଷ୍ଣୁ ପୁରାଣ ଅନୁଯାୟୀ ଗୟାରେ ପିଣ୍ଡଦାନ କଲେ ପୂର୍ବଜଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି କରେ ଏବଂ ସେମାନେ ସ୍ୱର୍ଗରେ ବାସ କରନ୍ତି। ବିଶ୍ୱାସ କରାଯାଏ ସ୍ୱୟଂ ବିଷ୍ଣୁ ଏଠାରେ ପିତୃଦେବତା ଭାବରେ ଉପସ୍ଥିତ। ତେଣୁ ଏହାକୁ ପିତୃତୀର୍ଥ ମଧ୍ୟ କୁହାଯାଏ। ଗୟାରେ ଥିବା ପଣ୍ଡିତମାନେ କୁହନ୍ତି, ଫଲ୍‌ଗୁ ନଦୀର ତଟରେ ପିଣ୍ଡ ଦାନ ନ କଲେ ଏହା ଅସମ୍ପୂର୍ଣ୍ଣ ରହିଯାଏ। କିମ୍ବଦନ୍ତୀ ଅନୁଯାୟୀ ଭସ୍ମାସୁରର ବଂଶଜ ଗୟାସୁର କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ମାଗିନେଇଥିଲେ ଯେ, ତା'ର ଶରୀର ଦେବତାମାନଙ୍କ ପରି ପବିତ୍ର ହୋଇଯିବ



ଏବଂ ତାକୁ ଦର୍ଶନ କରିବା ମାତ୍ରେ ଲୋକମାନେ ପାପମୁକ୍ତ ହୋଇଯିବେ। ଏହି ବର ମିଳିବା ପରେ ସ୍ୱର୍ଗର ଜନସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସବୁକିଛି ପ୍ରକୃତିର ନିୟମ ବିପରୀତରେ ଚାଲିଲା। ଲୋକମାନେ ବିନା ଭୟରେ ପାପ କଲେ ଏବଂ ଗୟାସୁରଙ୍କ ଦର୍ଶନ କରି ପାପମୁକ୍ତ ହେଲେ। ଏଥିରୁ ରକ୍ଷା ପାଇବା ପାଇଁ ଦେବତାମାନେ ଗୟାସୁରଙ୍କୁ ଯଜ୍ଞ ପାଇଁ ପବିତ୍ର ଭୂମି ମାଗିଲେ। ଗୟାସୁର ନିଜ ଶରୀର ଦେବତାମାନଙ୍କ ଯଜ୍ଞ ପାଇଁ ଦେଇଦେଲେ। ଯଜ୍ଞଭୂମି ଭାବରେ ବ୍ୟବହୃତ ହେବା ପାଇଁ ଗୟାସୁର ଭୂମିରେ ଶୋଇଲେ ଏବଂ ତା'ର ଶରୀର ପାଞ୍ଚ କୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଗଲା। ପରବର୍ତ୍ତୀ ସମୟରେ ଏହି ପାଞ୍ଚ କୋଶ ସ୍ଥାନକୁ କୁହାଗଲା ଗୟା। ଯଜ୍ଞରେ ପୋଡ଼ିବା ପରେ ମଧ୍ୟ ଗୟାସୁର ମନରୁ ଲୋକମାନଙ୍କୁ ପାପମୁକ୍ତ କରିବାର ଇଚ୍ଛା ଲୋପ ପାଇଲା ନାହିଁ। ସେ ଦେବତାମାନଙ୍କୁ ବର ମାଗିଲେ। ଏହି ସ୍ଥାନରେ ଲୋକଙ୍କୁ ମୋକ୍ଷ ଦେବ। ଯେଉଁ ବ୍ୟକ୍ତି ଏଠାରେ କାହାର ଶ୍ରାଦ୍ଧ ପାଇଁ ପିଣ୍ଡଦାନ କରିବେ ତାଙ୍କୁ ମୁକ୍ତି ମିଳିବ। ଏହି କାରଣରୁ ଆଜି ବି ଲୋକମାନେ ପିତୃପୁରୁଷଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ପିଣ୍ଡଦାନ କରନ୍ତି।

ଶାସ୍ତ୍ରରେ ପିତୃପୁରୁଷଙ୍କ ସ୍ଥାନ ଖୁବ୍ ଉଚ୍ଚରେ ବୋଲି ବର୍ଣ୍ଣନା କରାଯାଇଛି। ସେ ଚନ୍ଦ୍ରମା ଠାରୁ ଦୂରରେ ଏବଂ ଦେବତାଙ୍କଠାରୁ ଉଚ୍ଚ ସ୍ଥାନରେ ରୁହନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି। ପିତୃପୁରୁଷଙ୍କ ମଧ୍ୟରେ ମୃତ ପୂର୍ବଜ ଯଥା: ବାପା- ମା, ଜେଜେବାପା - ଜେଜେମା, ଅଜା-ଆଈଙ୍କ ସମେତ ସବୁ ପୂର୍ବଜ ସାମିଲ। ପରଲୋକଗତ ଗୁରୁ ଏବଂ ଆଚାର୍ଯ୍ୟ ମଧ୍ୟ ପିତୃପୁରୁଷଙ୍କ ମଧ୍ୟରେ ସାମିଲ। ଦେଶରେ ଶ୍ରାଦ୍ଧ ପାଇଁ ହରିଦ୍ୱାର, ଗଙ୍ଗାସାଗର, ପୁରୀ, କୁରୁକ୍ଷେତ୍ର, ଚିତ୍ରକୁଟ, ପୁଷ୍କର, ବଦ୍ରିନାଥ ସମେତ ୫୫ଟି ସ୍ଥାନର ବିଶେଷ ମହତ୍ତ୍ୱ ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି। ତେବେ ଗୟା ଏସବୁ ସ୍ଥାନର ଶୀର୍ଷରେ ରହିଛି। ଗରୁଡ଼ ପୁରାଣରେ କୁହାଯାଇଛି ପିତୃପୁରୁଷଙ୍କ ପିଣ୍ଡଦାନ ପାଇଁ ଘରୁ ବାହାରିବା ପରେ ଗୟାରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ପିତୃପୁରୁଷଙ୍କ ସ୍ୱର୍ଗାରୋହଣ ପାଇଁ ଗୋଟିଏ ଗୋଟିଏ ଶିଡ଼ି ସଦୃଶ। ହିନ୍ଦୁ ପୁରାଣ ଅନୁଯାୟୀ ପିତୃପୁରୁଷଙ୍କ ତିନିପିଢ଼ି ପିତୃଲୋକରେ ରୁହନ୍ତି। ଏହା ପୃଥ୍ୱୀଲୋକ ଓ ଦେବଲୋକ ମଧ୍ୟରେ ଅଛି। ଏହି ଲୋକର ଅଧୀଶ୍ୱର ମୃତ୍ୟୁଦେବତା ଯମ। ତୃତୀୟ ପିଢ଼ି ପରେ ଚତୁର୍ଥ ପିଢ଼ିର ବଂଶଜ ପିତୃଲୋକରେ ପହଞ୍ଚିଲେ ପ୍ରଥମ ପିଢ଼ିର ପୂର୍ବଜ ସ୍ୱର୍ଗକୁ ଚାଲିଯାନ୍ତି। ତେଣୁ ସେମାନଙ୍କ ପାଇଁ ପିଣ୍ଡ ଦେବା ଆବଶ୍ୟକ ହୁଏନି।

ଦେବୀ ଆରାଧନା ଦୃଷ୍ଟିରୁ ମହାଳୟା ଏକ ପବିତ୍ର ଦିବସ। ଦେବୀଙ୍କର ଷୋଳପୂଜାର ମଧ୍ୟଭାଗରେ ମହାଳୟା ପଡ଼ୁଥିବାରୁ ଏହା ଦେବୀଙ୍କ ପ୍ରିୟତମ ଦିବସ। ତେଣୁ ମହାଳୟା ଅମାବାସ୍ୟାର ଦିନଟି ପିଣ୍ଡଦାନ ଲାଗି ଉତ୍କୃଷ୍ଟ ଏବଂ ରାତ୍ରିଟି ସାଧନାରେ ସିଦ୍ଧି ଲାଭ ପାଇଁ ଅତ୍ୟନ୍ତ ଶୁଭ। ଦେବୀଙ୍କର ପ୍ରଥମ ଅଷ୍ଟକଳାର ଶେଷ ଦିନ ହୋଇଥିବାରୁ ସାଧକମାନେ ବିଶେଷ ସିଦ୍ଧିଲାଭ ପାଇଁ ମହାଳୟାର ମହାନିଶାରେ ସାଧନାରତ ରହନ୍ତି। ଓଡ଼ିଆ ଆଧ୍ୟାତ୍ମିକ ଚେତନା ଓ ହିନ୍ଦୁ ବିଧାନ ଅନୁଯାୟୀ ମହାଳୟା ଏକ ସ୍ୱତନ୍ତ୍ର ଓ ସ୍ମରଣୀୟ ଦିବସ।

ମୋ: ୯୯୩୭୧୭୨୮୧୦

## ଏଇ ଭାରତରେ

ଗୋଆ ବିଚ୍‌ରେ ଜୀବନ ସୁରକ୍ଷା କରିବାରେ 'ଦୃଷ୍ଟି ମେରାଇନ' ଭଳି ଏକ ଘରୋଇ ସଂସ୍ଥାର ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ। ଏହି ସଂସ୍ଥାରେ ୪୫୦ରୁ ଅଧିକ ଲାଇଫଗାର୍ଡ ବା ଜୀବନସୁରକ୍ଷାକାରୀ ବ୍ୟକ୍ତି ରହିଛନ୍ତି ସେମାନେ ଗୋଆ ବିଚ୍‌ର ବିଭିନ୍ନ ସ୍ଥାନରେ ରହି ସମୁଦ୍ରରେ ବୁଡ଼ି ଯାଉଥିବା ଲୋକଙ୍କୁ ଉଦ୍ଧାର କରୁଛନ୍ତି। ଏବେ ସୁଦ୍ଧା ଏହି ସଂସ୍ଥାର ବ୍ୟକ୍ତିମାନେ ୭,୦୦୦ ଲୋକଙ୍କ ଜୀବନ ବଞ୍ଚାଇ ସାରିଲେଣି। 'ଦୃଷ୍ଟି ମେରାଇନ'ର ମୁଖ୍ୟ ଭାବେ ରାଜୀବ ଯୋଗାନି ସବୁ କାର୍ଯ୍ୟ ପରିଚାଳନା କରୁଛନ୍ତି। ଏହା ୨୦୦୮ରେ ଗଠନ ହେବା ପରଠାରୁ ଗୋଆ ସରକାରଙ୍କ ସହଯୋଗରେ ଚାଲିଛି। ୨୦୦୭ରେ ଗୋଆ ବିଚ୍‌ରେ ପାଣିରେ ବୁଡ଼ି ପାଖାପାଖି ୨୦୦ ଲୋକଙ୍କ ମୃତ୍ୟୁ ଘଟିବା ପରେ ସରକାର ଏହି ସଂସ୍ଥାକୁ ପ୍ରୋତ୍ସାହିତ କରିଥିଲେ। ଏହାସହ ଚିକିତ୍ସା ସୁବିଧାଠାରୁ ଆରମ୍ଭ କରି ଉଦ୍ଧାର ପାଇଁ ସବୁ ପ୍ରକାର ଉପକରଣ ଯୋଗାଇ ଦେଇଥିଲେ। ଲାଇଫ ସେଭର ମାନେ ପାଣିରୁ ଉଦ୍ଧାର କରାଯାଇଥିବା ଲୋକଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ସେମାନଙ୍କ ଜୀବନ ରକ୍ଷା କରିବାରେ ସକ୍ଷମ ହୋଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ଅକ୍ଟୋବର ୧୯୭୫

- ରାଜ୍ୟର ଦ୍ୱିତୀୟ ସମ୍ମିଳିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଛି।
- କଲିକତା ଓ ମାଡ୍ରାସ ମଧ୍ୟରେ ସବ୍‌ସ୍କ୍ରାଇବର୍ସ ଟ୍ରଙ୍କ ଡାଏଲିଂ ଟେଲିଫୋନ ବ୍ୟବସ୍ଥା ପ୍ରଚଳନ।
- ଉତ୍ତର ଓ ଦକ୍ଷିଣ ଭିଏତନାମକୁ ଜାତିସଂଘର ସଦସ୍ୟଭୁକ୍ତ କରିବା ପ୍ରଶ୍ନ ଉପରେ ଯୁକ୍ତରାଷ୍ଟ୍ର ଆମେରିକା ନିରାପତ୍ତା ପରିଷଦରେ ପୁନଃର୍ଭିଟୋ ପ୍ରୟୋଗ କରିଛି।

## ଚିରନ୍ତନୀ

ନ କହିବି ତୋତେ ଏ ପଥର ପରିଣାମ
ବିୟୋଗର ଗୀତ, ବିଧାତାର ଗତି ବାମ,
କରତଳେ ତୋର ଫୁଟିଉଠୁ ଶତଦଳ
ଲୋଟିପଡୁ ତୋର କଟିରେ ଚିକୁରଦାମ।
-(ଗୁହର ଗୀତ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗରିବଙ୍କୁ ଯୋଜନାର ସୁଫଳ ମିଳୁ

ମହାଶୟ,

ଗତ ୨୭ ବର୍ଷ ତଳେ ତତ୍କାଳୀନ ସରକାର ପ୍ରଥମେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କ ତାଲିକା ପ୍ରସ୍ତୁତ କରିଥିଲେ। ସରକାର ସେମାନଙ୍କୁ ଯୋଜନାର ସୁବିଧା ସୁଯୋଗ ଯୋଗାଇ ଆସୁଛନ୍ତି। ଏହି ମଧ୍ୟରେ ଏହି ବିପିଏଲ ତାଲିକାଭୁକ୍ତ ଉପଭୋକ୍ତା ସରକାରୀ ସୁବିଧା ସୁଯୋଗ ପାଇଁ ବିପିଏଲରୁ ଏପିଏଲ ହୋଇପାରିଛନ୍ତି। କିନ୍ତୁ ସରକାରଙ୍କ ଅବହେଳାରୁ ସେମାନେ ପୂର୍ବ ସୁବିଧା ହାସଲ କରି ଇନ୍ଦିରା ଆବାସ, ରିହାତି ମୂଲ୍ୟରେ ଖାଦ୍ୟ ସାମଗ୍ରୀ ହାତେଇ ନେଉଛନ୍ତି। ଏବେ ସୁଦ୍ଧା ୨୦ ଲକ୍ଷ ଭୁତ ରେସନ କାର୍ଡଧାରୀ ଧରାପଡ଼ିଲେଣି। ଏପରି ଲୋକଙ୍କ ବହୁ ବେଆଇନ ହିତାଧିକାରୀ ଧରାପଡ଼ିବେ। ରାଜନୀତିର ଊର୍ଦ୍ଧ୍ୱରେ ରହି ଭୂମିହୀନ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତି ଓ ଅସହାୟ ବେକାର ଯୁବକ ଯୁବତୀଙ୍କ ପରିବାରକୁ ସରକାରୀ ଯୋଜନାର ସୁବିଧା ସୁଯୋଗ ମିଳିବା ଉଚିତ।

-ନିର୍ମଳ ଚନ୍ଦ୍ର ସାମଲ, ବଡ଼ଚଣା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କିଶିଦାଙ୍କ ଇସ୍ତଫା

## ଇଶିବା ହେଲେ ଜାପାନର ନୂଆ ପ୍ରଧାନମନ୍ତ୍ରୀ



ଶିଗେରୁ ଇଶିବା

**ଟୋକିଓ,୧।୧୦**

ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ତାଙ୍କ କ୍ୟାବିନେଟ ସହ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ଫଳରେ ତାଙ୍କ ଉତ୍ତରାଧିକାରୀ ଭାବେ ଶିଗେରୁ ଇଶିବା ସରକାରର ନେତୃତ୍ୱ ନେବାକୁ ଯାଉଛନ୍ତି। କିଶିଦା ଓ ତାଙ୍କ ମନ୍ତ୍ରୀମାନେ ଇସ୍ତଫା ଦେଇଥିବା ମୁଖ୍ୟ କ୍ୟାବିନେଟ ସଚିବ ୟୋଶିମାସା ହୟାଶି ଘୋଷଣା କରିଛନ୍ତି। କିଶିଦାଙ୍କ କାର୍ଯ୍ୟକାଳ ୩ ବର୍ଷ ପୂରଣ କରିଥିବାବେଳେ ସେ ଇସ୍ତଫା ଦେବେ ବୋଲି ଅଗଷ୍ଟରେ ଘୋଷଣା କରିଥିଲେ। ତାଙ୍କ ଉତ୍ତରାଧିକାରୀ ଭାବେ ଇଶିବାଙ୍କୁ ଶୁକ୍ରବାର ଶାସକ ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ନେତା ନିର୍ବାଚନ କରାଯାଇଥିଲା। ପାର୍ଲାମେଣ୍ଟରେ ମଙ୍ଗଳବାର ଭୋଟ ଜରିଆରେ ଇଶିବାଙ୍କୁ ପ୍ରଧାନମନ୍ତ୍ରୀ ଘୋଷଣା କରାଯାଇଛି। ସେ ଖୁବ୍‌ଶୀଘ୍ର ନୂଆ କ୍ୟାବିନେଟ ଘୋଷଣା କରିବେ।

## ସ୍ମାର୍ଟଫୋନ୍ ନେବା ପରେ ଡେଲିଭରି ଏଜେଣ୍ଟଙ୍କୁ ହତ୍ୟାକଲେ ଗ୍ରାହକ

**ଲକ୍ଷ୍ନୌ,୧।୧୦**

ଉତ୍ତରପ୍ରଦେଶର ଲକ୍ଷ୍ନୌରେ ରହୁଥିବା ଜଣେ ବ୍ୟକ୍ତି ଅନ୍‌ଲାଇନରେ ଫ୍ଲିପ୍‌କାର୍ଟରୁ ୨ଟି ସ୍ମାର୍ଟଫୋନ୍ ମଗାଇଥିଲେ। ଡେଲିଭରି ସମୟରେ ଦାମ୍ ପୈଠ କରିବାକୁ ସେ ସର୍ତ୍ତ ରଖିଥିଲେ। ଡେଲିଭରି ଏଜେଣ୍ଟ ଭରତ କୁମାର ସାହୁ (୩୦) ଗ୍ରାହକ ଗଜାନନଙ୍କୁ ୧.୫ ଲକ୍ଷ ଟଙ୍କା ମୂଲ୍ୟର ୨ଟି ସ୍ମାର୍ଟଫୋନ୍ ହସ୍ତାନ୍ତର କରିବା ପରେ ସେ ଟଙ୍କା ପୈଠ କରିବା ପରିବର୍ତ୍ତେ ତାଙ୍କୁ ହତ୍ୟା କରିଥିଲେ। ସେପ୍ଟେମ୍ବର ୨୩ରେ ଏହି ହତ୍ୟାକାଣ୍ଡ ଘଟିଛି। ପୋଲିସ କହିବା ଅନୁଯାୟୀ ଭରତ ସ୍ମାର୍ଟଫୋନ୍ ଦେବା ଲାଗି ଗଜାନନଙ୍କ ଘରକୁ ଯାଇଥିଲେ। ସେ ଫୋନ୍ ହସ୍ତାନ୍ତର କରିସାରିବା ପରେ ଗଜାନନ ଓ ତାଙ୍କ ସହଯୋଗୀ ଆକାଶ ତାଙ୍କୁ ତଣ୍ଟିଚିପି ହତ୍ୟାକରି ମୃତଦେହକୁ ଇନ୍ଦିରା କେନାଲରେ ଫିଙ୍ଗିଦେଇଥିଲେ ବୋଲି ଡିଏସ୍‌ପି ଶଶାଙ୍କ ସିଂ କହିଛନ୍ତି। ଭରତ ୨ ଦିନ ଯାଏ ଘରକୁ ନ ଫେରିବାରୁ ସେ ନିଖୋଜ ଥିବା ନେଇ ସେପ୍ଟେମ୍ବର ୨୫ରେ ତାଙ୍କ ପରିବାର ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ଚଳାଇବା ପରେ ଭରତଙ୍କ ଫୋନ୍ କଲ୍ ରେକର୍ଡରୁ ଗଜାନନଙ୍କ ନମ୍ବର ପାଇଥିଲା। ଜେରାବେଳେ ସେମାନେ ହତ୍ୟା କରିଥିବା ଆକାଶ ସ୍ୱୀକାର କରିଥିଲେ। ପୋଲିସ ଗଜାନନ ଓ ଆକାଶଙ୍କୁ ଗିରଫ କରିଛି।

## ରଜନୀକାନ୍ତ ହସ୍ପିଟାଲରେ ଭର୍ତ୍ତି



**ଚେନ୍ନାଇ, ୧।୧୦**

ସାଉଥ୍ ସୁପରଷ୍ଟାର ରଜନୀକାନ୍ତ(୭୩) ସୋମବାର ବିଳମ୍ବିତ ରାତ୍ରିରେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ତାଙ୍କୁ ଚେନ୍ନାଇସ୍ଥିତ ଆପୋଲୋ ଗ୍ରୀମ୍ସ ରୋଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହସ୍ପିଟାଲ ପକ୍ଷରୁ ଜାରି ହୋଇଥିବା ରିପୋର୍ଟ ଅନୁଯାୟୀ, ରଜନୀକାନ୍ତଙ୍କ ଶରୀରର ଧମନି ଫୁଲିଯାଇଥିଲା। ଏକ ସ୍ପେଶାଲ୍ ଟ୍ରିଟ୍‌ମେଣ୍ଟ ମାଧ୍ୟମରେ ବିନା ସର୍ଜରିରେ ଏହାର ଚିକିତ୍ସା କରାଯାଇଛି। ଫଳରେ ରଜନୀକାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଡାକ୍ତର କହିଛନ୍ତି। ତାଙ୍କୁ ୨ ଦିନ ପର୍ଯ୍ୟନ୍ତ ଅବ୍‌ଜରଭେଶନ୍‌ରେ ରଖାଯାଇ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯିବ।

# ଇସ୍ରାଏଲରେ ଇରାନର ମିଶାଇଲ ଆକ୍ରମଣ

## ଲେବାନନ୍‌ରେ ସ୍ଥଳଯୁଦ୍ଧ ଆରମ୍ଭ କଲା ଇସ୍ରାଏଲୀ ସେନା



**ଜେରୁଜେଲମ୍,୧।୧୦**

ଇରାନ ମଙ୍ଗଳବାର ରାତିରେ ଇସ୍ରାଏଲ୍ ଉପରେ ଶତାଧିକ ବାଲିଷ୍ଟିକ୍ ମିଶାଇଲ ମାଡ଼ କରିଛି। ଇରାନର ମିଶାଇଲ ଆକ୍ରମଣ ସମ୍ପର୍କରେ ଇସ୍ରାଏଲୀ ସେନା ସ୍ୱୀକାର କରିଛି। କ୍ଷେପଣାସ୍ତ୍ର ସାରା ଦେଶରେ ଏୟାରରେଡ୍ ସାଇରନ୍ ବାଜି ଉଠିଥିଲା। ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳକୁ ପଳାଇଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ଇରାନ ଆକ୍ରମଣର ପରିଣାମ ଭୟଙ୍କର ହେବ ବୋଲି ଇସ୍ରାଏଲ୍ ଏବଂ ଆମେରିକା ଚେତାବନୀ ଦେଇଛନ୍ତି।

ଇସ୍ରାଏଲୀ ସେନା ହେଜ୍‌ବୋଲାକୁ ଟାର୍ଗେଟ କରି ମଙ୍ଗଳବାର ଲେବାନନ୍‌ର ଦକ୍ଷିଣ ଭାଗରେ ସ୍ଥଳଯୁଦ୍ଧ ଆରମ୍ଭ କରିଛି। ଏହା ହେଜ୍‌ବୋଲ୍ଲାର ଟାର୍ଗେଟଗୁଡ଼ିକ ବିରୋଧରେ ସୀମିତ ତଥା ସ୍ଥାନବଦ୍ଧ ଆକ୍ରମଣ ବୋଲି ଇସ୍ରାଏଲ୍ କହିଛି। ଏଥିସହ ଲେବାନନ୍ ରାଜଧାନୀ ବେରୁଟ୍‌ରେ ଇସ୍ରାଏଲ୍ ସେନା ମଙ୍ଗଳବାର ପୁଣିଥରେ ଆକାଶମାର୍ଗରୁ ବୋମାମାଡ଼ କରିଛି। ଇସ୍ରାଏଲ୍ ଉପରେ ଆକ୍ରମଣ ପାଇଁ ଇରାନ ପ୍ରସ୍ତୁତ ହେଉଥିବା ପୂର୍ବରୁ ଆମେରିକା ସୂଚନା ପାଇବା ପରେ ଜେରୁଜେଲମ୍‌କୁ ସତର୍କ କରାଇଥିଲା।

ଲେବାନନ୍‌ରେ ଇସ୍ରାଏଲୀ ସେନା ପ୍ରବେଶ କରିଥିବା ଖବରକୁ ହେଜ୍‌ବୋଲ୍ଲା ଖଣ୍ଡନ କରିଛି। ଯଦି ସେମାନେ ସୀମା ଅତିକ୍ରମ କରନ୍ତି, ତେବେ ପ୍ରତ୍ୟକ୍ଷ ସଂଘର୍ଷ ପାଇଁ ହେଜ୍‌ବୋଲ୍ଲା ଯୋଦ୍ଧାମାନେ ପ୍ରସ୍ତୁତ ଥିବା କହିଛନ୍ତି। ହେଜ୍‌ବୋଲ୍ଲା ଏବଂ ହମାସ ଆତଙ୍କବାଦୀଙ୍କୁ ସମର୍ଥନ କରୁଥିବା ଇରାନକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସୋମବାର ଚେତାବନୀ ଦେଇଥିଲେ। ମଧ୍ୟପ୍ରାଚ୍ୟର ଏପରି କୌଣସି ସ୍ଥାନ ନାହିଁ ଯେଉଁଠି ଇସ୍ରାଏଲ ପହଞ୍ଚି ନ ପାରିବ ବୋଲି ନେତାନ୍ୟାହୁ କହିଥିଲେ। ଲେବାନନ୍ ସୀମାନ୍ତ ଅଞ୍ଚଳରେ ରହୁଥିବା ପ୍ରାୟ ୨ ଡଜନ ସମ୍ପ୍ରଦାୟର ଲୋକମାନଙ୍କୁ ତୁରନ୍ତ ଘରଦ୍ୱାର ଛାଡ଼ି ପଳାଇଯିବାକୁ ଇସ୍ରାଏଲୀ ସେନା ମଙ୍ଗଳବାର ପରାମର୍ଶ ଦେଇଥିବାରୁ ସ୍ଥଳ ଆକ୍ରମଣ ଜୋର୍‌ଦାର ହେବା ନେଇ ଆଶଙ୍କା କରାଯାଉଛି।

## ଏଲ୍‌ଏସି ସ୍ଥିତି ସ୍ଥିର କିନ୍ତୁ ସ୍ୱାଭାବିକ ନୁହେଁ: ସେନା ମୁଖ୍ୟ

**ନୂଆଦିଲ୍ଲୀ,୧।୧୦(ପି.ଟି.)**




ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ

ପୂର୍ବ ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ସ୍ଥିତ ସ୍ଥିର ରହିଥିଲେ ମଧ୍ୟ ସ୍ୱାଭାବିକ ନ ଥିବା ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମଙ୍ଗଳବାର କହିଛନ୍ତି। ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଦୀର୍ଘଦିନ ଧରି ମୁହାଁମୁହିଁ ସ୍ଥିତି ଲାଗି ରହିବା ପରେ ଉକ୍ତ ଅଞ୍ଚଳ ଏବେ ବି ସମ୍ବେଦନଶୀଳ ରହିଛି। ଉଭୟ ପକ୍ଷ ମଧ୍ୟରେ କୂଟନୈତିକ ଆଲୋଚନାରୁ ସକାରାତ୍ମକ ସଙ୍କେତ ମିଳୁଥିଲେ ମଧ୍ୟ କୌଣସି ଯୋଜନା କାର୍ଯ୍ୟକାରୀ କରିବା ସେଠାର ସାମରିକ କମାଣ୍ଡରମାନଙ୍କ ଉପରେ ନିର୍ଭର କରୁଛି ବୋଲି ଜେନେରାଲ ଦ୍ୱିବେଦୀ ଚାଣକ୍ୟ ଡିଫେନ୍ସ ଡାଇଲଗ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି।

୨୦୨୦ ମେ' ପ୍ରଥମ ଭାଗରେ ପୂର୍ବ ଲଦାଖରେ ଭାରତ ଓ ଚାଇନା ସେନାଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ଏବେ ବି ସେଠାରେ ସ୍ଥିତି ସ୍ୱାଭାବିକ ହୋଇନାହିଁ। ୨୦୨୦ ଏପ୍ରିଲ ପୂର୍ବରୁ ସ୍ଥିତି ଯାହା ଥିଲା ତାହା ବଜାୟ ରହିବା ଆମେ ଚାହୁଁଛୁ। ଯଦିଓ ସଂଘର୍ଷ ସ୍ଥଳରୁ ଉଭୟପକ୍ଷ ସେମାନଙ୍କର ଅନେକ ସୈନ୍ୟ ପ୍ରତ୍ୟାହାର କରିନେଇଛନ୍ତି, ତଥାପି ସୀମା ବିବାଦର ସମ୍ପୂର୍ଣ୍ଣ ସମାଧାନ ଏପର୍ଯ୍ୟନ୍ତ ହାସଲ ହୋଇନାହିଁ। ଉକ୍ତ ଅଞ୍ଚଳ ସମ୍ବେଦନଶୀଳ ରହିଥିବାରୁ ଯେକୌଣସି ପ୍ରକାର ଆକସ୍ମିକତାର ସାମ୍ନା କରିବା ପାଇଁ ଆମେ ପୂରା ଦମ୍‌ରେ ପ୍ରସ୍ତୁତ ରହିଛୁ ବୋଲି ସେନାମୁଖ୍ୟ କହିଛନ୍ତି।

## ଜମ୍ମୁ-କଶ୍ମୀର ନିର୍ବାଚନ ଶେଷ: ୬୮.୭୨% ମତଦାନ

**ଶ୍ରୀନଗର, ୧।୧୦**



ଜମ୍ମୁ-କଶ୍ମୀରର ଉଧାମପୁର ଜିଲାର ଏକ ଭୋଟ କେନ୍ଦ୍ରରେ ମତଦାତାଙ୍କ ଲମ୍ବା ଲାଇନ୍।

ଶାନ୍ତିଶୃଙ୍ଖଳାର ସହ ଜମ୍ମୁ-କଶ୍ମୀରର ତୃତୀୟ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର କଡ଼ା ସୁରକ୍ଷା ମଧ୍ୟରେ ଜମ୍ମୁ-କଶ୍ମୀରର ୭ ଜିଲାର ୪୦ ବିଧାନସଭା ନିର୍ବାଚନମଣ୍ଡଳୀରେ ୬୮.୭୨% ମତଦାନ ହୋଇଥିବା ନିର୍ବାଚନ କମିଶନ ପ୍ରକାଶ କରିଛି। ୩ ପର୍ଯ୍ୟାୟରେ ହାରାହାରି ୬୩.୪୫ ପ୍ରତିଶତ ମତଦାନ ହୋଇଛି। ମଙ୍ଗଳବାର ଜମ୍ମୁ-କଶ୍ମୀରର ୩୯.୧୮ ଲକ୍ଷ ଭୋଟର ୪୧୫ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ସେଥିମଧ୍ୟରୁ ୩୮୭ ଜଣ ପୁରୁଷ ଏବଂ ୨୮ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ୨ ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତାରା ଚାନ୍ଦ ଏବଂ ମୁଜାଫର ବେଗ୍‌ଙ୍କ ସମେତ ବହୁ ପୂର୍ବତନ ମନ୍ତ୍ରୀ ଓ ବିଭିନ୍ନ ଦଳର ବରିଷ୍ଠ ନେତାଙ୍କର ଭାଗ୍ୟ ନିର୍ଦ୍ଧାରଣ ହୋଇଛି। ଉଧାମପୁର ଜିଲାରେ ସର୍ବାଧିକ ୭୨.୯୧% ମତଦାନ ରେକର୍ଡ ହୋଇଥିବାବେଳେ ସାମ୍ବା ଜିଲାରେ ୭୨.୪୧%, କଠୁଆରେ ୭୦.୫୩%, ଜମ୍ମୁରେ ୬୬.୭୯%, ବାନ୍ଦିପୋରାରେ ୬୩.୩୩%, କୁପ୍‌ୱାରାରେ ୬୨.୭୬% ଏବଂ ବାରାମୁଲାରେ ସର୍ବନିମ୍ନ ୫୫.୭୩% ମତଦାନ ରେକର୍ଡ ହୋଇଛି। ସେହିପରି ଜମ୍ମୁ ଜିଲାର ଛମ୍ବ ନିର୍ବାଚନମଣ୍ଡଳୀରେ ସର୍ବାଧିକ ୭୭.୩୫% ମତଦାନ ରେକର୍ଡ ହୋଇଛି। ମତଦାନକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ବୁଥ୍‌ଗୁଡ଼ିକରେ ପାରା ମିଲିଟାରି ଯବାନ ଏବଂ ସଶସ୍ତ୍ର ପୋଲିସ ବାହିନୀର ୪୦୦ରୁ ଅଧିକ କମ୍ପାନୀ ନିୟୋଜିତ ରହିଥିଲେ। ସେହିପରି ଭୋଟରଙ୍କ ସହଭାଗିତା ବଢ଼ାଇବାକୁ ଇସି ପକ୍ଷରୁ ସମସ୍ତ ୫,୦୬୦ ପୋଲିଂ ବୁଥ୍‌ରେ ୱେବ କାଷ୍ଟିଂ କରାଯାଇଥିଲା। ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଶେଷ ହୋଇଥିବାବେଳେ ଏହାର ଫଳାଫଳ ହରିୟାଣା ସହ ଆସନ୍ତା ୮ରେ ପ୍ରକାଶ ପାଇବ। ଗତ ସେପ୍ଟେମ୍ବର ୧୮ରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ୬୧.୩୮% ମତଦାନ ହୋଇଥିବାବେଳେ ୨୫ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୫୭.୩୧% ମତଦାନ ରେକର୍ଡ ହୋଇଥିଲା।

### ଶେଷ ହେଲା ବର୍ଷାଋତୁ

## ସ୍ୱାଭାବିକଠାରୁ ୭.୬% ଅଧିକ ବର୍ଷା

**ନୂଆଦିଲ୍ଲୀ,୧।୧୦(ପି.ଟି.)**

ଚଳିତ ବର୍ଷର ବର୍ଷାଋତୁ ସେପ୍ଟେମ୍ବର ୩୦ରେ ଶେଷ ହୋଇଛି। ଏବର୍ଷ ସ୍ୱାଭାବିକ ଠାରୁ ୭.୬ ପ୍ରତିଶତ ଅଧିକ ବୃଷ୍ଟିପାତ ହୋଇଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୮୬୮.୬ ମିଲିମିଟର ହୋଇଥିବାବେଳେ ଏଥର ଜୁନ୍‌ରୁ ସେପ୍ଟେମ୍ବର ୪ ମାସ ବର୍ଷାଋତୁରେ ମୋଟ ୯୩୪.୮ ମିଲିମିଟର ବୃଷ୍ଟିପାତ ହୋଇଛି। ମୋଟାମୋଟି ଭାବେ ଚଳିତ ବର୍ଷ ଅଧିକ ବର୍ଷା ହୋଇଥିଲେ ମଧ୍ୟ ପୂର୍ବ ଏବଂ ଉତ୍ତରପୂର୍ବାଞ୍ଚଳରେ ୧୪ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ବର୍ଷାଋତୁ ଆରମ୍ଭରୁ ଏହିସବୁ ଅଞ୍ଚଳରେ ବନ୍ୟା ଓ ଭୂସ୍ଖଳନ ହୋଇଥିଲା। କେନ୍ଦ୍ରୀୟ ଭାରତରେ ସ୍ୱାଭାବିକଠାରୁ ୧୯ ପ୍ରତିଶତ ଅଧିକ ବର୍ଷା ହୋଇଥିବାବେଳେ ଉତ୍ତରପଶ୍ଚିମାଞ୍ଚଳରେ ଅଧିକ ୭ ପ୍ରତିଶତ ଏବଂ ଦକ୍ଷିଣାଞ୍ଚଳରେ ଅଧିକ ୧୪% ବୃଷ୍ଟିପାତ ହୋଇଛି। ଆଇଏମ୍‌ଡି ତଥ୍ୟ ଅନୁଯାୟୀ ରାଜସ୍ଥାନ, ଗୁଜରାଟ, ପଶ୍ଚିମ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରେ ଅତ୍ୟଧିକ ବର୍ଷା ହୋଇଛି। ଭାରତର କୃଷିକ୍ଷେତ୍ର ପାଇଁ ମୌସୁମୀ ଅତି ଗୁରୁତ୍ୱପୂର୍ଣ୍ଣ। ୫୨% ଚାଷଜମି ବର୍ଷା ଉପରେ ନିର୍ଭର କରିଥାଏ। ଜଳଭଣ୍ଡାରଗୁଡ଼ିକୁ ପୂରଣ କରିବାରେ ବର୍ଷା ଜରୁରୀ। ମୌସୁମୀ ପ୍ରତ୍ୟାବର୍ତ୍ତନ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଅପସରି ଯାଇଥାଏ। ଚଳିତ ବର୍ଷ ଉତ୍ତରପଶ୍ଚିମ ଭାରତରେ ଲଘୁଚାପ କ୍ଷେତ୍ର ଯୋଗୁ ମୌସୁମୀ ପ୍ରତ୍ୟାବର୍ତ୍ତନ ସେପ୍ଟେମ୍ବର ୨୩ରୁ ଆରମ୍ଭ ହୋଇଥିଲା।

## ସ୍କୁଲବସ୍ ଜଳିଗଲା: ୨୫ ମୃତ




**ବ୍ୟାଙ୍କକ,୧।୧୦**

ବ୍ୟାଙ୍କକ ସହର ବାହାରେ ମଙ୍ଗଳବାର ଏକ ସ୍କୁଲବସ୍ ଜଳିଯିବାରୁ ୨୫ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଉଦ୍ଧାରକାରୀ ଟିମ୍ ପହଞ୍ଚି ବସ୍‌ରୁ ମୃତଦେହଗୁଡ଼ିକୁ ବାହାର କରୁଛନ୍ତି। କେନ୍ଦ୍ରୀୟ ଉଥାଇଥାନି ପ୍ରଦେଶରୁ ବସ୍‌ଟି ଆୟୁଥାୟା ଏବଂ ନନ୍ଥାବୁରି ପ୍ରଦେଶକୁ ଯାଉଥିଲା। ଏଥିରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସମେତ ୪୪ ଜଣ ଥିଲେ ବୋଲି ପରିବହନ ମନ୍ତ୍ରୀ ସୂଚନା ଦେଇଛନ୍ତି। ବସ୍‌ଟି ସମ୍ପୂର୍ଣ୍ଣ ଜଳୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଏଲିମେଣ୍ଟାରି ଏବଂ ଜୁନିୟର ହାଇସ୍କୁଲର ଛାତ୍ରୀଛାତ୍ର ଉକ୍ତ ବସ୍‌ରେ ଯାଉଥିଲେ। ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବସ୍‌ର ଗୋଟିଏ ଚକ ଫାଟିବାରୁ ଏହା ରୋଡ୍ ବ୍ୟାରିୟରକୁ ଧକ୍କାଦେବା ପରେ ନିଆଁ ଲାଗିଯାଇଥିଲା।

## ସ୍କୁଲ ଫି' ଦେଇ ନ ଥିବା ପିଲାଙ୍କୁ ଖରାରେ ବସାଇଲେ ପ୍ରିନ୍ସିପାଲ

**ଲକ୍ଷ୍ନୌ,୧।୧୦**



ଉତ୍ତରପ୍ରଦେଶର ସିଦ୍ଧାର୍ଥନଗର ଜିଲା ଅନ୍ତର୍ଗତ ଶ୍ୟାମରାଜି ହାଇସ୍କୁଲର ୫୦ରୁ ଊର୍ଦ୍ଧ୍ୱ ପିଲା ଫି' ପୈଠ କରି ନ ଥିବାରୁ ସ୍କୁଲ୍ ପ୍ରିନ୍ସିପାଲ ସେମାନଙ୍କୁ ଗେଟ୍ ବାହାରେ ଖରାରେ ବସାଇଥିଲେ। ପିଲାମାନେ ଖରାରେ ବସିଥିବାର ଭିଡିଓ ପ୍ରସ୍ତୁତ କରି ପ୍ରିନ୍ସିପାଲ ଶୈଳେଶ କୁମାର ତ୍ରିପାଠୀ ସେମାନଙ୍କ ଅଭିଭାବକମାନଙ୍କ ଗ୍ରୁପ୍‌ରେ ଛାଡ଼ି ଚେତାବନୀ ଦେଇଥିଲେ। ଫି' ନ ଭରିଲେ ପିଲାମାନଙ୍କୁ ସ୍କୁଲ୍ ନ ପଠାଇବାକୁ ପ୍ରିନ୍ସିପାଲ କହିଥିଲେ। ଖରାରେ ବସିଥିବା ଛାତ୍ରୀଛାତ୍ର ଲଜ୍ଜାରେ ମୁହଁ ଲୁଚାଇଥିବା ଦେଖାଯାଇଛି। ଭିଡିଓ ଭାଇରାଲ ହେବା ପରେ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଜିଲାର ସ୍କୁଲ୍ ଇନ୍ସପେକ୍ଟର ଘଟଣାକୁ ଲଜ୍ଜାଜନକ ବୋଲି କହିବା ସହ ଏହାର ତଦନ୍ତ କରିବେ ବୋଲି କହିଛନ୍ତି।

## ସିଦ୍ଧାରାମାୟା ସ୍ତ୍ରୀଙ୍କ ଜମି ଫେରାଇନେବାକୁ ଏମ୍‌ୟୁଡିଏ ରାଜି

**ବେଙ୍ଗାଲୁରୁ,୧।୧୦**

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଜମି ଦୁର୍ନୀତି ମାମଲାରେ ଫସିଥିବାବେଳେ ତାଙ୍କ ସ୍ତ୍ରୀ ବି.ଏନ୍. ପାର୍ବତୀ ବେଆଇନ ଭାବେ ପାଇଥିବା ୧୪ଟି ପ୍ଲଟ୍ ଫେରାଇଦେବାକୁ ମହୀଶୂର ଅର୍ବାନ ଡେଭେଲପ୍‌ମେଣ୍ଟ ଅଥରିଟି (ଏମ୍‌ୟୁଡିଏ)କୁ ଚିଠି ଲେଖିଥିଲେ। ଏମ୍‌ୟୁଡିଏ କର୍ତ୍ତୃପକ୍ଷ ଜମି ଫେରାଇ ନେବା ପାଇଁ ରାଜି ହୋଇଛନ୍ତି। ଜମି ଦୁର୍ନୀତି ମାମଲାରେ ଲୋକାୟୁକ୍ତ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସିଦ୍ଧାରାମାୟାଙ୍କ ନାଁରେ ମାମଲା ଦାଏର କରିବା ପରେ ପାର୍ବତୀ ଜମି ଫେରାଇବାକୁ ଚାହିଁଥିଲେ। ମହୀଶୂର ନିକଟବର୍ତ୍ତୀ ଏକ ଗ୍ରାମରେ ପାର୍ବତୀଙ୍କର ଥିବା ୩.୧୬ ଏକର ଜମି ବଦଳରେ ଏମ୍‌ୟୁଡିଏ ତାଙ୍କୁ ସହରର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ବିଜୟନଗର ଫେଜ୍ ୩ ଏବଂ ୪ରେ ୧୪ଟି ପ୍ଲଟ୍ ଆବଣ୍ଟନ କରିଥିଲା, ଯେଉଁଥିରେ ରାଜ୍ୟ ସରକାରଙ୍କର ୪୫ କୋଟି ଟଙ୍କା କ୍ଷତି ହୋଇଥିଲା। ଆଇନର ବ୍ୟବସ୍ଥା ଅନୁଯାୟୀ ଜମି ଫେରାଇ ନିଆଯାଇପାରିବ ବୋଲି ଏମ୍‌ୟୁଡିଏ କମିଶନର ଏ.ଏନ୍. ରଘୁନନ୍ଦନ କହିଛନ୍ତି। ଏଥିପାଇଁ କର୍ତ୍ତୃପକ୍ଷ ଆଇନଜୀବୀମାନଙ୍କ ଏକ ପ୍ୟାନେଲ ସହ ଆଲୋଚନା କରିଛନ୍ତି। ଜମି ଫେରାଇ ନେବା ସହ କବଲା ରଦ୍ଦ କରିବାକୁ ଓକିଲମାନେ ଏମ୍‌ୟୁଡିଏକୁ ପରାମର୍ଶ ଦେଇଛନ୍ତି।

## ରିଭଲଭର ସଫା କରିବାବେଳେ ଗୁଳି ଫୁଟି ଗୋବିନ୍ଦା ଆହତ


**ମୁମ୍ବାଇ, ୧।୧୦**



ବଲିଉଡ୍ ଅଭିନେତା ଗୋବିନ୍ଦା ମଙ୍ଗଳବାର ନିଜର ଲାଇସେନ୍ସପ୍ରାପ୍ତ ରିଭଲଭରକୁ ସଫା କରୁଥିବବେଳେ ଭୁଲ୍‌ବଶତଃ ଗୁଳି ଚଳାଇଦେଇଛନ୍ତି। ଫଳରେ ଗୁଳିଟି ଗୋବିନ୍ଦାଙ୍କ ଆଣ୍ଠୁରେ ବାଜିଥିଲା ଓ ତାଙ୍କ ଗୋଡ଼ରୁ ରକ୍ତସ୍ରାବ ହୋଇଥିଲା। ଆହତ ଅବସ୍ଥାରେ ତାଙ୍କ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହସ୍ପିଟାଲର ଇଣ୍ଟେନ୍‌ସିଭ କେୟାର ୟୁନିଟ(ଆଇସିୟୁ)ରେ ତାଙ୍କର ଚିକିତ୍ସା ଜାରି ରହିଛି। ସେହିପରି ସର୍ଜରି କରାଯାଇ ତାଙ୍କ ଗୋଡ଼ରୁ ଗୁଳି ବାହାର କରାଯାଇଛି। ତେବେ ଗୋବିନ୍ଦା ବର୍ତ୍ତମାନ ବିପଦ ବାହାରେ ଥିବା ନେଇ ତାଙ୍କ ମ୍ୟାନେଜର ଶଶୀ ସିହ୍ନା ସୂଚନା ଦେଇଛନ୍ତି। ଧୀରେ ଧୀରେ ସେ ସୁସ୍ଥ ହେଉଛନ୍ତି ଏବଂ ୪୮ ଘଣ୍ଟା ମଧ୍ୟରେ ହସ୍ପିଟାଲରୁ ସେ ଡିସ୍‌ଚାର୍ଜ ହେବେ ବୋଲି ଶଶୀ କହିଛନ୍ତି। ଦୁର୍ଘଟଣା ଘଟିବା ସମୟରେ ଗୋବିନ୍ଦା ନିଜ ଜୁହୁସ୍ଥିତ ବାସଭବନରେ ଏକା ଥିଲେ। ସେ ସୁରକ୍ଷା ପାଇଁ ନିଜ ସହ ଏକ ଲାଇସେନ୍ସ ପ୍ରାପ୍ତ ରିଭଲଭର ରଖିଥାନ୍ତି ବୋଲି ଶଶୀ କହିଛନ୍ତି। ଦୁର୍ଘଟଣାବେଳେ ତାଙ୍କ ସ୍ତ୍ରୀ ସୁନୀତା ଆହୁଜା କୋଲକାତାରେ ଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ସେ ମଙ୍ଗଳବାର ମୁମ୍ବାଇ ଆସି ପହଞ୍ଚିଛନ୍ତି। ଗୋବିନ୍ଦାଙ୍କ ବାସଭବନରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିବା ସହ ଗୋବିନ୍ଦାଙ୍କ ରିଭଲଭରକୁ ଜବତ କରିଛି।

## ୨୦୨୮ ମାର୍ଚ୍ଚ ୨୯ରେ ଭାରତର ଶୁକ୍ର ମିଶନ

**ବେଙ୍ଗାଲୁରୁ, ୧।୧୦**



'ଚନ୍ଦ୍ରୟାନ-୩' ମିଶନର ସଫଳତା ପରେ ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) 'ମିଶନ ଶୁକ୍ର' ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଇସ୍ରୋର ଏହି ବହୁ ପ୍ରତୀକ୍ଷିତ ମିଶନର ନାମ ଭେନସ ଅର୍ବିଟର ମିଶନ(ଭିଓଏମ୍) ରହିଥିବାବେଳେ ଏଥିପାଇଁ ଭାରତ ସରକାରଙ୍କ ପକ୍ଷରୁ ୧୨୩୬ କୋଟି ଟଙ୍କାର ରାଶିକୁ ଅନୁମୋଦନ କରାଯାଇଛି। ମଙ୍ଗଳବାର ଇସ୍ରୋ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୨୦୨୮ ମାର୍ଚ୍ଚ ୨୯ରେ 'ଶୁକ୍ରୟାନ -୧' ମହାକାଶ ଯାନକୁ ଉତ୍‌କ୍ଷେପଣ କରାଯିବ। ଶକ୍ତିଶାଳୀ ଲଞ୍ଚ ଭେଇକିଲ ମାର୍କ-୩(ଏଲ୍‌ଭିଏମ୍-୩) ରକେଟର ବ୍ୟବହାର କରି ଇସ୍ରୋ ପକ୍ଷରୁ ଏହି ମିଶନକୁ ଲଞ୍ଚ କରାଯିବ। ତେବେ ଶୁକ୍ରଗ୍ରହରେ ପହଞ୍ଚିବାକୁ 'ଶୁକ୍ରୟାନ -୧'କୁ ୧୧୨ ଦିନ ସମୟ ଲାଗିବ। ୨୦୨୮ ଜୁଲାଇ ୧୯ରେ ଏହା ଶୁକ୍ରପୃଷ୍ଠରେ ଅବତରଣ କରିବ। କ୍ରମାଗତ ଭାବରେ ମହାକାଶ କ୍ଷେତ୍ରରେ ସଫଳତା ହାସଲ କରି ଚାଲିଥିବା ଇସ୍ରୋ ପାଇଁ ଏହା ଆଉ ଏକ ବଡ଼ ସଫଳତା ହେବ।

ଶୁକ୍ର ଗ୍ରହକୁ ନେଇ ଅଧ୍ୟୟନ ପାଇଁ ଭେନସ୍ ଅର୍ବିଟର ମିଶନ ଭାରତର ପ୍ରଥମ ପ୍ରୟାସ ହେବ। ଅତ୍ୟାଧୁନିକ ବୈଜ୍ଞାନିକ ଉପକରଣକୁ ବ୍ୟବହାର କରି ଶୁକ୍ର ଗ୍ରହର ବାୟୁ ମଣ୍ଡଳୀୟ ସ୍ଥିତି, ଭୂପୃଷ୍ଠ ଏବଂ ଭୌଗୋଳିକ ବୈଶିଷ୍ଟ୍ୟଗୁଡ଼ିକୁ ଉକ୍ତ ମିଶନ ମାଧ୍ୟମରେ ଇସ୍ରୋ ଅଧ୍ୟୟନ କରିବ। ଖାସ୍‌କରି ଶୁକ୍ର ଗ୍ରହରେ ସମ୍ଭାବ୍ୟ ଆଗ୍ନେୟଗିରି ଏବଂ ଭୂକମ୍ପର କାର୍ଯ୍ୟକଳାପ ଉପରେ ଏହି ମିଶନ ମାଧ୍ୟମରେ ଇସ୍ରୋ ବୈଜ୍ଞାନିକମାନେ ଅନୁସନ୍ଧାନ କରିପାରିବେ। ଏହି ମିଶନରେ ଶୁକ୍ରୟାନ-୧ ସହ ସିନ୍ଥେଟିକ୍ ଆର୍ପେଚର ରାଡାର, ଇନ୍‌ଫ୍ରାଡ୍, ଅଲଟ୍ରା ଭାୟୋଲେଟ କ୍ୟାମେରା, ସେନ୍ସର ଆଦି ସହ ଅନେକ ଅତ୍ୟାଧୁନିକ ଉପକରଣକୁ ଶୁକ୍ର ଗ୍ରହର ତଥ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ପଠାଯିବ। ଉକ୍ତ ଉପକରଣଗୁଡ଼ିକ ମାଧ୍ୟମରେ ଶୁକ୍ର ଗ୍ରହର ବାତାବରଣ ସମ୍ପର୍କରେ ଇସ୍ରୋ ବୈଜ୍ଞାନିକମାନେ ଅନୁସନ୍ଧାନ କରିପାରିବେ।

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

## ମାନସ ଦତ୍ତ-ବାଲେଶ୍ୱର



ବାଲେଶ୍ୱର ଜିଲା ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ମାନସ କୁମାର ଦତ୍ତ। ୨୦୨୪ ନିର୍ବାଚନରେ ସେ ବିଜେଡିର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କୁ ୨୮ହଜାର ୬୨୬ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରି ପ୍ରଥମଥର ବିଧାୟକ ହୋଇଛନ୍ତି। ମୋଟ୍ ୧ଲକ୍ଷ ୭୫ହଜାର ୫୬୦ ଖଣ୍ଡ ଭୋଟ୍‌ରୁ ମାନସ ୮୯ହଜାର ୩୬୦ ଖଣ୍ଡ ଭୋଟ୍ ପାଇଥିବା ବେଳେ ସ୍ୱରୂପଙ୍କୁ ମିଳିଥିଲା ୬୦ହଜାର ୭୩୪ ଭୋଟ୍।

ବାଲେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ଼ ନଂ.-୧୧ ଚୌକିବଜାରରେ ୧୯୯୧ ଜୁନ୍ ୨୨ରେ ମାନସଙ୍କ ଜନ୍ମ। ମା' ପ୍ରେମଲତା ଦତ୍ତ ଓ ବାପା ମଦନମୋହନ ଦତ୍ତଙ୍କର ସେ ଏକମାତ୍ର ପୁତ୍ର। ବାଲେଶ୍ୱର ଜିଲା ସ୍କୁଲରେ ମାଟ୍ରିକ ପରେ ସେ ବଳାଙ୍ଗୀ କଲେଜରୁ ବାଣିଜ୍ୟରେ ଯୁକ୍ତ୨ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସେ ମୟୂରଭଞ୍ଜ ଜିଲା ବାରିପଦାର ଏମ୍‌ପିସି କଲେଜରେ ଯୁକ୍ତ ୩ ବାଣିଜ୍ୟରେ ନାମ ଲେଖାଇଥିଲେ। ଏହାପରେ ମଧ୍ୟପ୍ରଦେଶର ସାଗର ଜିଲାସ୍ଥିତ ସ୍ୱାମୀ ବିବେକାନନ୍ଦ କଲେଜ ଅଫ୍ ଆର୍ଟସରେ ଇଣ୍ଟେରିୟର ଡିଜାଇନ୍ ପାଠ୍ୟକ୍ରମରେ ଦେଢ଼ବର୍ଷ ଶିକ୍ଷାଲାଭ କରିଥିଲେ। ୨୦୧୩ରେ ଦିଲ୍ଲୀର ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। କିଛି ମାସ ପରେ ସେଠାରୁ ଆସି ଭୁବନେଶ୍ୱରରେ ଡିଜାଇନ୍ ବ୍ୟବସାୟ ଆରମ୍ଭ କଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱରରେ ଡିଜାଇନ୍ ବ୍ୟବସାୟ ଚାଲୁ ରଖିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଓ ଆର୍‌ଏସ୍‌ଏସ୍‌ରେ ଯୋଗଦେଇ ଦୀର୍ଘବର୍ଷ କାର୍ଯ୍ୟ କରିଥିବା ମାନସ ଛାତ୍ରନେତା ଭାବେ ୨୦୧୨ରେ ଏବିଭିପିର ନଗର ପ୍ରମୁଖ ଦାୟିତ୍ୱରେ ରହିଥିଲେ। ୨୦୧୪ରେ ଭାଜପାର ଜିଲା ଆଇଟି ସଂଯୋଜକ ଏବଂ ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ।

ବାପା ମଦନମୋହନ ୨୦୧୯ ମସିହାରେ ଭାଜପା ବିଧାୟକ ଭାବେ ଏହି ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ୨୦୨୦ ଜୁନ୍ ୧୭ରେ ତାଙ୍କର ଦେହାନ୍ତ ହୋଇଥିଲା। ଏହାପରେ ଏହି ଆସନ ପାଇଁ ୨୦୨୦ ନଭେମ୍ବର ୩ରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭାଜପାରୁ ମାନସ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ବିଜେଡିର ସ୍ୱରୂପଙ୍କଠାରୁ ୧୩ହଜାର ୩୫୧ ଖଣ୍ଡ ଭୋଟ୍ ବ୍ୟବଧାନରେ ସେ ପରାସ୍ତ ହୋଇଥିଲେ। ନବାଗତ ହୋଇଥିଲେ ମଧ୍ୟ ସେ ଏହି ଉପନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପରାସ୍ତ ହେବା ସତ୍ତ୍ୱେ ସେ ଲୋକଙ୍କ ସହ ସମ୍ପର୍କ ରଖି ବାଲେଶ୍ୱରର ବିକାଶ ପାଇଁ ଅଣ୍ଟା ଭିଡ଼ିଥିଲେ। ୨୦୨୪ ନିର୍ବାଚନରେ ଭାଜପା ପ୍ରାର୍ଥୀ ଭାବେ ବିଜୟୀ ହୋଇ ସେ ପ୍ରଥମଥର ବିଧାୟକ ହୋଇଛନ୍ତି। ବାପା ସ୍ୱର୍ଗତ ମଦନ ମୋହନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଜନସାଧାରଣ ତାଙ୍କୁ ସୁଯୋଗ ଦେଇଛନ୍ତି।

**ବିଧାୟକ କୁହନ୍ତି......**

ବାପାଙ୍କ ଜନସେବା, ନୀତି, ଆଦର୍ଶ ତାଙ୍କୁ ରାଜନୀତିରେ ପ୍ରବେଶ କରାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀ ତାଙ୍କୁ ଅନୁପ୍ରାଣିତ କରିଥିଲା। ବାଲେଶ୍ୱରର ବିକାଶ ପାଇଁ ସେ ମନ ବଳାଇଥିଲେ। ବାପାଙ୍କ ମୃତ୍ୟୁ ପରେ ଦଳ ତାଙ୍କୁ ସୁଯୋଗ ଦେଇଥିଲା। ତେଣୁ ବାଲେଶ୍ୱରକୁ ମହାନଗର ନିଗମ କରାଇବା ତାଙ୍କର ଲକ୍ଷ୍ୟ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ସେ ପ୍ରତିଶ୍ରୁତିବଦ୍ଧ। ଯୁବତୀଯୁବକଙ୍କ ପାଇଁ ରୋଜଗାର, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଉନ୍ନତି ଏବଂ କୃଷିର ବିକାଶ ପାଇଁ ତାଙ୍କର କାର୍ଯ୍ୟଧାରା ବଜାୟ ରହିବ। ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର, ଆର୍ଦ୍ରତା ଓ ଉତ୍ତାପ ନିୟନ୍ତ୍ରିତ ଗୋଦାମ ପ୍ରତିଷ୍ଠା ପାଇଁ ସେ ଅଗ୍ରାଧିକାର ଦେବେ ବୋଲି ବିଧାୟକ ମାନସ କହିଛନ୍ତି।

**ରିପୋର୍ଟ-ବାଞ୍ଛାନିଧି ଦେ**

# ଅନୁଗୋଳ ଜିଲାର ଦଳୀୟ କର୍ମକର୍ତ୍ତାଙ୍କୁ ଭେଟିଲେ ନବୀନ

## ମୌସୁମୀ ପରେ ଜିଲା ବୁଲିବେ

ଭୁବନେଶ୍ୱର,୧।୧୦(ଅନିଲଦାସ)



ଶଙ୍ଖଭବନଠାରେ ଅନୁଗୋଳ ଜିଲାର ବିଜେଡି କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ।

ଶଙ୍ଖ ଭବନଠାରେ ମଙ୍ଗଳବାର ଅନୁଗୋଳ ଜିଲାର ସାଂଗଠନିକ ପଦାଧିକାରୀ ଓ ନେତୃବୃନ୍ଦଙ୍କ ବୈଠକ ଅନୁଷ୍ଠିତ ହୋଇ ସଂଗଠନକୁ ମଜଭୁତ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଉଦ୍‌ବୋଧନ ଦେଇ ଦଳର ସଭାପତି ନବୀନ ପଟ୍ଟନାୟକ କହିଥିଲେ, ବିଜେଡି ସରକାର ୨୪ବର୍ଷ ଶାସନକାଳରେ ରାଜ୍ୟର ସବୁ ଅଞ୍ଚଳ ଓ ସବୁ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦେଇଥିଲା। ଶିଳ୍ପ ବିକାଶ କ୍ଷେତ୍ରରେ ଅନୁଗୋଳ ଏକ ଆଗୁଆ ଜିଲା। ବିଜେଡି ସରକାର ସମୟରେ ଜିଲାର ବିକାଶ ପାଇଁ ଅନେକ କାମ ହୋଇଥିଲା। ବିଭିନ୍ନ ପଞ୍ଚାୟତ ଓ ପୌର ପରିଷଦରେ ବିଜେଡିର ସ୍ଥିତି ମଜଭୁତ ରହିଛି। ତେଣୁ ପୂର୍ବ ପରି ଅଧିକ ନିଷ୍ଠାର ସହ ଲୋକଙ୍କ ସେବା ଜାରି ରଖିବାକୁ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ସରକାର ସମୟରେ ଦାରିଦ୍ର୍ୟ ହ୍ରାସ ପାଇଁ ଅନେକ କାମ ହୋଇଛି, ଯାହା ଆଜି ସୁଫଳ ଦେଇଛି । ଏହା ୭୦% ରୁ କମି ୧୦% ରେ ପହଞ୍ଚିଛି। ବିକାଶର ବିଭିନ୍ନ ସୂଚକାଙ୍କରେ ଓଡ଼ିଶା ଭଲ ପ୍ରଦର୍ଶନ କରିଛି। ବିଜେଡି ସରକାର ସମୟରେ ଭଲ କାମ ବିଷୟରେ ଲୋକଙ୍କୁ ସଚେତନ କରିବା ସହ ପଦଯାତ୍ରା ବେଳେ ଭାଜପାର ମିଛ ଲୋକଙ୍କୁ ଜଣାଇବାକୁ ନବୀନ ପରାମର୍ଶ ଦେଇଥିଲେ। ନବୀନ କହିଥିଲେ, ଲୋକଙ୍କ ସହିତ ସମ୍ପର୍କକୁ ଅଧିକ ମଜଭୁତ କରିବାକୁ ହେବ। ଏଥିପାଇଁ ଦଳର ପଦଯାତ୍ରା କାର୍ଯ୍ୟକ୍ରମ ଓ ସଭ୍ୟସଂଗ୍ରହ ଅଭିଯାନରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବାକୁ ପଟ୍ଟନାୟକ ଦଳୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି। ମୌସୁମୀ ପରେ ଜିଲା ବୁଲିବେ ବୋଲି ନବୀନ ସୂଚନା ଦେଇଛନ୍ତି।

ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ବୈଠକ ସଂଯୋଜନା କରିଥିଲେ। ଅନୁଗୋଳ ବିଜେଡି ଜିଲା ସଭାପତି ସ୍ୱାଗତ ଭାଷଣ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବ୍ରଜ କିଶୋର ପ୍ରଧାନ, ବିଧାୟକ ନଳିନୀ ପ୍ରଧାନ, ପୂର୍ବତନ ବିଧାୟକ ମହେଶ ସାହୁ, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ଜିଲାର ବରିଷ୍ଠ ନେତୃମଣ୍ଡଳୀ, ପଞ୍ଚାୟତ ଓ ପୌର ପାଳିକାର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କଟକ ମେୟରଙ୍କ ବିରୋଧରେ ବିଜେଡି ଯୁବଛାତ୍ର ନେତାଙ୍କ ଅଭିଯୋଗ

କଟକ,୧।୧୦
(ଶିଳ୍ପା ପ୍ରିୟଦର୍ଶିନୀ)

କଟକରେ ବିଜେଡି ସଦସ୍ୟଙ୍କ ମଧ୍ୟରେ ବିବାଦ ଥମିବାରେ ନାଁ ଧରୁନି। ମଙ୍ଗଳବାର ଶଙ୍ଖ ଭବନରେ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ରଙ୍କୁ ଭେଟିଛନ୍ତି ବିଜେଡି ଯୁବ ଛାତ୍ର ନେତା। ଦଳର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କ ବିରୋଧରେ ସେମାନେ ଅଭିଯୋଗ କରିଛନ୍ତି। ସୁବାସ ଦଳ ବିରୋଧୀ କାର୍ଯ୍ୟ କରିବା ସହ ଦଳୀୟ କର୍ମୀଙ୍କୁ ଅଣଦେଖା କରିବା ଭଳି ଅଭିଯୋଗ ହୋଇଛି। ସମସ୍ତ ଅଭିଯୋଗ ଶୁଣିବା ପରେ ଆସନ୍ତା ୨ ଦିନ ମଧ୍ୟରେ ଉଭୟ କର୍ପୋରେଟର ଓ ଯୁବଛାତ୍ର ନେତାଙ୍କୁ ଶଙ୍ଖ ଭବନକୁ ଡକାଯାଇ ଆଲୋଚନା କରାଯିବ ବୋଲି ଯୁବଛାତ୍ର ରାଜ୍ୟ ଉପସଭାପତି ସନ୍ତୋଷ ମହାପାତ୍ର ସୂଚନା ଦେଇଛନ୍ତି। ଏନେଇ ମେୟର ସିଂ କହିଛନ୍ତି, ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ। ଦଳରେ କୌଣସି ପ୍ରକାରର ମତଭେଦ ନାହିଁ।

ଅନ୍ୟପକ୍ଷରେ ଯୁବଛାତ୍ର ନେତାମାନେ ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆସନ୍ତା ଦୁର୍ଗା ପୂଜାରେ କଟକର ସମସ୍ତ ପୂଜା ମଣ୍ଡପ ପରିଦର୍ଶନ କରିବା ପାଇଁ ନିମନ୍ତ୍ରଣ କରିଛନ୍ତି।

# ଜବାବ ଦାଖଲ ପାଇଁ ହାଇକୋର୍ଟ ନୋଟିସ

## ବିଧାୟକ ସାରଦାଙ୍କ ନାଁରେ ଇଭିଏମ୍ ଟାମ୍ପରିଂ ଅଭିଯୋଗ ମାମଲା

କଟକ,୧।୧୦
(କାର୍ତ୍ତିକ ସାହୁ)

ରାଉରକେଲା ବିଧାୟକ ସାରଦା ନାୟକଙ୍କ ନାମରେ ନିର୍ବାଚନରେ ଇଭିଏମ୍ ଟାମ୍ପରିଂ ଅଭିଯୋଗ ମାମଲାରେ ହାଇକୋର୍ଟ ମଙ୍ଗଳବାର ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୧୯ ତାରିଖ ସୁଦ୍ଧା ସାରଦା ଜବାବ ଦାଖଲ କରିବାକୁ ବିଚାରପତି ଶଶିକାନ୍ତ ମିଶ୍ର ଆଦେଶ ଦେଇଛନ୍ତି। ଏଥିସହ ବିଧାୟକଙ୍କ ବିରୋଧରେ ଥିବା ଆଉ ୩ଟି ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ମଧ୍ୟ ମଙ୍ଗଳବାର ହୋଇଛି। ସୂଚନା ଅନୁସାରେ, ୨୦୨୪ ସାଧାରଣ ନିର୍ବାଚନବେଳେ ଭୋଟ ଗଣତି କେନ୍ଦ୍ରରେ ସାରଦାଙ୍କ ଇଙ୍ଗିତରେ ଇଭିଏମ୍ ଟାମ୍ପରିଂ କରାଯାଇଥିଲା। ଏନେଇ ସ୍ଥାନୀୟ ଭୋଟର ରାଧେଶ୍ୟାମ ଯାଦବ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଆବେଦନକାରୀ ଏହି ଅଭିଯୋଗ ସଂକ୍ରାନ୍ତୀୟ ସିସିଟିଭି ଫୁଟେଜ ଓ ଫଟୋ ମଧ୍ୟ ହାଇକୋର୍ଟରେ ଦାଖଲ କରିଛନ୍ତି। ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ ନେଇ ଅନ୍ୟ ମାମଲାଗୁଡ଼ିକରେ ସାରଦା ନାୟକଙ୍କୁ ଆସନ୍ତା ୨୯ ତାରିଖ ସୁଦ୍ଧା ଉତ୍ତର ରଖିବାକୁ ଶେଷ ସୁଯୋଗ ବୋଲି ହାଇକୋର୍ଟ କହିଛନ୍ତି।

# ବିଜେଡି ଶାସନରେ ପ୍ୟାକ୍ସ, ଲ୍ୟାମ୍ପ୍ସ ଦୁର୍ନୀତିର ଗନ୍ତାଘର ସାଜିଥିଲା: ଭାଜପା

ଭୁବନେଶ୍ୱର, ୧।୧୦(ସୁନିତ୍ ମିଶ୍ର)

ବିଜେଡି ସରକାର ଅମଳରେ ପ୍ୟାକ୍ସ ଓ ଲ୍ୟାମ୍ପ୍ସ ସ୍ତରରେ ବ୍ୟାପକ ଦୁର୍ନୀତି ହୋଇଥିଲା ବୋଲି ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସେସବୁ ସଂସ୍ଥାରେ ଏବେ ଯେଉଁମାନେ ନନ୍‌କ୍ୟାଡର ସମ୍ପାଦକ କାର୍ଯ୍ୟରତ ଅଛନ୍ତି, ପୂର୍ବର ବିଜେଡି ସରକାର ନୂଆ କ୍ୟାଡର ରୁଲ୍ ପ୍ରଚଳିତ ନ କରିବାରୁ ସେମାନଙ୍କର ବଦଳି ହେଉ ନ ଥିଲା। ଫଳରେ ଦୀର୍ଘଦିନ ଧରି ସମ୍ପୃକ୍ତ ସମ୍ପାଦକମାନେ ଏକାଧିକ ସମବାୟ ସମିତିର ଦାୟିତ୍ୱରେ ରହୁଥିଲେ। ଏଥିଯୋଗୁ ସମିତିରେ ବ୍ୟାପକ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଚାଲିଥିଲା। ଧୀରେ ଧୀରେ କ୍ୟାଡର ସମ୍ପାଦକମାନେ ଅବସର ନେଇଗଲେ। ଯେଉଁ ଅଳ୍ପ କେତେଜଣ କ୍ୟାଡର ସମ୍ପାଦକ ଥିଲେ ଉପରିସ୍ଥ ବ୍ୟାଙ୍କଗୁଡ଼ିକର କର୍ମଚାରୀ ଅଭାବ ଯୋଗୁ ସେମାନଙ୍କୁ ସେସବୁ ସ୍ଥାନରେ ସ୍ଥାନିତ କରାଯାଇଛି। ବାସ୍ତବରେ ବିଜେଡି ଶାସନରେ ପ୍ୟାକ୍ସ ଓ ଲ୍ୟାମ୍ପ୍ସଗୁଡିକ ଦୁର୍ନୀତିର ଗନ୍ତାଘର ସାଜିଥିଲା ବୋଲି ସମୀର କହିଛନ୍ତି। ଓଡ଼ିଶାର ପ୍ରତ୍ୟେକ ପଞ୍ଚାୟତରେ ସମବାୟ ସମିତି ଗଠନ ହୋଇପାରିନାହିଁ। ରାଜ୍ୟରେ ସମୁଦାୟ ୨୫୦୦ ପ୍ୟାକ୍ସ ଥିଲାବେଳେ ୨୧୦ଟି ଲ୍ୟାମ୍ପ୍ସ ରହିଛି। ପୂର୍ବ ସରକାର ନୂତନ ଭାବେ ୧୫୪୨ ସମିତି ଖୋଲିଥିଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। ବର୍ତ୍ତମାନ ରାଜ୍ୟରେ ୬,୭୯୪ ଗ୍ରାମପଞ୍ଚାୟତ ଥିଲାବେଳେ ଏବେ ବି ଆହୁରି ୨,୫୪୨ ପଞ୍ଚାୟତରେ ସମବାୟ ସମିତି ଆବଶ୍ୟକ ରହିଛି। କିନ୍ତୁ ପୂର୍ବ ସରକାର ତାହା କରିପାରି ନ ଥିଲେ। ରାଜ୍ୟରେ ବର୍ତ୍ତମାନ ଭାଜପାର ନୂତନ ସରକାର ଏସବୁ ପଞ୍ଚାୟତରେ ସମବାୟ ସମିତି ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି ବୋଲି ସମୀର କହିଛନ୍ତି।




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମୁଖପାତ୍ର ସମୀର ରଞ୍ଜନ ଦାଶ ଓ ଦଳୀୟ ନେତୃବୃନ୍ଦ।

# ବିଡିଓଙ୍କୁ ତାଲା ପକାଇଲେ ଏମ୍‌ପିଙ୍କ ପ୍ରତିନିଧି, ଭାଜପା କର୍ମୀ

କେନ୍ଦୁଝର, ୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)




ଭାଜପା କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି।

କେନ୍ଦୁଝର ଜିଲା ତେଲକୋଇ ବିଡିଓଙ୍କ ବ୍ୟବହାରରେ କ୍ଷୁବ୍ଧ ହୋଇ ମଙ୍ଗଳବାର ଅପରାହ୍ନରେ କେନ୍ଦୁଝର ଏମ୍‌ପିଙ୍କ ପ୍ରତିନିଧି ହରିହର ପ୍ରଧାନ ଓ ସେମାନଙ୍କ ସମର୍ଥକମାନେ ଅଫିସ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ପରେ ଆପୋଷ ବୁଝାମଣା ପରେ ତାଲା ଖୋଲାଯାଇଥିଲା।

ବ୍ଲକରେ କେତେକ କାମକୁ ନେଇ ଏମ୍‌ପିଙ୍କ ପ୍ରତିନିଧି ପ୍ରଧାନ ଓ ଅନ୍ୟ କେତେକ ଭାଜପା କର୍ମୀ ବ୍ଲକକୁ ଆସିଥିଲେ। ସେମାନେ ବିଡିଓ ଗୀତା ମୁର୍ମୁଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ। ତେବେ କୌଣସି ନିର୍ଦ୍ଦିଷ୍ଟ କାମ ନ ଥାଇ ବାରମ୍ବାର ବହୁ ସଂଖ୍ୟାରେ କାହିଁକି ଆସୁଛ ବୋଲି ବିଡିଓ ସେମାନଙ୍କୁ କହିବାରୁ ବିଡିଓ ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଏମ୍‌ପି ପ୍ରତିନିଧି ଓ ଭାଜପା କର୍ମୀମାନେ ବିଡିଓ ମୁର୍ମୁ ଅଫିସରେ ଥିବା ବେଳେ ବାହାରୁ ତାଲା ପକାଇ ଦେଇଥିଲେ। ଭାଜପା କର୍ମୀଙ୍କ କହିବା ଅନୁସାରେ ସେମାନେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଆଲୋଚନା ପାଇଁ ଆସିଥିବା ବେଳେ ବିଡିଓ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଅନ୍ୟପକ୍ଷରେ ବିଡିଓ ମୁର୍ମୁ କହିଛନ୍ତି, ଏମ୍‌ପି ପ୍ରତିନିଧି ଓ ସେମାନଙ୍କର ସମର୍ଥକମାନେ ବାରମ୍ବାର ଆସୁଥିବାରୁ କାହିଁକି ଏତେ ଜଣ ଆସୁଛ, ଜଣେ ଦୁଇ ଜଣ ଆସିଲେ କଥାବାର୍ତ୍ତା ହୋଇହେବ ବୋଲି କହିଥିଲେ। ହେଲେ ଏଥିରେ ସେମାନେ ଉତ୍‌କ୍ଷିପ୍ତ ହୋଇ ଅଫିସ୍‌ରେ ସେମାନେ ତାଲା ପକାଇଥିଲେ। ଅନ୍ୟପକ୍ଷରେ ଏମ୍‌ପି ପ୍ରତିନିଧି ହରିହର ପ୍ରଧାନ କହିଛନ୍ତି ଯେ, ସରକାରୀ ଦଳର ହୋଇଥିବାରୁ ମଙ୍ଗଳବାର ଦୁଇ ମଣ୍ଡଳର ସଭାପତି ଓ ଅନ୍ୟମାନେ କେତେକ ଉନ୍ନୟନମୂଳକ କାମ ବିଷୟରେ ଆଲୋଚନା କରିବାକୁ ଯାଇଥିଲୁ। କାହିଁକି ଏତେ ସଂଖ୍ୟାରେ ଆସିଛ ବୋଲି କହି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଫଳରେ ତା'ର ପ୍ରତିବାଦରେ ଫାଟକ ନିକଟରେ ଧାରଣାରେ ବସି ପ୍ରତିବାଦ ଜଣାଇଥିଲୁ।

# ଅକ୍ଟୋବର ୯ରୁ ବିଜେଡିର ସଦସ୍ୟତା ସଂଗ୍ରହ ଅଭିଯାନ

## ବିଜୁ ଛାତ୍ର ଜନତା ଦଳ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧।୧୦(ଅନିଲଦାସ)

ବିଜୁ ଜନତା ଦଳର ସଦସ୍ୟତା ସଂଗ୍ରହ ଅଭିଯାନ ଆସନ୍ତା ଅକ୍ଟୋବର ୯ ତାରିଖରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆଗାମୀ ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ନିମନ୍ତେ ଏକ ମତାମତ ସଂଗ୍ରହ କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ବୈଠକ ଭର୍ଚୁଆଲ ପ୍ଲାଟଫର୍ମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜୁ ଛାତ୍ର ଜନତା ଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା, ଜିଲା ସଭାପତିଙ୍କ ସମେତ ସମସ୍ତ ଜିଲାର ଛାତ୍ର ନେତୃତ୍ୱ ଯୋଗ ଦେଇଥିଲେ। ଏହି ଅବସରରେ ଦଳର କର୍ମକର୍ତ୍ତା ମତାମତ ଦେବା ସହ କିପରି ଭାବେ ସୁଚାରୁ ରୂପେ ପ୍ରତି କ୍ୟାମ୍ପସରେ ସଦସ୍ୟତା ସଂଗ୍ରହ ଅଭିଯାନକୁ ବ୍ୟାପକ ଭାବେ ସଫଳତାର ସହ ସମାପନ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ସମସ୍ତ କ୍ୟାମ୍ପସ ସ୍ତରରେ କ୍ୟାମ୍ପସ କମିଟି କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦେବା ସହ ପ୍ରତି କଲେଜରେ କିପରି ବ୍ୟାପକ ଭାବେ ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସେଥିପ୍ରତି ବିଜୁ ଛାତ୍ର ଜନତା ଦଳ ପଦକ୍ଷେପ ଗ୍ରହଣ କରିବ। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି କହିଛନ୍ତି, ବିଜୁ ଜନତା ଦଳରେ କିପରି ଅଧିକରୁ ଅଧିକ ସଦସ୍ୟ ଯୋଗଦାନ କରିବେ ସେଥିପାଇଁ ସମସ୍ତ କର୍ମୀ ବଦ୍ଧପରିକର। ଏଥିସହ ସମସ୍ତ କଲେଜରେ କ୍ୟାମ୍ପସ କମିଟି କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦେବା ସହ ସମସ୍ତ କଲେଜର କନ୍‌ଭେନରମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ।

# ଢିଙ୍କିଆ ପଞ୍ଚାୟତ ନିର୍ବାଚନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

## ଆଜି ପ୍ରଚାର ଶେଷ

କୁଜଙ୍ଗ,୧।୧୦(ମନୋଜ ପ୍ରଧାନ)



ଶାନ୍ତିଲତା ବେହେରା



ପିଙ୍କି ଦାସ



ବାସନ୍ତୀ ଖଟୁଆ

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତ ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟ ପଦ ନିମନ୍ତେ ଅକ୍ଟୋବର ୪ରେ ନିର୍ବାଚନ ହେବ। ଏଠାରେ ସରପଞ୍ଚ ପଦବୀ ଅନୁସୂଚିତ ଜାତି ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ଶାସକ ଭାଜପା ସମର୍ଥିତ ପ୍ରାର୍ଥିନୀ ଭାବେ ବାସନ୍ତୀ ଖଟୁଆ ରଣାଙ୍ଗନକୁ ଅବତୀର୍ଣ୍ଣ ହୋଇଥିବା ବେଳେ ବିଜେଡି ସମର୍ଥିତ ପ୍ରାର୍ଥିନୀ ଭାବେ ଶାନ୍ତିଲତା ବେହେରା ଓ ସ୍ୱାଭିମାନ ମଞ୍ଚ ପକ୍ଷରୁ ପିଙ୍କି ଦାସ ଲଢୁଛନ୍ତି । ଏହି ନିର୍ବାଚନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ଆଲୋଚନା ହେଉଛି।

ସମସ୍ତ ରାଜନୈତିକ ଦଳ ସେମାନଙ୍କ ସମର୍ଥିତ ପ୍ରାର୍ଥିନୀଙ୍କୁ ଜିତାଇବା ପାଇଁ ଜୋର୍‌ଦାର ପ୍ରଚାର କରିଛନ୍ତି। ବିଶେଷକରି ଭାଜପା, ବିଜେଡି ଓ ଶିଳ୍ପ ବିରୋଧୀ ମେଣ୍ଟ ସହ ମିଶି କଂଗ୍ରେସ ସ୍ୱାଭିମାନ ମଞ୍ଚ ନାମରେ କଡ଼ା ଟକ୍କର ଦେଉଛନ୍ତି। ବାସନ୍ତୀଙ୍କ ନିମନ୍ତେ ଭାଜପା ନେତା ସତ୍ୟସାରଥି ମହାନ୍ତି ଜୋରଦାର ପ୍ରଚାର କରୁଥିବାବେଳେ ଶାନ୍ତିଲତାଙ୍କୁ ଜିତାଇବା ପାଇଁ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଉଦ୍ୟମ କରୁଛନ୍ତି। ସ୍ୱାଭିମାନ ମଞ୍ଚ ପ୍ରାର୍ଥିନୀ ପିଙ୍କିଙ୍କ ପାଇଁ ଶିଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁ ଓ ଅନ୍ୟମାନେ ଜୋର୍‌ଦାର ପ୍ରଚାର କରୁଛନ୍ତି। ବୁଧବାର ନିର୍ବାଚନ ପ୍ରଚାର ଶେଷ ଦିବସ ଥିବାରୁ ସମସ୍ତ ପ୍ରାର୍ଥିନୀ ସଭା ଓ ଶୋଭାଯାତ୍ରା ମାଧ୍ୟମରେ ସେମାନଙ୍କ ଶକ୍ତି ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହୋଇଛନ୍ତି।

୨୦୨୪ ନିର୍ବାଚନରେ ଏହି ପଞ୍ଚାୟତରୁ ବିଜେଡି ବିଧାୟକ ଶାରଦା ପ୍ରସନ୍ନ ଜେନା ୨,୭୦୦ରୁ ଊର୍ଦ୍ଧ୍ୱ ଭୋଟ ପାଇ ଆଗରେ ଥିଲେ। ଭାଜପା ପ୍ରାର୍ଥୀ ସତ୍ୟସାରଥି ୨,୨୦୦ରୁ ଊର୍ଦ୍ଧ୍ୱ ଭୋଟପାଇ ଦ୍ୱିତୀୟ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ନଳିନୀ ସ୍ୱାଇଁ ୧,୭୦୦ରୁ ଊର୍ଦ୍ଧ୍ୱ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ମାତ୍ର ପଞ୍ଚାୟତ ନିର୍ବାଚନରେ ସମୀକରଣ ବଦଳିବା ନେଇ ଚର୍ଚ୍ଚା ହେଉଛି। ଢିଙ୍କିଆ ପଞ୍ଚାୟତର ବାସିନ୍ଦା ଶିଳ୍ପ ବିରୋଧୀ ଭାବେ ଚର୍ଚ୍ଚାରେ ଥିବାବେଳେ, କଳବଳେ ପଞ୍ଚାୟତ ଦଖଲ ପାଇଁ ଶିଳ୍ପ ବିରୋଧୀ ସ୍ୱାଭିମାନ ମଞ୍ଚ ଚେଷ୍ଟା ଚଳାଇଛି। ଅପରପକ୍ଷେ ଏହି ନିର୍ବାଚନ ଭାଜପା ନେତା ସତ୍ୟସାରଥି ଓ ବିଜେଡି ବିଧାୟକ ଶାରଦାଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଶାରଦା ଜଣେ ତୃଣମୂଳସ୍ତରର ସଙ୍ଗଠକ ହୋଇଥିବାବେଳେ ବିଧାୟକ ହେବା ପରେ ପ୍ରଥମ କରି ପଞ୍ଚାୟତ ନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଛନ୍ତି। ମାତ୍ର ପଞ୍ଚାୟତ ସ୍ତରରେ ବିଜେଡି କର୍ମୀଙ୍କ ମଧ୍ୟରେ ତାଳ ମେଳ ନ ଥିବା ଆଲୋଚନା ହେଉଛି । ବିଜେଡିର ଭୋଟ ହାର ଅଧିକ ଥିଲେ ବି ଅସନ୍ତୁଷ୍ଟଙ୍କୁ ନେଇ ଦଳ ଚିନ୍ତାରେ ପଡ଼ିଛି। ଅନ୍ୟପଟେ ଭାଜପା ନେତା ସତ୍ୟସାରଥୀ ଦଳୀୟ ସମର୍ଥିତ ପ୍ରାର୍ଥିନୀଙ୍କୁ ବିଜୟୀ କରାଇ ସଙ୍ଗଠନକୁ ସୁଦୃଢ଼ କରିବାକୁ ଭୋଟରଙ୍କୁ ନିବେଦନ କରୁଛନ୍ତି । ସେ କିପରି ଅସନ୍ତୁଷ୍ଟ ବିଜେଡି ଓ କଂଗ୍ରେସ ଭୋଟ୍ ହାତେଇ ଦଳକୁ ଜିତାଇବେ ସେନେଇ ଲାଗି ପଡ଼ିଛନ୍ତି। ସେହିପରି ସ୍ୱାଭିମାନ ମଞ୍ଚ ନେତା ଦେବେନ୍ଦ୍ର ଶିଳ୍ପ ବିରୋଧୀ ଓ ଭିଟା ମାଟିର ସୁରକ୍ଷା ସ୍ଲୋଗାନ ଦେଇ ପିଙ୍କିଙ୍କୁ ବିଜୟୀ କରିବାକୁ ରଣନୀତି ପ୍ରସ୍ତୁତି ଲାଗିଛନ୍ତି। ସେ ଅସନ୍ତୁଷ୍ଟ ବିଜେଡି ଭୋଟ୍‌କୁ ନିଜ ସପକ୍ଷରେ ନେବାକୁ ଲାଗି ପଡ଼ିଛନ୍ତି।

# ଚାଷୀଙ୍କ ପାଇଁ ସମବାୟ ସମିତି ସଶକ୍ତ ହେବା ଜରୁରୀ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧।୧୦(ଅନିଲ ଦାସ)



## ୨ ଦିନିଆ ଜାତୀୟ ସମୀକ୍ଷା ବୈଠକ ଉଦ୍‌ଯାପିତ

ସମବାୟ ଅନୁଷ୍ଠାନଗୁଡ଼ିକର ସଶକ୍ତୀକରଣ ଏବଂ ଗ୍ରାମାଞ୍ଚଳରେ କୃଷି ସମବାୟ ସମିତିକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରଠାରେ କେନ୍ଦ୍ର ସମବାୟ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ୨ ଦିନିଆ ଜାତୀୟ ସମୀକ୍ଷା ବୈଠକ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଚାଷୀମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ସମବାୟ ସମିତି ସଶକ୍ତ ହେବା ଜରୁରୀ। ତୃଣମୂଳସ୍ତରରେ ଏହାକୁ ମଜଭୁତ କରିବାର ଆବଶ୍ୟକତା ରହିଛି। ଗୁଣାତ୍ମକ ଇନ୍‌ପୁଟ୍, ଷ୍ଟୋରେଜ୍ ଷ୍ଟ୍ରକଚର, ପ୍ରକ୍ରିୟାକରଣ ସୁବିଧା, ଋଣ ସୁବିଧା ଏବଂ ବଜାର ସୁବିଧା ଭଳି ସମସ୍ତ ମୌଳିକ ଆବଶ୍ୟକତା ପୂରଣ ପାଇଁ ଜାତୀୟ ଅନୁଷ୍ଠାନଗୁଡ଼ିକ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି। ସମବାୟ ସମିତି ଚାଷୀମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବାର ଏକମାତ୍ର କେନ୍ଦ୍ର। ଲୋକମାନଙ୍କର ନିଜର ଅନୁଷ୍ଠାନ ଭାବରେ ସମବାୟ ସମିତିରେ ଅନେକ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ଏହି ସମୀକ୍ଷା ବୈଠକରେ ଯୋଗଦେଇ ସମବାୟ ମନ୍ତ୍ରାଳୟର ଶାସନ ସଚିବ ଆଶିଷ କୁମାର ଭୁଟାନି କହିଛନ୍ତି, ସମବାୟ ଉଦ୍ୟୋଗଗୁଡ଼ିକର ପ୍ରଚାର ପ୍ରସାର କ୍ଷେତ୍ରରେ ଯୁବପିଢ଼ିଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ସମବାୟ ସମିତିରେ ଯୁବପିଢ଼ିଙ୍କ ଯୋଗଦାନକୁ ବୃଦ୍ଧି, ସମବାୟ ଶିକ୍ଷା ଏବଂ ତାଲିମ ପ୍ରଣାଳୀକୁ ଆଧୁନିକୀକରଣ କରିବା ଅତ୍ୟନ୍ତ ଜରୁରୀ। ଜିଡିପିରେ ଯୋଗଦାନ କ୍ଷେତ୍ରରେ ସମବାୟ ସମିତିର ପ୍ରମୁଖ ଭୂମିକା ରହିଛି। ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି ଗଠନ ଉପରେ ସେ ଗୁରୁତ୍ୱାରୋପ କରଛନ୍ତି। ପ୍ରାଥମିକ କୃଷି ସମବାୟ ସମିତିକୁ ୨୫ଟି ନୂତନ ବ୍ୟବସାୟ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରାଗଲେ ଏହା ଆର୍ଥିକ ରୂପେ ସଶକ୍ତ ହୋଇପାରିବ। ଏହି ସମିତିଗୁଡ଼ିକ ଚାଷୀମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ନିଜ ଉତ୍ପାଦନର ରପ୍ତାନି ବୃଦ୍ଧି କରିବାରେ ସହାୟକ କରିବ। ସମବାୟ ମନ୍ତ୍ରାଳୟ ତଥ୍ୟ ସଂଗ୍ରହ ତଥା ଦେଶବ୍ୟାପୀ କାର୍ଯ୍ୟକ୍ରମଗୁଡ଼ିକର ଦୃଢ଼ ତଦାରଖ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଏନ୍‌ସିଡି ଡାଟାବେସ୍ ମାଧ୍ୟମରେ ଡିଜିଟାଇଜେଶନ୍ ଉପରେ କାର୍ଯ୍ୟ କରୁଛି। ଦେଶରେ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ଆଗାମୀ ୫ ବର୍ଷରେ ୫୦ ପ୍ରତିଶତ ସମବାୟ ସଦସ୍ୟଙ୍କୁ ନିୟମିତ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବ। ଏଥିସହିତ ଆସନ୍ତା ନଭେମ୍ବରରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ସମବାୟ ସମିତିରେ ଭାଗ ନେବାକୁ ସେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସମବାୟ ବିଭାଗକୁ ଅନୁରୋଧ କରିଛନ୍ତି। ଏହି ବୈଠକରେ ସମସ୍ତ ୨୮ ରାଜ୍ୟ ଓ ୪ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିଙ୍କ ସହ ବହୁ ଜାତୀୟ ସମବାୟ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ତିନୋଟି କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପ୍ରତ୍ୟେକ ଗ୍ରାମ ଓ ପଞ୍ଚାୟତରେ ପହଞ୍ଚାଇବା ପାଇଁ ଏହି ଜାତୀୟ ସମୀକ୍ଷା ବୈଠକର ଆୟୋଜନ କରାଯାଇଥିଲା। ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ହେଲା ୨ ଲକ୍ଷ ନୂତନ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିକୁ ସଶକ୍ତ କରିବା, ଦୁଗ୍ଧ ଓ ମତ୍ସ୍ୟ ସମବାୟ ସମିତି, ଶ୍ୱେତ ବିପ୍ଳବ ୨.୦ ପାଇଁ ଏସ୍‌ଓପି ପ୍ରସ୍ତୁତି ଏବଂ ସମବାୟ ମଧ୍ୟରେ ସହଯୋଗ। କେନ୍ଦ୍ର ସରକାରଙ୍କ ପ୍ରଥମ ୧୦୦ ଦିନରେ ସମବାୟ ମନ୍ତ୍ରାଳୟ ଦ୍ୱାରା ନିଆଯାଇଥିବା ୧୦ଟି ପଦକ୍ଷେପ ମଧ୍ୟରୁ ଏହି ତିନୋଟି ପ୍ରମୁଖ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

# ଶୀତ ପୂର୍ବରୁ ଚିଲିକାରେ ବିଦେଶୀ ପକ୍ଷୀ

ବାଲୁଗାଁ,୧।୧୦
(ସଂଗ୍ରାମ ପାଇକରାୟ)



■ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ତତ୍ପରତା
■ ପକ୍ଷୀଙ୍କ ସୁରକ୍ଷା ପାଇଁ ୨୧ କ୍ୟାମ୍ପ

ଶୀତ ଆସିବା ପୂର୍ବରୁ ନୀଳାମ୍ବୁ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଛି। କେତେକ ବିଦେଶୀ ପକ୍ଷୀ ଘୂରି ବୁଲୁଥିବା ବେଳେ କିଛି ପକ୍ଷୀ ଚିଲିକା ଜଳରାଶିକୁ ଅବତରଣ କରିଥିବା ଦେଖିବାକୁ ମିଳିଛି। ପ୍ରାୟତଃ ଅକ୍ଟୋବର ଶେଷାର୍ଦ୍ଧରେ ବାୟୁମଣ୍ଡଳକୁ ଶୀତ ସ୍ପର୍ଶ କରିବା ମାତ୍ରେ ଚିଲିକାକୁ ପକ୍ଷୀଙ୍କ ଆଗମନ ହୋଇଥାଏ। କିନ୍ତୁ ଚଳିତବର୍ଷ ଅକ୍ଟୋବର ପହିଲାରୁ ବିଦେଶୀ ପକ୍ଷୀଙ୍କ ଦୃଷ୍ଟିଗୋଚର ହୋଇଥିବା ବେଳେ କେତେ ସଂଖ୍ୟକ ଓ କେଉଁ ପ୍ରଜାତିର ପକ୍ଷୀ ଆସିଛନ୍ତି, ତାହା ଆସନ୍ତା ଏକ ସପ୍ତାହ ମଧ୍ୟରେ ସ୍ପଷ୍ଟ ହେବ ବୋଲି ଚିଲିକା ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ ନାୟକ କହିଛନ୍ତି।

ସୂଚନାଥାଉ କି, ପ୍ରତିବର୍ଷ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଚିଲିକାକୁ ନିରାପଦ ବାସସ୍ଥାନ ଭାବେ ବିଦେଶୀ ପକ୍ଷୀ ଆଦରି ନେଇଥାନ୍ତି। ଗ୍ରୀଷ୍ମଋତୁ ଆରମ୍ଭ ହେବା ମାତ୍ରେ ଅର୍ଥାତ୍ ଏପ୍ରିଲରୁ ପକ୍ଷୀ ସମୂହ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ତେବେ ପକ୍ଷୀଙ୍କ ଏହି ୬ମାସ ରହଣିକାଳ ମଧ୍ୟରେ ସେମାନଙ୍କର ସୁରକ୍ଷା ନିମିତ୍ତ ଚିଲିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥାଏ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପକ୍ଷୀଙ୍କ ସୁରକ୍ଷା ନିମିତ୍ତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପକ୍ଷୀ ଶିକାରୀଙ୍କୁ ଧରିବା ଏବଂ ସେମାନଙ୍କ ଉପରେ ନଜର ରଖିବା ପାଇଁ ବିଭାଗ ପକ୍ଷରୁ ୫ଟି ରେଞ୍ଜ ଅଧୀନରେ ୨୧ଟି ସୁରକ୍ଷା କ୍ୟାମ୍ପ ଗଠନ କରାଯାଇଛି। ବାଲୁଗାଁ ରେଞ୍ଜ ଅଧୀନ ତଥା ପକ୍ଷୀ ଅଭୟାରଣ୍ୟ ନଳବଣ ଅଞ୍ଚଳରେ ୪ଟି କ୍ୟାମ୍ପ, ଟାଙ୍ଗୀ ରେଞ୍ଜ ଅଧୀନ ମଙ୍ଗଳାଯୋଡ଼ି ଓ ଭୂଷଣ୍ଡପୁର ଅଞ୍ଚଳରେ ୧୧ଟି, ସାତପଡ଼ା ରେଞ୍ଜ ତଥା କୃଷ୍ଣପ୍ରସାଦ ଅଞ୍ଚଳରେ ୨ଟି, ନୂଆପଡ଼ା ରେଞ୍ଜ ଅଧୀନରେ ୨ଟି ଏବଂ ରମ୍ଭା ରେଞ୍ଜ ଅଞ୍ଚଳରେ ୨ଟି କ୍ୟାମ୍ପ ନିୟୋଜିତ କରାଯାଇଛି। ଏଥିସହ ସ୍ଥଳପଥରେ ବିଭିନ୍ନ ଢାବା ଓ ହୋଟେଲ ଗୁଡ଼ିକ ତଲାସିବା ପାଇଁ ଭ୍ରାମ୍ୟମାଣ ସ୍କ୍ୱାଡ୍ ଗଠନ କରାଯାଇଛି। ଚିଲିକା ଜଳରାଶିରେ ଦିବାରାତ୍ର ପାଟ୍ରୋଲିଂ ପାଇଁ ବିଭାଗ ପକ୍ଷରୁ ଏବଂ ଭଡ଼ାରେ ବୋଟର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ କ୍ୟାମ୍ପରେ ଜଣେ ବନପାଳ କିମ୍ବା ବନରକ୍ଷୀଙ୍କ ସମେତ ଚିଲିକା ତଟବର୍ତ୍ତୀ ଗ୍ରାମ ପକ୍ଷୀ ସୁରକ୍ଷା ମଞ୍ଚର ମୋଟ୍ ୩ଜଣ ଲେଖାଏ ସଦସ୍ୟଙ୍କୁ ସାମିଲ କରାଯାଇଛି। ପକ୍ଷୀ ଶିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରଶାସନ ଏବଂ ପୋଲିସର ସହଯୋଗ ଲୋଡ଼ାଯାଇଛି। ଚିଲିକା ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ପକ୍ଷୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ବନ୍ୟପ୍ରାଣୀ ବିଭାଗ କହିଛି।

ପ୍ରଥମ ପୃଷ୍ଠାରୁ...

## ରାସ୍ତାରୁ ହଟିବ...

ରାସ୍ତାକୁ ଓହ୍ଲାଇବା ଭଲ ଦେଖାଯାଉ ନାହିଁ। ଯଦି ନୋଟିସ ଜାରି ହେବାର ୧୫ ଦିନ ପରେ ଉଚ୍ଛେଦ କରାଯାଏ ତେବେ କିଛି କ୍ଷତି ହେବନାହିଁ ବୋଲି ଜାମିଆତ୍ ଉଲମା-ଇ-ହିନ୍ଦ୍ ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଅଦାଲତ କହିଛନ୍ତି।

## ଦିଲ୍ଲୀ ପ୍ରବେଶ ପୂର୍ବରୁ...

ଦିଲ୍ଲୀ ସୀମାରେ ରାତି କଟାଇବାକୁ ଚାହୁଁଥିଲେ। ତେବେ ଦିଲ୍ଲୀରେ ନିଷିଦ୍ଧାଦେଶ ଲାଗୁ ହୋଇଥିବାରୁ ସେମାନଙ୍କୁ ଫେରିଯିବା ପାଇଁ କୁହାଯାଇଥିଲା। ସେମାନେ ନ ଅଟକିବାରୁ ଦିଲ୍ଲୀ ପୋଲିସ ସମୋନଙ୍କୁ ଅଟକ ରଖିଥିଲା। ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରାରେ ଯାଉଥିବା ଜଳବାୟୁ କର୍ମୀ ସୋନମ୍ ଓ ଅନ୍ୟମାନଙ୍କୁ ଅଟକ ରଖାଯାଇଥିବାରୁ କଂଗ୍ରେସ ନରେନ୍ଦ୍ର ମୋଦି ସରକାରଙ୍କୁ ସମାଲୋଚନା କରିଛି। ପରିବେଶ ଏବଂ ସାମ୍ବିଧାନିକ ଅଧିକାର ପାଇଁ ସୋନମ୍ ଏବଂ ଲଦାଖର ଶତାଧିକ ଲୋକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଯାଉଥିବାବେଳେ ସେମାନଙ୍କୁ ଅଟକ ରଖାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲଦାଖର ସ୍ୱର ଶୁଣିବାକୁ ହେବ। ଲଦାଖର ଭବିଷ୍ୟତ ପାଇଁ ସ୍ୱର ଉଠାଉଥିବା ବରିଷ୍ଠ ନାଗରିକମାନଙ୍କୁ ଦିଲ୍ଲୀ ସୀମାରେ କାହିଁକି ଅଟକ ରଖାଗଲା ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। କୃଷକମାନଙ୍କ ପାଇଁ କରିଥିବା ଚକ୍ରବ୍ୟୂହ ଭଳି ମୋଦି ସରକାରଙ୍କର ଏହି ଚକ୍ରବ୍ୟୂହ ଏବଂ ତାଙ୍କ ଅହଂକାର ମଧ୍ୟ ଭାଙ୍ଗିଯିବ ବୋଲି ରାହୁଲ ଏକ୍ସ'ରେ ଲେଖିଛନ୍ତି।

ଅହଂକାରୀ ମୋଦି ସରକାର କ୍ଷମତାର ଦୁରୁପଯୋଗ କରି ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଯାଉଥିବା ଲଦାଖ ନାଗରିକମାନଙ୍କୁ ଅଟକ ରଖିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଭୀରୁତା ଏବଂ ଅତ୍ୟନ୍ତ ଅଗଣତାନ୍ତ୍ରିକ। ଲଦାଖର ଆଦିବାସୀ ସମ୍ପ୍ରଦାୟଗୁଡ଼ିକର ସ୍ୱାର୍ଥର ସୁରକ୍ଷା ପାଇଁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ମାନ୍ୟତା ପ୍ରଦାନ ଦାବି ବଢ଼ିବାରେ ଲାଗିଛି। ମୋଦି ସରକାର ଏହାର ସମାଧାନ କରିବା ପରିବର୍ତ୍ତେ ନିଜର ଧନୀ ବନ୍ଧୁମାନଙ୍କୁ ଫାଇଦା ଦେବା ନିମନ୍ତେ ଲଦାଖ ଲୋକମାନଙ୍କୁ ଶୋଷଣ କରିବାକୁ ଚାହୁଁଛନ୍ତି। ମୋଦି ସରକାରଙ୍କ ନିର୍ଲଜ ନିରଙ୍କୁଶତା ବିରୋଧରେ ଲଢ଼େଇ ବନ୍ଦ ହେବ ନାହିଁ ବୋଲି ଏହି ଘଟଣାରୁ ସୂଚନା ମିଳୁଥିବା ଖାର୍ଗେ କହିଛନ୍ତି। ଜଳବାୟୁ କର୍ମୀ ସୋନମ୍ ଓ ଅନ୍ୟମାନଙ୍କୁ ଦିଲ୍ଲୀ ସୀମାରେ ଅଟକ ରଖାଯିବାକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟରେ ମଙ୍ଗଳବାର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ ହୋଇଛି। ମୁଖ୍ୟ ବିଚାରପତି ମନମୋହନ ଏବଂ ଜଷ୍ଟିସ୍ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠରେ ଗୁରୁବାର ପିଆଇଏଲ୍‌ର ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ସମେତ ସମ୍ବିଧାନର ଅନୁଚ୍ଛେଦ ୬ ଅନୁଯାୟୀ ମାନ୍ୟତା ପ୍ରଦାନ, ତ୍ୱରିତ୍ ନିଯୁକ୍ତି ପ୍ରକ୍ରିୟା ଏବଂ ଲଦାଖ ପାଇଁ ଜନସେବା ଆୟୋଗ ଏବଂ ଲେହ ଓ କାର୍‌ଗିଲ ଜିଲା ପାଇଁ ଅଲଗା ଲୋକ ସଭା ଆସନ ଦାବିରେ ଲେହ ଆପେକ୍ସ ବଡି (ଏଲ୍‌ଏବି) ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ (କେଡିଏ) ଗତ ୪ ବର୍ଷ ହେଲା ଆନ୍ଦୋଳନର ନେତୃତ୍ୱ ନେଇଆସୁଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
A multinational Company provides Job Opportunity for 40 Nos. of Industrial Cable Operator at Bangalore with Good Salary. Free Lodging and Transportation will be provided. Experienced Candidates may Contact: Bijaya Das & Associates
MOB : 8327738076
WHATSAPP : 8327738076

See Career Appointment on every Wednesday & Saturday

WALK IN INTERVIEW
For Reception (Only Girls)
Salary : 10,000/-
DATE OF INTERVIEW
06.10.2024, Time - 12 pm
Lion Institute of Pharmaceutical Science
At-Odapada, Hindol Road, Dhenkanal
Mob : 7008872594
7008556889

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
TP WESTERN ODISHA DISTRIBUTION LIMITED
Corporate Office : Burla, Dist.-Sambalpur, Pin-768017 (Odisha)
Website : www.tpwodl.com

NOTICE INVITING TENDER

TP Western Odisha Distribution Limited invites tender (2part bidding) from eligible vendors for the following packages:

1. TPWODL/IA/O/SITC/19: SITC of 33kV Double Circuit Transmission Towers at River Crossing locations in TPWODL.
2. TPWODL/CB/O/SU/23: RC for supply of PSC poles 8mtr. and 9mtr. in TPWODL.
3. TPWODL/VP/O/SER/24: RC for 2 years for Onsite Sampling, Testing and Analysis of Transformer Oil in TPWODL.

Interested bidders to submit Tender Participation Fee and Authorization Letter through email on or before 09th October 2024, (For Srl. No. 1,2 & 3) respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- HOD -Contracts and Procurement

ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୧୯ ତାରିଖ: ୩୦।୦୯।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୧୯ | ୧୪।୧୦।୨୪ | ୧୧.୦୦ ଘ. | ୧୪.୨୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-665) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

DISTRICT EDUCATION OFFICE, NUAPADA
No.7077/PM Poshan-13/2024 Date 30.09.24
3RD CORRIGENDUM NOTICE

The date for submission and opening of bids has been extended for "TENDER FOR UNDERTAKING TRANSPORTATION WORK UNDER PM POSHAN SCHEME OF NUAPADA DISTRICT DURING FY 2024-25" issued vide this office Notice No.5560, Dt.08.08.2024, Corrigendum Notice No.6054, Dt.29.08.2024 and 2nd Corrigendum Notice No.6576, Dt.13.09.2024.

The revised scheduled is as follows:

| | |
|---|---|
| Last date for submission of Bids/ Tenders | Dt.15.10.2024 upto 5.00 PM |
| Date of Opening of Bids/ Tenders | To be informed |

Sd./- Collector, Nuapada

SHREE JAGANNATH TEMPLE OFFICE, PURI

Quotation Call Notice No. 10/24-25 Memo No. LV-22-24 - 14656 Dt.30.09.24 in Double Cover System for Ornamental Silver cladding over Doors, Walls, Roofs of Temple inside SJT for the year 2024-25.
Visit Website: www.shreejagannatha.in
Last date: 14.10.2024 by 4.00 P.M.

Sd./- Administrator
Shri Jagannath Temple, Puri

idco | ODISHA NEW OPPORTUNITIES
OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR
No. CAD-1238
Tender Call Notice No. BBSR/ELECT-II/E-286/24-25/3650 Dated: 25.09.2024

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work: Supply, Installation, Testing and Commissioning of 2 Nos. of 13 Passenger lift for C and D Block of Pulah Hall of Residence, VSSUT, Burla along with the buyback of 2 Nos. of 13 Passenger lift existing in the same building.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-09/24-25 | 04.10.2024 at 12.00 Hrs. | 17.10.2024 at 16.00 Hrs. |

Further details can be seen from the e-Procurement Portal: www.tendersorissa.gov.in. Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.

OIPR-14003/11/0062/2425 Sd./- Divisional Head (Elect-II), IDCO, Bhubaneswar

GOVERNMENT OF ODISHA No. A-348
e-Procurement Notice Online Tender
BID Identification No. SEMIDBNJ-04/2024-25

| | | |
|---|---|---|
| Name of Work | : | Civil Construction Works |
| No. of Work | : | 5 Nos. |
| Estimated Cost | : | Rs.63.90 Lakh to 83.10 Lakh |
| Period of Completion | : | 5 (Five) Calendar Months |
| Date & Time of availability of Bid Documents in the portal | : | From 09.10.2024 to 19.10.2024 upto 17.30 hours |
| Date for Opening of Technical Bid | : | 21.10.2024 at 11.00 A.M. |
| Name & Address of the OIT | : | Superintending Engineer, Minor Irrigation Division, Bhanjanagar |

Further details & corrigendum if any can be seen from the website: www.tendersodisha.gov.in.

Sd./- Superintending Engineer
M.I. Division, Bhanjanagar
OIPR-32287/11/0008/2425

OFFICE OF THE EXECUTIVE ENGINEER
National Highway Division, RCD, Deoghar
Circular Road, Near D.C. Residence, Deoghar, Jharkhand (814112)
E-mail ID : eenhdeoghar@gmail.com

Tender Cancellation Notice

Tender Ref. No. NH/Deoghar/03/2024-25 Dated:- 06.08.2024, which was published in daily newspaper [PR No. 332168 Deoghar(24-25):D] for DPR Consultancy is hereby cancelled due to unavoidable circumstances.

Sd/-
Executive Engineer
National Highway Division, Deoghar
PR 337861 (Deoghar)24-25*D

GOVT. OF ODISHA No.O-320
OFFICE OF THE SUPERINTENDING ENGINEER
RURAL WORKS DIVISION, PATNAGARH
E-mail : eerw_ptng@yahoo.in, Phone No. : 06658-222121

e-Procurement Notice
IFB IDENTIFICATION NO. EEPTNG-Online-04/2024-25

| | | | |
|---|---|---|---|
| 1 | Name of work | : | Construction of Building works |
| 2 | Total No. of work | : | 05 (Five) No. Buildings work |
| 3 | Time for completion | : | 01 (One) to 06 (Six) Calendar months |
| 4 | Approximate estimated cost | : | 3.85 to 55.01 lakh |
| 5 | Mode of Submission of tender | : | Tender should be submitted online in www.tendersorissa.gov.in |
| 6 | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Divn., Patnagarh | EEPTNG-Online-04/2024-25 | 03.10.2024 at 11.00 A.M. | 17.10.2024 up to 5.00 P.M. | 15.10.2024 upto 5.00 P.M. | 18.10.2024 at 11.00 A.M. |

* Further details can be seen from the website www.tendersorissa.gov.in
* Any Corrigendum / Addendum will be displayed in the above e tender website only.

OIPR-25154/11/0005/2425 Sd./- Executive Engineer, R.W.Division, Patnagarh

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, बोकारो

ई–प्रोक्युरमेंट सूचना
(एस0बी0डी0 आधारित अति अल्पकालीन ई–निविदा)
ई–निविदा प्रसंग संख्या– RCD/BOKARO/1234/F.Y. 2024-25
दिनांक–01.10.2024

| | | |
|---|---|---|
| 1. | कार्य का नाम | पथ प्रमण्डल, बोकारो अन्तर्गत "रहावन झुमरा पथ (कुल लम्बाई 10.65 कि0मी0) के IRQP कार्य", वर्ष 2024–25. |
| 2. | प्राक्कलित राशि (रूपये में) | रू0 9,52,90,900.00 (नौ करोड़ बावन लाख नब्बे हजार नौ सौ रूपये) मात्र। |
| 3. | कार्य पूर्ण होने की अवधि | 03 (तीन) माह। |
| 4. | वेबसाईट पर निविदा प्रकाशन होने की तिथि एवं समय | 07.10.2024, 12.00 बजे दोपहर। |
| 5. | बिड प्राप्ति की अंतिम तिथि एवं समय | 14.10.2024, 12.00 बजे दोपहर तक। |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, बोकारो। |
| 7. | प्रोक्युरमेंट पदाधिकारी का सम्पर्क संख्या | 06542–265569 |
| 8. | ई–प्रोक्युरमेंट सेल का हेल्पलाईन संख्या | 0651–2400210 |

नोट :– प्राक्कलित राशि घट बढ़ सकती है।
विस्तृत ब्यौरा के लिए वेबसाईट http://jharkhandtenders.gov.in पर देखा जा सकता हैं।

PR 337729 Road(24-25).D
कार्यपालक अभियंता,
पथ निर्माण विभाग,पथ प्रमण्डल, बोकारो

OHPC
ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/TW-311 (Vol.-III)/4108 Date: 27.09.2024

'e'-Procurement Notice
No. CAD-1243
TENDER CALL NOTICE NO.-CHEP-34/2024-25

C & P Head, CHEP, Chiplima invites percentage rate tenders in two parts for the civil works mentioned below, from the Eligible Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Sl. No. | Name of the Work | Estimated Cost / EMD | Cost of Tender Specification | Completion Period | Class of Contractor |
|---|---|---|---|---|---|
| 1 | Concreting of Power House front to 132/33KV 20 MVA and 12.5 MVA Transformer Portion of CHEP, Chiplima | Rs.42,41,469.00 / EMD = Rs.42,420.00 | Rs.7,080.00 (Rs.6,000.00 + GST@18%) | 90 Days | 'B' |
| 2 | Renovation of Extension Rooms of 18 Nos. F-type Quarters of CHEP, Chiplima | Rs.19,48,990.00 / EMD = Rs.19,500.00 | Rs.7,080.00 (Rs.6,000.00 + GST@18%) | 120 Days | 'D' & 'C' |
| 3 | Renovation of Pandal Shade at ME School, CHEP, Chiplima | Rs.8,92,756.00 / EMD = Rs.8,930.00 | Rs.4,720.00 (Rs.4,000.00 + GST@18%) | 45 Days | 'D' & 'C' |

1. Availability of bids ONLINE: from 11:00 AM of dtd.03.10.2024 up to 05:00 PM of dtd.16.10.2024.
2. The date & time of opening of tender: At 11:30 AM of dtd.17.10.2024 for Sl. No.1.
At 12:00 PM of dtd.17.10.2024 for Sl. No.2.
At 12:30 PM of dtd.17.10.2024 for Sl. No.3.

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in.

Sd/- C & P Head, CHEP, Chiplima
OIPR-04006/11/0032/2425

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
EARTH DAM DIVISION, CHITRAKONDA, DISTRICT: MALKANGIRI
E-mail ID: executiveengineereddckd@gmail.com

e-Procurement Notice No. SE-EDD-CKD-01/2024-25

No. A-355: The Superintending Engineer, Earth Dam Division, Chitrakonda on behalf of the Hon'ble Governor of Odisha invites Online percentage rate tender in Single Cover System through e-procurement for execution of the following work. The bid should be submitted by eligible class of contractors Online in the Govt. website www.tenderorissa.gov.in. The bidders shuold have necessary portal enrolment with own digital signature certificate. The registered bidders outside of ODISHA can also participate in this online tender process after necessary portal enrolment, but shall have to subsequently undergo registration with the appropriate authority of the State Govt. before signing of the agreement. The bidders may submit online bids for any or all the following works.

Details as below:

1. Name of Work : As per detailed Tender Call Notice
2. Total No. of Works : 33 Nos.
3. Estimated Cost of Work(s) : Varies from Rs.36.00 lakhs to Rs.5.82 lakhs
4. Period of Completion : 04 Calendar Months to 03 (Three) Calendar Months

| Procurement Officer | Bid Identification No. | Availability and submission of Bids - Online | | Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Earth Dam Division, Chitrakonda | SE-EDD-CKD-01/ 2024-25 | 04.10.2024 10.00 A.M. | 15.10.2024 Upto 5.00 P.M. | 17.10.2024 at 10.30 A.M. onwards at O/o. S.E., Earth Dam Division, Chitrakonda |

Further details can be seen from the Govt. website www.tendersorissa.gov.in. Corrigendum/Addendum/Cancellation of tender can also be seen in the aforesaid website.

OIPR-32019/11/0002/2425
Sd./- Superintending Engineer
Earth Dam Division, Chitrakonda

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................




ମିକିନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାସ୍ତାରେ ଛିଡ଼ାହୋଇ ଲିଫ୍ଟ ମାଗୁଛି ଭାଲୁ



ନୂଆଦିଲ୍ଲୀ

ସୋସିଆଲ ମିଡିଆରେ ପ୍ରାୟତଃ ବନ୍ୟପ୍ରାଣୀମାନଙ୍କର କୌତୂହଳପୂର୍ଣ୍ଣ ଭିଡିଓ ଭାଇରାଲ ହୋଇଥାଏ । ନିକଟରେ ଗୋଟିଏ ଭାଲୁର ଏକ ମଜାଦାର ଭିଡିଓ ମଧ୍ୟ ଭାଇରାଲ ହୋଇଛି। ଗୋଟିଏ ପରିବାର କାର୍‌ରେ ଯାତ୍ରାକରୁଥିବାବେଳେ ରାସ୍ତାକଡରେ ଏକ ଭାଲୁ ହାତ ହଲାଇ ସେମାନଙ୍କୁ କିଛି କହିବାକୁ ଚାହୁଁଥିବା ପରି ଭିଡିଓରେ ଦେଖିବାକୁ ମିଳିଛି। ରାସ୍ତାକଡ଼ରେ ଭାଲୁଟି ନିଜର ୨ ଗୋଡ଼ ସାହାଯ୍ୟରେ ସମ୍ପୂର୍ଣ୍ଣ ଛିଡାହୋଇ ରହିଥିବା ସହ ଉକ୍ତ ରାସ୍ତାରେ ଯାନବାହନ ଯୋଗେ ଯାତାୟାତ କରୁଥିବା ଲୋକଙ୍କୁ ହାତ ଠାରି ଡାକୁଥିବାନେଇ ଭିଡିଓରେ ଦେଖିବାକୁ ମିଳିଛି। ଭାଲୁର ଏପରି ଅଙ୍ଗଭଙ୍ଗୀ ଦେଖି ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଅନେକ ଯାତ୍ରୀ ଭୟଭୀତ ହୋଇଯାଇଛନ୍ତି। ତେବେ ଉକ୍ତ ଭିଡିଓରେ ଅନେକ ୟୁଜର୍ସ ମଜାଦାର କମେଣ୍ଟ ଦେଇଛନ୍ତି। ଭାଲୁଟି ଅନ୍ୟତ୍ର ଯିବା ପାଇଁ ଚାହୁଁଛି, ସେଥିପାଇଁ ସେ ଗାଡ଼ିରେ ଯାଉଥିବା ଲୋକଙ୍କୁ ହାତ ଠାରି ଲିଫ୍ଟ ମାଗୁଛି ବୋଲି କେତେଜଣ ୟୁଜର୍ସ କହିଛନ୍ତି।

# ସବୁଠୁ ଅଧିକ ଖେଳନା ରଖି ବିଶ୍ୱ ରେକର୍ଡ



ୱାଶିଂଟନ

ସାଧାରଣତଃ ଅନେକ ଲୋକ ସେମାନଙ୍କ ଘରେ ନରମ ଖେଳନା ବା ସଫ୍ଟ ଟଏଜ୍ ରଖିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଆମେରିକାର ଇଲିନୋଇସ୍ ବାସିନ୍ଦା ସାବରିନା ଡୋସ୍‌ମ୍ୟାନ ନାମ୍ନୀ ଜଣେ ମହିଳା ସମୁଦାୟ ୧୫୨୩ଟି ସଫ୍ଟ ଟଏଜ୍ ସଂଗ୍ରହ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ନାମ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛି।

ସାବରିନାଙ୍କ ପୁରା ଘର ଖେଳନାରେ ପରିପୂର୍ଣ୍ଣ ହୋଇରହିଛି। ସେ ତାଙ୍କ ଘରର ପ୍ରତ୍ୟେକ କୋଠରିରେ ଶତାଧିକ ଖେଳନା ରଖିଛନ୍ତି। ବିଭିନ୍ନ ରଙ୍ଗର ଖେଳନାରୁ ଆରମ୍ଭ କରି ଅନେକ ପ୍ରକାର ମଜାଳିଆ ଖେଳନାକୁ ସାବରିନା ଘରେ ସାଇତି ରଖିଛନ୍ତି। ଗିନିଜ ୱାର୍ଲ୍ଡ ରେକର୍ଡ୍ସରେ ସାମିଲ ହେବା ପରେ ସାବରିନା କହିଛନ୍ତି, ପିଲାଦିନୁ ଖେଳନା ପ୍ରତି ତାଙ୍କର ଦୁର୍ବଳତା ଥିଲା। ଯେତେବେଳେ ସେ ଛୋଟ ଥିଲେ, ସେତେବେଳେ ମଧ୍ୟ ତାଙ୍କ ନିକଟରେ କିଛି ଖେଳନା ଥିଲା। ତେବେ ରୋଜଗାର କ୍ଷମ ହୋଇ ନ ଥିବାରୁ ସେ ତାଙ୍କ ଅଭିଭାବକଙ୍କୁ ବିଶେଷ ଖେଳନା ଆଣିବା ପାଇଁ ବାଧ୍ୟ କରି ନ ଥିଲେ। ତେବେ ୨୦୧୮ ଜାନୁୟାରୀରୁ ସେ ତାଙ୍କର ଖେଳନା ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି ସାବରିନା କହିଛନ୍ତି। ଖେଳନା ସଂଗ୍ରହ ପାଇଁ ତାଙ୍କର ରହିଥିବା ଉତ୍ସାହକୁ ସ୍ୱାମୀ ମଧ୍ୟ ସମର୍ଥନ କରନ୍ତି ବୋଲି ଏହି ଅବସରରେ ସାବରିନା କହିଛନ୍ତି। ତେବେ ଆଗକୁ ମଧ୍ୟ ସେ ତାଙ୍କର ଖେଳନା ସଂଗ୍ରହ ଜାରି ରଖିବେ। ଅନେକ ଥର ସେ ତାଙ୍କ ପସନ୍ଦର ବିଭିନ୍ନ ନୂତନ ବ୍ରାଣ୍ଡର ଖେଳନା ପାଇବାକୁ ୨ ଘଣ୍ଟା ଧରି ଯାତ୍ରା କରିଛନ୍ତି। ସେହିପରି ଏକଦା ସେ ତାଙ୍କ ମନ ପସନ୍ଦ ବ୍ରାଣ୍ଡର ଖେଳନା କିଣିବାକୁ ଶୀତରେ ୨ ଘଣ୍ଟା ଧରି ଖେଳନା ଷ୍ଟୋର ଖୋଲିବା ପର୍ଯ୍ୟନ୍ତ ଅପେକ୍ଷା ରହିଥିଲେ ବୋଲି ସାବରିନା କହିଛନ୍ତି। ସେ ଆହୁରି କହିଛନ୍ତି, ସେ ସଂଗ୍ରହ କରିଥିବା ଅନେକ ସଫ୍ଟ ଟଏଜ୍‌ର ନାମ ତାଙ୍କର ବିଭିନ୍ନ ପ୍ରିୟ ଚଳଚ୍ଚିତ୍ରର ଚରିତ୍ର ଉପରେ ଆଧାରିତ। ଏପରିକି ତାଙ୍କର କେତେକ ଖେଳନାର ନାମ ମଧ୍ୟ ସାବରିନା ରହିଛି। ତେବେ ଦିନେ ନା ଦିନେ ସେ ତାଙ୍କର ନିଜସ୍ୱ ସଫ୍ଟ ଟଏଜ୍ ଡିଜାଇନ୍ ପ୍ରସ୍ତୁତ କରିବାକୁ ସମର୍ଥ ହେବେ ବୋଲି ଏହି ଅବସରରେ ସାବରିନା ଆଶାବ୍ୟକ୍ତ କରିଛନ୍ତି।

ସର୍ବାଧିକ ସଫ୍ଟ ଟଏଜ୍ ସଂଗ୍ରହକରି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ନିଜ ନାମକୁ ସ୍ଥାନିତ କରିବାରେ ସାବରିନା ହେଉଛନ୍ତି ବିଶ୍ୱର ପ୍ରଥମ ମହିଳା। ଏଥିପାଇଁ ସେ ଗର୍ବ ଅନୁଭବ କରୁଥିବା କହିଛନ୍ତି। ଏହି ରେକର୍ଡକୁ ନିକଟ ଅତୀତରେ ହରାଇବେ ନାହିଁ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିବା ସାବରିନା କହିଛନ୍ତି।

# ଟ୍ରୋଲର୍ସଙ୍କୁ ଜବାବ ଦେଲେ ତୃପ୍ତି



ମୁମ୍ବାଇ

'ବ୍ୟାଡ୍ ନ୍ୟୁଜ୍' ଫିଲ୍ମରେ ନିଜ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ଢେର ପ୍ରଶଂସା ସାଉଣ୍ଟିଥିବା ଅଭିନେତ୍ରୀ ତୃପ୍ତି ଡିମରି ସମ୍ପ୍ରତି ନିଜର ଆଗାମୀ ଫିଲ୍ମ 'ଭିକି ବିଦ୍ୟା କା ୱ ୱଲା ଭିଡିଓ'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଗତ ସପ୍ତାହରେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହି ଚଳଚ୍ଚିତ୍ରର ଏକ ଗୀତ 'ମେରେ ମେହେବୁବ୍'କୁ ରିଲିଜ୍ କରାଯାଇଥିଲା। ଏହି ଗୀତରେ ତୃପ୍ତି କରିଥିବା ଡ୍ୟାନ୍ସ ମୁଭ୍ସକୁ କେତେଜଣ ୟୁଜର୍ସ ଟ୍ରୋଲ୍ କରିଥିଲେ। ମଙ୍ଗଳବାର ଏକ ସାକ୍ଷାତ୍‌କାରରେ ଉକ୍ତ ଟ୍ରୋଲ୍‌କୁ ନେଇ ତୃପ୍ତି କହିଛନ୍ତି, ଅଭିନେତ୍ରୀ ହୋଇଥିଲେ ବି ସେ ଜଣେ ମଣିଷ। ଜଣେ ବ୍ୟକ୍ତି କେବେ ମଧ୍ୟ ସବୁ କ୍ଷେତ୍ରରେ ପାରଙ୍ଗମ ହୋଇପାରିବ ନାହିଁ। ନିଜ କର୍ମକ୍ଷେତ୍ରରେ କିଛି ନୂଆ ଜିନିଷକୁ ଆପଣାଇବାରେ କୌଣସି ଭୁଲ୍ ନାହିଁ। ପ୍ରଥମଥର ପାଇଁ ସେ ଏପରି ଡ୍ୟାନ୍ସ ଷ୍ଟେପ୍ କରିଥିଲେ, ଯାହା କେତେଜଣ ଦର୍ଶକଙ୍କୁ ପସନ୍ଦ ଆସିନାହିଁ। ଏହାର ଅର୍ଥ ନୁହେଁ ଯେ, ସେ ଆଗକୁ କୌଣସି ନୂତନ ଡ୍ୟାନ୍ସ ଷ୍ଟେପ୍ କରିବାକୁ ପ୍ରୟାସ କରିବେ ନାହିଁ। ଉକ୍ତ ଡ୍ୟାନ୍ସ ଷ୍ଟେପ୍ ପାଇଁ ସେ ନିଜର ସର୍ବଶ୍ରେଷ୍ଠ ଦେଇଛନ୍ତି। ଆଗକୁ ସେ ନିଜ ନୃତ୍ୟରେ ଆହୁରି ଉନ୍ନତି ଆଣିବେ ବୋଲି ଏହି ସାକ୍ଷାତ୍‌କାରରେ ତୃପ୍ତି କହିଛନ୍ତି।


# Classified Everyday


0674-2580101, 2549949



MATRIMONIAL


**BRIDE WANTED**

Plot N6-44, Nayapally ସନ୍ତୋଷ- ବିବାହ ପାଇଁ ଚାକିରି କରିଥିବା ଝିଅ ଦରକାର। Ph. 7656942771. D-1441



**AUTOMOBILE SALE**

Car Washing Centre, ଲିଜ୍ ଦିଆଯିବ। BBSR Maruti Gypsy King, Steel Body for sale. Contact No- 9437637168. D-1537



**REAL ESTATE SALE**

Ready to move 4BHK duplex Bunglow Botanda Sundarapada, Bhubaneswar, Sai Villa. Price 98 lakhs. Contact- 9861125539, 9040521173. D-76024

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତାଥାଇ ଘରବାରି ପ୍ଲଟ୍ କିଣନ୍ତୁ- 6371200121. D-75994

High Profile Three Storied building at Jaydurga Nagar, Bomikhal, Bhubaneswar for 2.40crores. Brokers excuse. Call- 8917520527. D-1515

Require land in Bhubaneswar on sharing basis, minimum 4000sqft. above. Contact owner. 9827152441. D-1493

**3/4BHK ready to move speious duplex with amenities at Balianta near Syphon Sqr. Contact No.- 8457085107.** D-1535

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

ନଖରା Grandbazar Oppositeରେ, Biswalapadaରେ, Sum Hospital ଘଙ୍ଗାପାଟଣାରେ 30' ରାସ୍ତା ଥାଇ plot କିଣନ୍ତୁ। 6372851880. D-71078

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-1524

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-1523



**CONSTRUCTION**

**Construct your dream home @460/-, 850/-, 1325/- with branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact :The Engineering Pvt. Ltd., 9439856856.** D-1449





Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790

Newly open Jyoti SPA positively health benefits (Expert therapist). 8458067955. D-76157

Newly open health benefits SPA special Offer @ 799 Bapuji Nagar. 9861237682. D-76160

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

Mouza- Sinduria Khatian No.- 988/898, Plot No.- 325/3855 and 327/3856 Sale Deed vide No.- 947, date 27.03.2002, Sale Deed vide No.-402, date- 04.02.2000, Patta and Kabala in the name of Rahasha Bihari Sethi was missing. If anyone find this please contact: Ph- 7008562890, 8917242307. Rahasha Bihari Sethi. D-1530

**AFFIDAVIT**

By virtue of an affidavit sworn before Notary Public, Bhubaneswar No.75, dated 01.10.2024, I, Mr. Laxminarayan Panda, aged about 58 years, S/o- Arunodaya Panda, resident of Plot No.-E/343, GGP Colony, Rasulgarh, Bhubaneswar- 751025, District- Khorda have changed my name from Laxmi Narayan Panda to Laxminarayan Panda. Henceforth, I shall be known as Laxminarayan Panda for all future purpose. D-1534

By virtue of an affidavit sworn before the Executive Magistrate, Koksara, I, Banita Banjare, W/o- Brundaban Banjare, R/o- Village/P.O.- Temara, Dist-. Kalahandi, Odisha declare that I have changed my name from Banita Satnami, W/o- Brundaban Satnami to Banita Banjare, W/o- Brundaban Banjare for all future purposes. That above both the names relates to same and one person. D-1536

By virtue of an affidavit sworn before the Executive Magistrate, Koksara, I, Brundaban Banjare, R/o- Village/P.O.- Temara, Dist.- Kalahandi, Odisha declare that I have changed my name from Brundaban Satnami, S/o- Mehetar Satnami to Brundaban Banjare, S/o- Mehetar Banjare for all future purposes. That above both the names relates to same and one person. D-1532

I, CHITARANJAN ROUT S/o- Late Lokanath Rout, resident of Vill-Mangalpur, P.O.- Kushupanga, P.S.- Kantabania, Dist.- Dhenkanal 759121, Odisha declare by this affidavit No.- 564, dtd. 21.08.2024 that now onwards I shall be known as CHITTARANJAN ROUT for all future purpose. D-75461

I, Subasa Rana, S/o-Late Laxman Rana, resident of Ward No.10, Lekhanpur, P.O.-Sarangadhrapur, P.S.-Ranapur, Dist.- Nayagarh, Pin-752026, Odisha declare by this affidavit No.-1198, dtd.- 27.09.2024. That now onwards I shall be known as SUBAS RANA for all future purposes. D-1529

By virtue of an affidavit before Executive Magistrate, Cuttack, I, Debasmita Jena @ Biswal, W/o- Hemanta Kumar Biswal, Flat No.- C-102, Tamarind Terrace Apartment, Sailashree Vihar, Bhubaneswar do hereby declare that after marriage my surname has been changed Biswal in stead of Jena. But in my Qualification Certificate surname is Jena. Both Debasmita Jena and Debasmita Biswal is one and same person. D-1527

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰ସସ୍ମିତା ସେଠୀ**

ବରପଦା, ରାଧାନଗର, ବନ୍ତ, ଭଦ୍ରକ

ଆବିର୍ଭାବ: ୨୦।୦୫।୧୯୯୦
ତିରୋଧାନ: ୨୨।୦୯।୨୦୨୪

ଅବେଳରେ ଝରି ପଡ଼ିଥିବା ଫୁଲଟି ପରି ତୁ ଆମକୁ ସବୁଦିନ ପାଇଁ ଛାଡ଼ି ଚାଲିଗଲୁ। ଏକାଦଶାହ ଦିବସରେ ତୋ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ପରିବାର, ଆତ୍ମୀୟସ୍ୱଜନ ଏବଂ ବନ୍ଧୁବାନ୍ଧବ

ଧ-୧୫୨୨

**3nd Death Anniversary**



**LATE NABANITA DEY (MAMONI)**

Kokila Home, Pokhariput
Bhubaneswar

Born: 20.11.1983 (Kartik Purnima)
Death: 06.10.2021 (Mahalaya Amavashya)

*Gone but never forgotten, you will always hold a special place in our hearts. Rest in peace on your third death anniversary.*

**In Grief**

Satyajit Dey (Father)
Rita Dey (Mother)
and Rajiv Mitra (Husband)

ଧ-୧୫୧୯

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ସାଧୁ ଚରଣ ବେହେରା**

ବାଲିଅନ୍ତା, ଅଣ୍ଡିଲୋ, ଭୁବନେଶ୍ୱର

ଆବିର୍ଭାବ: ୦୫।୦୯।୧୯୫୮
ତିରୋଧାନ: ୨୨।୦୯।୨୦୨୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ, ପରିବାରବର୍ଗ।

ଧ-୭୧୨୩୩

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।


Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଫୁଲଚାଷରେ ସାର ପ୍ରୟୋଗ

ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ ମଗ୍ ନେଇ ୯ ମଗ୍ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ସେବତୀ ସେପ୍ଟେମ୍ବର ମାସରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଚଳିତ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

## ପ୍ରାଣୀଙ୍କ ଯତ୍ନ



ଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ସେମାନଙ୍କୁ ପ୍ରତି ୩ମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୁନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗାଈଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।

# ସଅଳ କିସମ ଧାନ କାଟିବା ପୂର୍ବରୁ ସତର୍କତା



## ଏ ମାସର କୃଷି ସୂଚନା

ସଅଳ କିସମ ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକାପ୍ରକାର କୀଟନାଶକ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜିଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶଇ ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗକଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ା ପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି। ଏହାଛଡ଼ା ଫସଲରେ ୧ ଲିଟର କ୍ଲୋରୋପାଇରିଫସ୍ ୨୦% ଇସି କିମ୍ବା ପ୍ରୋଫେନୋଫସ୍ / ସାଇପରମେଥ୍ରିନ୍ ମିଶ୍ରିତ କୀଟନାଶକ ହେକ୍ଟର ପ୍ରତି ୧ ଲିଟର ସିଞ୍ଚନ କଲେ ଲେଡ଼ାପୋକ ଆକ୍ରମଣରୁ ରକ୍ଷା ମିଳେ। ବୀଜାଣୁଜନିତ ପତ୍ରପୋଡ଼ା ଓ ପୋକ ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ହିସାବରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ମକା**

ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ । ମକାର ଚୋପା ଛଡ଼ାଇ ୭–୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ । ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ**

କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ । କେଣ୍ଡାଗୁଡ଼ିକ ୩–୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

**ଗହମ**

ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳ ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା:– ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି–୨୬୨ ସଂଗ୍ରହ କରନ୍ତୁ ।

**ଡାଲିଜାତୀୟ ଫସଲ**

**ମୁଗର ଉନ୍ନତ କିସମ :** ଟାର୍ମ–୧, ଟାର୍ମ–୨, ପୁଷା–୯୦୭୨, ଓବିଜିଜି–୫୨, ଓୟୁଏମ୍୧୧–୫ (କାମଦେବ), ସୁଜାତା ଓ ଧଉଳି, ଆଇପିଏମ୍–୦୨–୧୪, ଆଇପିଏମ୍–୦୨–୦୩ ।

**ବିରିର ଉନ୍ନତ କିସମ :** ଟି–୯, ପନ୍ତ୍ ୟୁ–୩୦, ପନ୍ତ୍ ୟୁ–୩୫, ପ୍ରସାଦ, ଉଜ୍ୱଳା, ଶେଖର–୨, ସାରଳା, ମାହୁରି, ଶଶୀ । ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ । ଜମି କିସମ ଦେଖି ପ୍ରାକ୍ ରବି ଫସଲ ଭାବେ ମୁଗ କିସମ ଟାର୍ମ–୧ ଓ ୨, ପିଡିଏମ୍ ୧୧ ଓ ୫୪, ବିରି କିସମ ସାରଳା, ପିୟୁ–୩୦ ଓ ୩୫ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ । ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ । ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ, ୪୦ କେ.ଜି. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ ।

**ହରଡ଼**

ହରଡ଼ ଫସଲରେ ଛୁଇଁବିନ୍ଧା ଓ ପତ୍ରକଟା ପୋକ ଦେଖାଦେଲେ ୧ ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୫ ମି.ଲି. ସ୍ପିନୋସାଡ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ବୁଟ, ମସୁର, ମଟର**

**ଉନ୍ନତ କିସମ ବୁଟ :** ରାଧେ, ଆନେଗିରି–୧, ମୋତି, ଆଇସିସିଭି–୨, ଆଇସିସିଭି–୧୦, ପୁଷା–୩୭୨ ।

**ଉନ୍ନତ କିସମ ମସୁର :** ବି–୭୭, ପୁଷା–୮, କେ–୭୫, ପନ୍ତ ଏଲ୍–୪୦୬, ପନ୍ତ ଏଲ୍–୬୩୯ ।

**କୋଳଥ**

ଉର୍ମି, ଡିଏସ୍ ୧–୨, ଡିଏସ୍୧–୨–୨, ନୟାଗଡ଼–୧ ଆଦି କିସମ ସଂଗ୍ରହକରି ଅକ୍ଟୋବର ୧୫ ସୁଦ୍ଧା ବୁଣାକାମ ଶେଷ କରନ୍ତୁ । ଜମି ପ୍ରସ୍ତୁତକରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୧୨.୫ କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର–୩

## ସୋରିଷ ଚାଷ ପାଇଁ ଜମି ଚିହ୍ନଟ



ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ତୋରିଆ ଚାଷ ପାଇଁ ଚଳିତ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ହିସାବରେ ୪୦କି.ଗ୍ରା. ଯବକ୍ଷାରଜାନ, ୨୦କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ଅକ୍ଟୋବର ୧୦ ସୁଦ୍ଧା ଅଣ ଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଉତ୍ତରା, ଏମ୍–୨୭, ଟିଏସ୍–୨୯, ପିଟି–୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

# କୁକୁଡ଼ା ପାଳନ



ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ାଘରଗୁଡ଼ିକୁ ଶୀଘ୍ର ମରାମତିକରି ପରିଷ୍କାର କରିଦିଅନ୍ତୁ। ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ। ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼ କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।

# ଢିପ ଜମିରେ ରାଶି ଚାଷ

ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫–୧୦ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ପ୍ରତି କି.ଗ୍ରା. ବିହନରେ କାର୍ବୋକ୍ସିନ୍ + ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହିତ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।



# ଉନ୍ନତ କିସମ ସୂର୍ଯ୍ୟମୁଖୀ



ଉନ୍ନତ କିସମ ସୂର୍ଯ୍ୟମୁଖୀ ବିହନ ଯଥା–ମଡର୍ନ, ଇ.ସି.–୬୮୪୧୪, ଇ.ସି.–୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପି.ଏ.ସି.–୩୬, କେ.ବି.ଏସ୍.ଏଚ୍.–୧, କେ.ବି.ଏସ୍.ଏଚ୍.–୪୪ ଓ ଏମ୍.ଏସ୍. ଏଫ୍.ଏଚ୍.–୮ କିସମ ୭.୫ କି.ଗ୍ରା. ବ୍ୟବହାର କରନ୍ତୁ । ୧ କି.ଗ୍ରା. ବିହନ ପ୍ରତି କାର୍ବୋକ୍ସିନ୍ ସହ ଥିରାମ୍ କିମ୍ବା ଟେବୁକୋନାଜୋଲ୍ ୨% ଡିଏସ୍ ୨ ଗ୍ରାମ୍‌ରୁ ୨.୫ ଗ୍ରାମ୍ ହିସାବରେ ୨ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

# ଚିନାବାଦାମ ମଞ୍ଜି ପାକଳ ହୋଇଗଲେ...

ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ୩/୪ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାରକରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି, ଦେବୀ, ଧରଣୀ, ଟି.ଜି.–୩୮, ଟି.ଏସ୍.ଭି.–୨ ଓ କାଦିରୀ–୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

## ଅକ୍ଟରେ

**ଆଖୁ :** ବର୍ଷା ଯୋଗୁ ଆଖୁ କିଆରିରେ ପାଣି ଜମିଥିଲେ ନିଷ୍କାସନ କରନ୍ତୁ । ବିହନ ପାଇଁ କିଆରିରୁ ନୀରୋଗ ଆଖୁ ବାଛି ଚିହ୍ନ ଦିଅନ୍ତୁ। ନାଲି ଶଢ଼ା ଆକ୍ରାନ୍ତ ବୁଦା ଓପାଡ଼ି ନଷ୍ଟକରନ୍ତୁ। ସେଠାରେ କାର୍ବେଣ୍ଡାଜିମ୍ ଦ୍ରବଣ (୨ ଗ୍ରାମ୍ ପ୍ରତି ଲିଟର ପାଣି) ମାଟି ଭିଜା କରନ୍ତୁ। ପାଖ ବୁଦାଗୁଡ଼ିକୁ ମଧ୍ୟ ସମ ପରିମାଣରେ ମାଟିଭିଜା କରନ୍ତୁ।

**କପା :** କପାରେ ଜଉପୋକ, ପତ୍ରଡିଆଁ ପୋକ ଓ ଉଙ୍କୁଣିଆ ପୋକ ଦେଖାଦେଲେ ୧୫ ଲିଟର ପାଣିରେ କିମ୍ବା ୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ। ଏହାଛଡ଼ା ୧୦ ଲିଟର ପାଣିରେ ୩ ଗ୍ରାମ୍ ଆସିଟାମିପ୍ରିଡ୍ ମିଶାଇ ପତ୍ର ସିଞ୍ଚନ କରାଯାଇପାରେ।

**ଅଦା ଓ ହଳଦୀ ଚାଷ :** ଅଦା ଓ ହଳଦୀ ଚାଷରେ ମୂଳଶଢ଼ା ରୋଗ ଦେଖାଦେଲେ ମେଟାଲାକ୍ସିଲ ସହ ମାନ୍‌କୋଜେବ୍ ୨ ଗ୍ରାମ୍/ଲିଟର ପାଣି ମିଶାଇ ମୂଳଭିଜା କରନ୍ତୁ।

**ଫଳଚାଷ :** ଫଳବଗିଚାରେ ପାଣି ଜମିବାର ଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ। ଅଦରକାରୀ ଡାଳଗୁଡ଼ିକୁ କାଟଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ। ଉଇ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୫ ମି.ଲି. / ଲିଟର ପାଣିରେ) ମାଟିରେ ସିଞ୍ଚନ କରନ୍ତୁ କିମ୍ବା ଗଛ ପ୍ରତି ୫୦ ଗ୍ରାମ୍ ହିସାବରେ କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଗଛ ମୂଳରେ ପ୍ରୟୋଗ ପରେ ମାଟି ଟେକିଦିଅନ୍ତୁ।

# ପନିପରିବା ଚାଷ



ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨–୩ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାରକରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨/୨୦୨୪ Bhubaneswar, Wednesday, October 2/ 2024

# ଭାରତର ରେକର୍ଡ ସିରିଜ୍ ବିଜୟ



ବାଂଲାଦେଶ ବିପକ୍ଷରେ ଟେଷ୍ଟ ସିରିଜ୍ ବିଜୟୀ ଭାରତୀୟ ଦଳ।

## ■ ଅଢ଼େଇ ଦିନରେ ଜିତିଲା ଭାରତ
## ■ ପ୍ଲେୟର ଅଫ୍ ଦ ସିରିଜରେ ଅଶ୍ୱିନଙ୍କ ରେକର୍ଡ

**କାନପୁର,୧।୧୦(ପି.ଟି.)**

କାନପୁରର ଗ୍ରୀନ୍‌ପାର୍କରେ ବାଂଲାଦେଶ ବିପକ୍ଷ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟ ମ୍ୟାଚକୁ ଅଢ଼େଇ ଦିନରେ ଜିତି ନେବା ସହ ସିରିଜ୍‌କୁ ନିଜ ନାମରେ କରିଛି ଭାରତ। ୭ ଉଇକେଟରେ ଏହି ମ୍ୟାଚ୍‌କୁ ଜିତିବା ସହ ଭାରତ ଘରୋଇ ମାଟିରେ କ୍ରମାଗତ ୧୮ତମ ସିରିଜ୍ ଜିତିବାର ରେକର୍ଡ କରିଛି। ୨୦୧୩-୨୦୨୪ ମଧ୍ୟରେ ଭାରତ ଘରୋଇ ମାଟିରେ ଗୋଟିଏ ବି ସିରିଜ୍ ହାରିନାହିଁ। କାନପୁରରେ ଖେଳା ଯାଇଥିବା ଟେଷ୍ଟର ପ୍ରଥମ ଦିନର ଅଧାରୁ ଅଧିକ ସମୟର ଖେଳ ଓ ପରବର୍ତ୍ତୀ ୨ ଦିନ ବର୍ଷାରେ ଧୋଇ ଯାଇଥିଲେ ମଧ୍ୟ ଅନ୍ତିମ ୨ ଦିନରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ମ୍ୟାଚ୍‌କୁ ନିଜ ନାମରେ କରିଥିଲା। ବାଂଲାଦେଶ ପ୍ରଥମ ଇନିଂସରେ ମାତ୍ର ୨୩୩ ରନ୍ କରିଥିବା ବେଳେ ଭାରତ ଟି୨୦ ଷ୍ଟାଇଲରେ ବ୍ୟାଟିଂ କରି ୨୮୫/୯ରେ ଇନିଂସ ଘୋଷଣା କରିଥିଲା। ଏହି ଅବସରରେ ଦଳ ଦ୍ରୁତତମ ୫୦, ୧୦୦, ୧୫୦, ୨୦୦ ଓ ୨୫୦ ରନ୍ ସ୍କୋର କରିବାର ରେକର୍ଡ ମଧ୍ୟ କରିଥିଲା। ୫୨ ରନ୍ ପଛୁଆ ଥିବା ବାଂଲାଦେଶ ଦ୍ୱିତୀୟ ଇନିଂସରେ ମାତ୍ର ୧୪୬ ରନ୍‌ରେ ଅଲଆଉଟ ହୋଇଥିଲା। ୯୫ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୩ ଉଇକେଟ ହରାଇ ହାସଲ କରିବା ସହ ସିରିଜକୁ ୨-୦ରେ ଜିତି ନେଇଥିଲା।

ଚତୁର୍ଥ ଦିନର ଅସମାପ୍ତ ସ୍କୋର ୨୬/୨ରୁ ଖେଳ ଆରମ୍ଭ କରିଥିଲା ବାଂଲାଦେଶ। ଭାରତୀୟ ବୋଲର ଚମତ୍କାର ବୋଲିଂ କରିବା କାରଣରୁ ବାଂଲାଦେଶ ମାତ୍ର ୧୪୬ ରନ୍‌ରେ ଅଲଆଉଟ ହୋଇଥିଲା। ଯଶ୍‌ପ୍ରୀତ୍ ବୁମ୍‌ରା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇ ବାଂଲାଦେଶର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ମଙ୍ଗଳବାର ପ୍ରଥମ ସେସନରେ ଲଞ୍ଚର ପୂର୍ବରୁ ବାଂଲାଦେଶ ଇନିଂସ ସମାପ୍ତ ହୋଇଥିଲା। ପ୍ରଥମ ଇନିଂସର ଶତକ ହାସଲକାରୀ ମୋମିନୁଲ ହକଙ୍କୁ ଅଶ୍ୱିନ ଆଉଟ କରିବା ପରେ ରବୀନ୍ଦ୍ର ଜାଡେଜା ବାଂଲାଦେଶ ମଧ୍ୟକ୍ରମର ୩ ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ବାଂଲାଦେଶ ପକ୍ଷରୁ ଓପନର ଶଦମାନ ଇସଲାମ ସର୍ବାଧିକ ୫୦ ରନ୍ କରିଥିବା ବେଳେ ମୁଶଫିକୁର ରହିମ ୩୭ ରନ୍ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ନଜମୋଲ ହୋସେନ ଶାନ୍ତୋ ୧୯ ରନ୍ କରିଥିଲେ।

ଭାରତକୁ ବିଜୟ ପାଇଁ ୯୫ ରନ୍ ଆବଶ୍ୟକ ଥିବା ବେଳେ ପ୍ଲେୟର ଅଫ୍ ଦ ମ୍ୟାଚ୍ ଯଶସ୍ୱୀ ଜୟସ୍ୱାଲ ୫୧ ରନ୍ ସ୍କୋର କରିଥିଲେ। ୪୫ ବଲ୍ ଖେଳିଥିବା ଜୟସ୍ୱାଲ ୮ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟାର ବ୍ୟାଟର ବିରାଟ କୋହଲି ୨୯ ରନ୍‌ରେ ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ମେହିଦୀ ହସନ ମିରାଜ ୨ ଓ ତାଇଜୁଲ ଇସଲାମ ୧ ଉଇକେଟ ନେଇଥିଲେ। ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା। ଏହାକୁ ମିଶାଇ ୧୧ତମ ଥର ପାଇଁ ଅଶ୍ୱିନ ନିଜ କ୍ୟାରିୟରରେ ପ୍ଲେୟର ଅଫ୍ ଦ ସିରିଜ ଟ୍ରଫି ହାସଲ କରିଛନ୍ତି। ଶ୍ରୀଲଙ୍କାର ପୂର୍ବତନ ସ୍ପିନର ମୁଥେୟା ମୁରଲୀଧରନ ମଧ୍ୟ ସମାନ ୧୧ ଥର ପ୍ଲେୟର ଅଫ୍ ଦ ସିରିଜ୍ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ ୭୪.୨ ଓଭରରେ ୨୩୩/୧୦। ଭାରତ ପ୍ରଥମ ଇନିଂସ ୩୪.୪ ଓଭରରେ ୨୮୫/୯(ଘୋଷଣା)। ବାଂଲାଦେଶ ଦ୍ୱିତୀୟ ଇନିଂସ ୪୭ ଓଭରରେ ୧୪୬/୧୦ (ସଦମାନ ଇସଲାମ-୫୦, ମୁଶଫିକୁର ରହିମ-୩୭, ନଜମୋଲ ହୋସେନ୍ ଶନ୍ତୋ-୧୯, ଯଶ୍‌ପ୍ରୀତ୍ ବୁମରା-୩/୧୭, ରବୀନ୍ଦ୍ର ଜାଡେଜା-୩/୩୪, ରବିଚନ୍ଦ୍ରନ ଅଶ୍ୱିନ-୩/୫୦, ଆକାଶ ଦୀପ୍-୧/୨୦)। ଭାରତ ଦ୍ୱିତୀୟ ଇନିଂସ ୧୭.୨ ଓଭରରେ ୯୮/୩ (ଯଶସ୍ୱୀ ଜୟସ୍ୱାଲ-୫୧, ବିରାଟ କୋହଲି-୨୯, ମେହିଦୀ ହସନ ମିରାଜ-୨/୪୪, ତାଇଜୁଲ ଇସଲାମ-୧/୩୬)।

# ସୂର୍ଯ୍ୟସ ଆଜି ସୁପର ଷ୍ଟାର୍ସଙ୍କୁ ଭେଟିବ

**ଭୁବନେଶ୍ୱର, ୧।୧୦ (ତପନ ସ୍ୱାଇଁ)**




## ଲିଜେଣ୍ଡ୍ସ ଲିଗ୍ କ୍ରିକେଟ
## ■ ମ୍ୟାଚ ହେବାନେଇ ଆଶଙ୍କା ଅବ୍ୟାହତ

ସୁରଟର ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ବୁଧବାର କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଓ ସଦର୍ନ ସୁପର ଷ୍ଟାର୍ସ ମଧ୍ୟରେ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ବର୍ଷା ଏବଂ ତଦ୍‌ଜନିତ ପରିବେଶ ଦୃଷ୍ଟିରୁ ସୁରଟରେ ଇତିମଧ୍ୟରେ ୪ଟି ମ୍ୟାଚ ବାତିଲ ହୋଇସାରିଛି। ଏହା ମଧ୍ୟରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶାର ୨ଟି ମ୍ୟାଚ ସାମିଲ। ଫଳରେ ମଣିପାଲ ଟାଇଗର୍ସ ଓ ଇଣ୍ଡିଆ କ୍ୟାପିଟାଲ୍ସ ସହିତ ଓଡ଼ିଶା ଦଳ ପଏଣ୍ଟ ଭାଗ କରିବାକୁ ବାଧ୍ୟ ହୋଇଛି। ମିଳିଥିବା ସୂଚନା ଅନୁସାରେ ସୁରଟରେ ମଙ୍ଗଳବାର ବର୍ଷା ହୋଇନାହିଁ। ମାତ୍ର ପାଗ ମେଘୁଆ ପାଗ ଏବଂ ପଡ଼ିଆର ସ୍ଥିତିକୁ ଦେଖିଲେ ସୂର୍ଯ୍ୟସ-ସୁପର ଷ୍ଟାର୍ସ ମ୍ୟାଚ ହେବାନେଇ ଆଶଙ୍କା ରହିଛି। ଟାଣ ଖରା ହୋଇଥିଲେ ପଡ଼ିଆ ଶୁଖିବାରେ ସହାୟକ ହୋଇଥାନ୍ତା। ମାତ୍ର ପାଗ ମେଘୁଆ ରହିଛି। ତେଣୁ ବର୍ଷା ହୋଇ ନ ଥିଲେ ମଧ୍ୟ ଖେଳ ହେବ କି ନାହିଁ ସେ ସମ୍ପର୍କରେ ମ୍ୟାଚ ଦିନ ସକାଳେ ଯାହାକିଛି ନିଷ୍ପତ୍ତି ନିଆଯାଇପାରିବ ବୋଲି ଓଡ଼ିଶା ଦଳର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ସଦର୍ନ ସୁପର ଷ୍ଟାର୍ସ ଯୋଧପୁରରେ କ୍ରମାଗତ ୩ଟି ମ୍ୟାଚ ଜିତି ୬ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ସୁରଟରେ ଏହି ଦଳ ପ୍ରଥମ ମ୍ୟାଚ ଖେଳିବାକୁ ଯାଉଛି। ମାତ୍ର କୋଣାର୍କ ସୂର୍ଯ୍ୟସ ଓଡ଼ିଶା ୩ ମ୍ୟାଚରୁ ଗୋଟିଏ ବିଜୟ ଏବଂ ୨ ମ୍ୟାଚ ବାତିଲ ଯୋଗୁ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଯଦି ମ୍ୟାଚ ସମ୍ଭବ ହୁଏ ତେବେ ଓଡ଼ିଶା ଦଳକୁ ସତର୍କତାର ସହ ସଦର୍ନ ସୁପର ଷ୍ଟାର୍ସର ମୁକାବିଲା କରିବାକୁ ହେବ। କାରଣ ସୁପର ଷ୍ଟାର୍ସ ଦଳ ଚମତ୍କାର ଫର୍ମରେ ରହିଛି। ଏହି ଦଳ ଯୋଧପୁରରେ ନିଜର ପ୍ରଥମ ୩ଟି ମ୍ୟାଚରେ ଯଥାକ୍ରମେ ଗୁଜରାଟ ଗ୍ରେଟ୍ସକୁ ୨୬ ରନ, ଇଣ୍ଡିଆ କ୍ୟାପିଟାଲ୍ସକୁ ୪ ଉଇକେଟ ଏବଂ ଗୁଜରାଟ ଗ୍ରେଟ୍ସକୁ ୮ ଉଇକେଟରେ ପରାସ୍ତ କରିଛି।

ଅନ୍ୟପକ୍ଷରେ ଚଳିତବର୍ଷ ଏହି ଲିଗ୍‌ରେ ପଦାର୍ପଣ କରିଥିବା ଓଡ଼ିଶା ଭିତ୍ତିକ ଦଳ କୋଣାର୍କ ସୂର୍ଯ୍ୟସ ନିଜର ପ୍ରଥମ ତଥା ଉଦ୍‌ଘାଟନୀ ମ୍ୟାଚ ଯୋଧପୁରର ବର୍କତୁଲ୍ଲା ଖାଁ ଷ୍ଟାଡିୟମରେ ମଣିପାଲ ଟାଇଗର୍ସ ବିପକ୍ଷରେ ଖେଳିଥିଲା। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଶେଷ ଓଭରର ରୋମାଞ୍ଚ ସହ କୋଣାର୍କ ସୂର୍ଯ୍ୟସ ୨ ରନରେ ବିଜୟୀ ହୋଇଥିଲା। ଫଳରେ ଇରଫାନ ପଠାନଙ୍କ ନେତୃତ୍ୱାଧୀନ ଦଳ ବିଜୟ ସ୍ୱାଦ ସହ ଅଭିଯାନ ଆରମ୍ଭ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା କୋଣାର୍କ ସୂର୍ଯ୍ୟସ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୦୪ ରନ କରିଥିବାବେଳେ ମଣିପାଲ ଟାଇଗର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୦୨ ରନ କରିବାକୁ ସକ୍ଷମ ହୋଇଥିଲା।

# ଶକିବଙ୍କୁ ବ୍ୟାଟ ଉପହାର ଦେଲେ କୋହଲି

**କାନପୁର,୧।୧୦(ପି.ଟି.)**

କାନପୁରର ଗ୍ରୀନ୍‌ପାର୍କରେ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ମ୍ୟାଚ୍ ଖେଳୁଥିବା ବାଂଲାଦେଶର ଶକିବ ଅଲ ହସନଙ୍କୁ ବ୍ୟାଟ ଉପହାର କରିଛନ୍ତି ବିରାଟ କୋହଲି। ଭାରତ ୨-୦ରେ ସିରିଜ୍ ଜିତିଥିବା ବେଳେ କୋହଲି ମ୍ୟାଚ୍ ପରେ ବାଂଲାଦେଶ ଡ୍ରେସିଂ ରୁମ୍‌କୁ ଯାଇ ଶକିବଙ୍କୁ ନିଜ ସାଇନ୍ କରାଯାଇଥିବା ବ୍ୟାଟ ଉପହାର ଦେଇଥିଲେ। ଶକିବ୍ କୋଲକାତା ନାଇଟ୍ ରାଇଡର୍ସ ଓ ସନରାଇଜର୍ସ ହାଇଦ୍ରାବାଦ ପାଇଁ ୭୧ ଆଇପିଏଲ ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ଶକିବ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦଳର ଏମ୍‌ପି ରହିଥିବା ବେଳେ ତାଙ୍କ ନାମରେ ଏକ ହତ୍ୟା ମାମଲା ରହିଛି। ଆସନ୍ତା ବର୍ଷ ଖେଳା ଯିବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ପରେ ଶକିବ୍ ଦିନିକିଆ କ୍ରିକେଟରୁ ମଧ୍ୟ ଅବସର ନେବେ ବୋଲି ଜଣାପଡିଛି।



ଶକିବ ଅଲ ହସନଙ୍କ ସହ ବିରାଟ କୋହଲି।

# ଇନିଏଷ୍ଟାଙ୍କ ଅବସର

**ନୂଆଦିଲ୍ଲୀ,୧।୧୦:** ସ୍ପାନିଶ ଫୁଟବଲ ତାରକା ଆନ୍ଦ୍ରେ ଇନିଏଷ୍ଟା ପ୍ରଫେଶନାଲ ଫୁଟବଲରୁ ଅବସର ନେବା ସମ୍ପର୍କରେ ଘୋଷଣା କରିଛନ୍ତି। ଆସନ୍ତା ଅକ୍ଟୋବର ୮ ତାରିଖରେ ସେ ନିଜର ଅନ୍ତିମ ମ୍ୟାଚ୍ ଖେଳିବେ ବୋଲି ଘୋଷଣା କରିଛନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ମିଡଫିଲ୍ଡରର ମାନ୍ୟତା ହାସଲ କରିଥିବା ଇନିଏଷ୍ଟା ଫୁଟବଲ ବିଶ୍ୱକପ ଫାଇନାଲରେ ସ୍ପେନ୍ ପାଇଁ ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ବାର୍ସେଲୋନାର ୟୁଥ୍ ୱିଙ୍ଗରୁ ଇନିଏଷ୍ଟାଙ୍କ ଫୁଟବଲ ଜୀବନ ଆରମ୍ଭ ହୋଇଥିଲା। ବାର୍ସେଲୋନା ପାଇଁ ୬୭୪ ମ୍ୟାଚ୍‌ରେ ପଦାର୍ପଣ କରିଥିବା ବେଳେ ୫୭ ଗୋଲ୍ ଓ ୧୩୫ଟି ଆସିଷ୍ଟ ନିଜ ନାମରେ କରିଛନ୍ତି। ସ୍ପେନ୍ ଜାତୀୟ ଦଳ ପାଇଁ ୧୩୧ ମ୍ୟାଚ୍ ଖେଳି ୧୪ଟି ଗୋଲ ସ୍କୋର କରିଥିବା ବେଳେ ୩୦ ଆସିଷ୍ଟ କରିଛନ୍ତି। ୨୦୧୮ରୁ ୨୦୨୩ ଯାଏ ଜାପାନର ଦଳ ଭେସେଲ କୋବ୍ ପାଇଁ ଖେଳୁଥିବା ଇନିଏଷ୍ଟା ୧୧୪ ମ୍ୟାଚ୍ ଖେଳି ୨୧ ଟି ଗୋଲ ସ୍କୋର କରିଥିଲେ। ଚଳିତ ସିଜନରେ ଭେସେଲ୍ କୋବ୍ ଛାଡି ଏମିରେଟ୍ସ ପକ୍ଷରୁ ଖେଳିଥିଲେ।

# ପୂର୍ବାଞ୍ଚଳ ଶୁଟିଂରେ ଓଡ଼ିଶାକୁ ୫ ପଦକ



ସାଇବା ହଂସ



ସୁଦୀକ୍ଷା ପାଢ଼ୀ

**ଭୁବନେଶ୍ୱର, ୧।୧୦ (ତପନ ସ୍ୱାଇଁ)**

ପଶ୍ଚିମବଙ୍ଗର ଆସୋନସୋଲଠାରେ ସେପ୍ଟେମ୍ବର ୨୫ରୁ ୨୯ ପର୍ଯ୍ୟନ୍ତ ଆୟୋଜିତ ୮ମ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରି ୫ ପଦକ ଅର୍ଜନ କରିଛନ୍ତି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ସାମିଲ। ଓଡ଼ିଶା ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ଶୁଟିଂ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ସାଇବା ହଂସ ୧୦ ମିଟର ଏୟାର ପିସ୍ତଲ ୟୁଥ୍ ଏବଂ ଜୁନିୟର ମହିଳା ବର୍ଗରେ ପ୍ରଥମ ସ୍ଥାନରେ ରହି ୨ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସୁଦୀକ୍ଷା ପାଢ଼ୀ ୧୦ ମିଟର ଏୟାର ପିସ୍ତଲ ସବ୍ ୟୁଥ୍ ବାଳିକା ବର୍ଗରେ ୧ ସ୍ୱର୍ଣ୍ଣ ସହ ୟୁଥ୍ ଏବଂ ଜୁନିୟର ମହିଳା ବର୍ଗରେ ୨ଟି ବ୍ରୋଞ୍ଜ ସହିତ ମୋଟ ୩ଟି ପଦକ ହାସଲ କରିଛନ୍ତି। ପଦକ ବିଜୟୀଙ୍କୁ ଓଡ଼ିଶା ରାଇଫଲ ଆସୋସିଏଶନ ଓ ଶୁଟିଂ ଏଚ୍‌ପିସି ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# ଜାତୀୟ ଥ୍ରୋ ବଲ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର,୧।୧୦ (ସରୋଜ ଜେନା):** ତେଲଙ୍ଗାନାରେ ଖେଳା ଯିବାକୁ ଥିବା ୩୪ ତମ ଜାତୀୟ ଥ୍ରୋ ବଲ୍ ଚାମ୍ପିୟନଶିପ୍ ପାଇଁ ୩୪ ଜଣିଆ ବାଳକ ଓ ବାଳିକା ଦଳ ଘୋଷଣା କରାଯାଇଛି। ବାଳକ ଦଳରେ ସୁଶାନ୍ତ ଦାସ ଓ ବାଳିକା ଦଳରେ କୃପାସିନ୍ଧୁ ସାହୁ ପ୍ରଶିକ୍ଷକ ଭାବରେ ଦଳ ସହ ଯାତ୍ରା କରିବେ ବୋଲି ଓଡ଼ିଶା ଥ୍ରୋ ବଲ୍ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ କହିଛନ୍ତି। ଜାତୀୟ ଟୁର୍ନାମେଣ୍ଟରେ ଓଡ଼ିଶା ଭଲ ପ୍ରଦର୍ଶନ କରିବା ନେଇ କ୍ରୀଡା ବିଭାଗ ସମ୍ପାଦକ ଶୈଳେନ୍ଦ୍ର ଜେନା ଓ ହରେଶ କୁମାର ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି।

# ମୁମ୍ବାଇ ୨୩୭/୪

**ଲକ୍ଷ୍ନୌ,୧।୧୦:** ରଣ୍‌ଜୀ ଚାମ୍ପିୟନ ମୁମ୍ବାଇ ଓ ଅବଶିଷ୍ଟ ଭାରତ ମଧ୍ୟରେ ଖେଳା ଯାଇଥିବା ଇରାନୀ ଟ୍ରଫିର ପ୍ରଥମ ଦିନରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଅଜିଙ୍କ୍ୟ ରାହାନେ, ଶ୍ରେୟସ୍ ଆୟର ଓ ସର୍ଫରାଜ ଖାଁ। ଫଳରେ ମୁମ୍ବାଇ ପ୍ରଥମ ଦିନରେ ୪ ଉଇକେଟ ହରାଇ ୨୩୭ ରନ୍ କରିଛି। ଲକ୍ଷ୍ନୌର ଏକାନା କ୍ରିକେଟ ଷ୍ଟାଡିୟମରେ ଅବଶିଷ୍ଟ ଭାରତ ଟସ୍ ଜିତି ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା।

ମୁକେଶ କୁମାର ଘାତକ ବୋଲିଂ କରିବା କାରଣରୁ ମୁମ୍ବାଇ ୩୭ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ପୃଥ୍ୱୀ ଶ(୦), ଆୟୁଷ ମାହତ୍ରେ(୧୯) ଓ ହାର୍ଦ୍ଦିକ୍ ତାମୋର(୦)ଙ୍କୁ ମୁକେଶ ଆଉଟ କରିଥିଲେ। ପରେ ଅଧିନାୟକ ଅଜିଙ୍କ୍ୟ ରାହାନେ(୮୬*) ଚମତ୍କାର ବ୍ୟାଟିଂ କରିବା ସହ ଶ୍ରେୟସ ଆୟର(୫୭)ଙ୍କ ସହ ଶତକୀୟ ଭାଗୀଦାରି କରିଥିଲେ। ଆୟର ୮୪ ବଲ୍ ଖେଳି ୬ ଚୌକା ଓ ୨ ଛକା ସହାୟତାରେ ୫୭ ରନ୍‌ର ଇନିଂସ ଖେଳିଥିଲେ। ୧୦୨ ରନ୍ ଯୋଡ଼ିବା ପରେ ଆୟରଙ୍କୁ ଆଉଟ କରି ୟଶ ଦୟାଲ ଏହି ଯୋଡି ଭାଙ୍ଗିଥିଲେ। ଦିନରେ ମାତ୍ର ୬୫ ଓଭର ଖେଳ ସମ୍ଭବ ହୋଇଥିଲା। ରାହାନେ ୧୯୭ ବଲ୍ ଖେଳି ୬ ଚୌକା ଓ ୧ ଛକା ସହ ୮୬ ରନ୍‌ରେ ଅପରାଜିତ ରହିଛନ୍ତି। ଅନ୍ୟପକ୍ଷରେ ସର୍ଫରାଜ ୮୮ ବଲ ଖେଳି ୬ ଚୌକା ସହ ୫୪ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଅବଶିଷ୍ଟ ଭାରତ ପକ୍ଷରୁ ମୁକେଶ କୁମାର ୩ ଓ ୟଶ ଦୟାଲ ୧ ଉଇକେଟ ନେଇଛନ୍ତି।

# ପୂର୍ବାଞ୍ଚଳ କରାଟେ: ଓଡ଼ିଶାକୁ ୨୪ ପଦକ

**ଭୁବନେଶ୍ୱର, ୧।୧୦ (ବିଜୟ ରଣା)**

ବିହାରର ପାଟନାଠାରେ ୪ର୍ଥ ପୂର୍ବାଞ୍ଚଳ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ କରାଟେ ଡୁ ସଂଘ ତରଫରୁ ଓଡ଼ିଶାରୁ ୧୪ ପୁରୁଷ ଓ ୮ ମହିଳା ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶା ଦଳ ୧୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୭ ବ୍ରୋଞ୍ଜ ସମେତ ୨୪ ପଦକ ହାସଲ କରିଛି। ଜାତୀୟ କରାଟେ ସଂଘ ସଭାପତି ହାନ୍‌ସି ଭରତ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ରାଜ୍ୟ କରାଟେ ସଂଘ କୃତି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛି। ସ୍ୱର୍ଣ୍ଣ ପଦକ ହାସଲ କରି ଥିବା ପ୍ରତିଯୋଗିମାନେ ହେଲେ ଡି. ଭଗବାନ ରେଡ୍ଡୀ, ସିନ୍ଧୁ ତନୟା ଖୁଣ୍ଟିଆ, ରାଜେଶ ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ, ମୋନାଲି ସାହୁ, ଦିବେଶ ବରଦା, ଆୟୁଷ ରଥ ଦିପ୍ତୀ ନାମଦେଓ, ଓମ୍ ଶୁଭମ ମହାନ୍ତି, ଜ୍ୟୋତି ସାମନ୍ତ, ତମନ୍ନା ମେହେର ଓ ଲୋକେଶ ବାଗ୍। ଅନ୍ୟପକ୍ଷରେ ତ୍ରିଲୋଚନ ରଣା ବ୍ୟକ୍ତିଗତ ଦୁଇଟି ରୌପ୍ୟ (ସିନିୟର ପୁରୁଷ ୫୦କେଜିରୁ କମ୍ ଓ ୨୧ବର୍ଷରୁ କମ୍ ୫୦ ବର୍ଷରୁ କମ୍ କୁମିତେ)ଜିତିଥିବା ବେଳେ ସୁସ୍ମିନୀ ପାଲଟା ସିଂ, ସୋନାଲି ପାଣିଗ୍ରାହୀ ଓ ରୋଶନ ସାଇପାଲ ଗୋଟିଏ ଲେଖାଏଁ ରୌପ୍ୟ ପଦକ ଲାଭ କରିଥିଲେ। ସେହିପରି ବ୍ରୋଞ୍ଜ ପଦକ ହାସଲ କରିଥିବା କରାଟେକାମାନେ ହେଲେ ରାହୁଲ ପ୍ରଧାନ, ଦିବେଶ ବରଦା, ରାହୁଲ ପ୍ରଧାନ, ଲୋମା ସ୍ୱାଇଁ, ଅଙ୍କିତା ବିଶ୍ୱାଳ, ଓମ୍ ସତ୍ୟମ ମହାନ୍ତି ଓ ପପୁ ସାହୁ।


ପୂର୍ବାଞ୍ଚଳ କରାଟେରେ ପଦକ ହାସଲକାରୀ କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, October 2/2024 Page 20 ₹ 7.00 | DHENKANAL



ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ କାଠୁଆବେଢ଼ା ଗାଁରେ ଉତ୍ପାତ କରୁଥିବା ୨ ହାତୀ।

# ସ୍କୁଲ ଛୁଟି କଲା ହାତୀ

ଉଦଳା,୧।୧୦(ସନ୍ତୋଷ କୁମାର ବାଛିନୀ)

ହାତୀ ଭୟରେ ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ କାଠୁଆବେଢ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ମଙ୍ଗଳବାର ଛୁଟି କରିଦିଆଯାଇଥିଲା। ବିଦ୍ୟାଳୟଠାରୁ ୫୦ ମିଟର ଦୂରରେ ୨ବଣୁଆ ହାତୀ ବୁଲୁଥିବାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନଶିକ୍ଷକ ରଜତ କୁମାର ମହାପାତ୍ର ଏଭଳି ନିଷ୍ପତ୍ତି ନେଇଥିଲେ। ବୁଧବାର ସ୍ଥିତି ଦେଖି ସ୍କୁଲ ଖୋଲିବ କି ନାହିଁ ବିଚାର କରାଯିବ ବୋଲି ପ୍ରଧାନଶିକ୍ଷକ କହିଛନ୍ତି।

ସୂଚନା ଅନୁଯାୟୀ, କୁଳଡିହା ଅଭୟାରଣ୍ୟରୁ କାଠୁଆବେଢ଼ା ଗାଁକୁ ଅନୁପ୍ରବେଶ କରିଥିବା ଗୋଟିଏ ଦନ୍ତା ସମେତ ୨ ହାତୀ ଦୁଇ ଦିନ ହେଲା ଉତ୍ପାତ ଚଳାଇଛନ୍ତି। ସ୍କୁଲ ପାଖ ଜଙ୍ଗଲରେ ଡେରା ପକାଇବା ସହ ବେଳେବେଳେ ବାହାରକୁ ଆସି ବିଲରେ ପଶି ଧାନଗଛ ଖାଉଛନ୍ତି। ଦୁଇ ହାତୀଙ୍କ ଗର୍ଜନ ଶୁଣି ସ୍ଥାନୀୟ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଘଉଡ଼ାଇବା ପାଇଁ ବନ ବିଭାଗ ଚେଷ୍ଟା କରି ନାକେଦମ୍ ହୋଇଛି। ବିଭାଗୀୟ କର୍ମଚାରୀ ଚାରି ପଟୁ ଘେରିରହିଥ ହାତୀ ଦୁଇଟିର ଗତିବିଧି ଉପରେ ନଜର ରଖିଛନ୍ତି। ପୁନଶ୍ଚ କୁଳଡିହା ଅଭୟାରଣ୍ୟକୁ ଘଉଡ଼ାଇ ଦେବା ପାଇଁ ପ୍ରୟାସ ଚଳାଇଛନ୍ତି।

# ନାବାଳିକାଙ୍କୁ ବଳାତ୍କାର, ହତ୍ୟା ମାମଲା: ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

ସମ୍ବଲପୁର,ଜମନକିରା,୧।୧୦ (ପ୍ରମୋଦ ବହିଦାର/ ରବୀନ୍ଦ୍ର ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଅନ୍ତର୍ଗତ କସଡ଼ା ଗ୍ରାମରେ ଶୌଚ କରିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଟେକି ନେଇ ବଳାତ୍କାର କରିବା ପରେ ତାଙ୍କୁ କୁରାଢ଼ିରେ ୨ଗଡ଼ କରି ଗଣ୍ଡିମୁଣ୍ଡ ଅଲଗା କରିଥିବା ଅଭିଯୋଗରେ ସମ୍ବଲପୁର ପୋକ୍‌ସୋ ଅଦାଲତର ସ୍ୱତନ୍ତ୍ର ବିଚାରପତି ଅଭିଯୁକ୍ତଙ୍କୁ ଫାଶିଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ହେଲେ କସଡା ଗ୍ରାମର ପ୍ରଶାନ୍ତ ବଘାର(୩୨)। ଏଥିସହ ଅଭିଯୁକ୍ତଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ବିଚାରପତି ଅଭିଲାଷ ସେନାପତି ଦେଇଛନ୍ତି।

ଘଟଣା ଅନୁଯାୟୀ, ୨୦୨୨ ମାର୍ଚ୍ଚ ୨୫ ତାରିଖ ସକାଳେ ନାବାଳିକା(୮ବର୍ଷ) ଜଣକ ଶୌଚ ପାଇଁ ନିଜ ଘର ନିକଟସ୍ଥ ଏକ ପଡ଼ିଆକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ପ୍ରଶାନ୍ତ ତାଙ୍କୁ ବଳପୂର୍ବକ ଟେକି ନେଇ ବଳାତ୍କାର କରିଥିଲେ। ପରେ କୁରାଢ଼ିରେ ନାବାଳିକାଙ୍କୁ ୨ ଗଡ଼ କରି ଦେଇଥିଲେ। ଗାଁ ମଧ୍ୟକୁ କଟା ମୁଣ୍ଡ ନେଇ ନଳକୂପରେ ଧୋଇଥିଲେ। ଗ୍ରାମବାସୀ ଏହା ଦେଖି ଜମନକିରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କଟାମୁଣ୍ଡ ଓ କୁରାଢ଼ିକୁ ଜବତ କରିଥିଲା। ଏନେଇ ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଆଇପିସି ଦଫା ୩୦୨, ୩୦୧, ୩୭୬(ଏବି), ୩୭୬(ଏ) ପୋକ୍‌ସୋ ଆଇନ ଦଫା ୬ରେ ଏକ ମାମଲା(ନଂ.୩୨/୨୨ରେ) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୨୫ ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଅଭିଯୁକ୍ତଙ୍କୁ ଫାଶିଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ।

# ପ୍ରତାପଙ୍କୁ କ୍ଲିନ୍‌ଚିଟ୍ ଦେଲେ ହାଇକୋର୍ଟ

## ମାହାଙ୍ଗା ଡବଲ ମର୍ଡର ମାମଲା

କଟକ/ ନିଶ୍ଚିନ୍ତକୋଇଲି,୧।୧୦ (କାର୍ତ୍ତିକ ସାହୁ/ ଅଶୋକ କୁମାର ମହାପାତ୍ର)



ପ୍ରତାପ ଜେନା

ମାହାଙ୍ଗା ଡବଲ ମର୍ଡର ଘଟଣାରେ ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କୁ ହାଇକୋର୍ଟ ମଙ୍ଗଳବାର କ୍ଲିନ୍ ଚିଟ୍ ପ୍ରଦାନ କରିଛନ୍ତି। ଏଥିସହ ପ୍ରତାପଙ୍କ ବିରୋଧରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ୨୦୨୩ ସେପ୍ଟେମ୍ବର ୨୫ ତାରିଖରେ ଦେଇଥିବା ଆଦେଶକୁ ହାଇକୋର୍ଟ ଖାରଜ କରିଛନ୍ତି। ସେହିପରି ମାହାଙ୍ଗା ଡବଲ ମର୍ଡର ମାମଲାରେ ପ୍ରତାପଙ୍କ ବିରୋଧରେ ବିଚାରାଧୀନ ଥିବା ସମସ୍ତ ଆପରାଧିକ କାର୍ଯ୍ୟାନୁଷ୍ଠାନକୁ ହାଇକୋର୍ଟ ଖାରଜ କରିଛନ୍ତି। ଆବେଦନକାରୀ ପ୍ରତାପ ଜେନାଙ୍କ ପକ୍ଷରୁ ଦାୟର ମାମଲାର ବିଚାର କରି ହାଇକୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀ ମଙ୍ଗଳବାର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି।

ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି, ମାହାଙ୍ଗା ଡବଲ ମର୍ଡର ମାମଲାରେ ଆବେଦନକାରୀଙ୍କୁ ପୋଲିସ ୨ଟି ପର୍ଯ୍ୟାୟ ତଦନ୍ତ ପରେ ବି ସାମିଲ କରିନାହିଁ। ପ୍ରତିପକ୍ଷଙ୍କ ପ୍ରୋଟେଷ୍ଟ ପିଟିଶନ ଦାଖଲ ପରେ ପୋଲିସ ମାମଲାର ତଦନ୍ତ କରିଥିଲା। ମାତ୍ର ଚାର୍ଜଶିଟ୍‌ରେ ଆବେଦନକାରୀ ପ୍ରତାପଙ୍କ ନାମ ନ ଥିଲା। ସେହିପରି ପୋଲିସ ଚାର୍ଜଶିଟ୍‌ରେ ଆବେଦନକାରୀଙ୍କ ନାମ ଉଲ୍ଲେଖ କରି ନ ଥିବା, ତାଙ୍କ ବିରୋଧରେ ତଥ୍ୟ ☞ପୃଷ୍ଠା–୩

# ଆପତ୍ତିଜନକ ପୋଷ୍ଟ ଦେଖିଲେ ପୋଲିସକୁ ଜଣାନ୍ତୁ


## ଭଦ୍ରକ, ଧାମନଗରରେ ସ୍ଥିତି ଅନୁଧ୍ୟାନ କଲେ ଡିଜିପି

■ ଗିରଫ ସଂଖ୍ୟା ୩୩କୁ ବୃଦ୍ଧି

ଭଦ୍ରକ/ଧାମନଗର, ୧।୧୦(ସନାତନ ରାଉତ/ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ସୋସିଆଲ ମିଡିଆରେ କୌଣସି ଆପତ୍ତିଜନକ ଭିଡିଓ କିମ୍ବା ଅଡିଓ କ୍ଲିପ୍ ଦେଖି ଉତ୍ତେଜିତ ହୁଅନ୍ତୁ ନାହିଁ। ସୋସିଆଲ ମିଡିଆରେ ବହୁତ କିଛି ଭୁଲ୍ ତଥ୍ୟ ତଥା ଆପତ୍ତିଜନକ ମନ୍ତବ୍ୟ ଆସୁଛି। କୌଣସି ଆପତ୍ତିଜନକ ପୋଷ୍ଟ ନଜରକୁ ଆସିଲେ ସଙ୍ଗେ ସଙ୍ଗେ ପୋଲିସକୁ ଜଣାନ୍ତୁ। ପୋଲିସ ପକ୍ଷରୁ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ତାହାକୁ ନେଇ ବିବ୍ରତ ନ ହେବାକୁ ମଙ୍ଗଳବାର ଭଦ୍ରକ ଓ ଧାମନଗର ଗସ୍ତରେ ଆସି ସ୍ଥିତି ଅନୁଧ୍ୟାନ କରିବା ଅବସରରେ ଡିଜିପି ୱାଇ. ବି ଖୁରାନିଆ କହିଛନ୍ତି। ଏହିସବୁ ଘଟଣାରେ ଆଇନକୁ ହାତକୁ ନେବା କଥା ନୁହେଁ। ଯେଉଁ ଲୋକ ଆଇନକୁ ହାତକୁ ନେବେ, ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶୁକ୍ରବାର ଘଟିଥିବା ଘଟଣାରେ ମୋଟ ୮ଟି ମାମଲା ରୁଜୁ ହୋଇଛି। ଏବେ ସୁଦ୍ଧା ମୋଟ ୩୩ଜଣଙ୍କୁ ଗିରଫ କରାଯାଇଛି ଓ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଡିଜିପି କହିଥିଲେ।

ଡିଜିପି ପ୍ରଥମେ ଧାମନଗରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲା ପ୍ରଶାସନ ଓ ଧାମନଗର ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ବହୁ ସୁଧାର ହୋଇଛି। ଦିନେ କିମ୍ବା ଦୁଇଦିନ ଭିତରେ ପରିସ୍ଥିତି ସ୍ୱାଭାବିକ ହୋଇଯିବ ବୋଲି ଧାମନଗର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। ଏଡିଜି ସଞ୍ଜୟ କୁମାର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁ, ତହସିଲଦାର ଦୀପକ କୁମାର ଦାସ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଡିଜିପି ଭଦ୍ରକ ପୁରୁଣାବଜାର ଥାନା ଅଧୀନ ପୋଲିସ ସହ ଗଣ୍ଡଗୋଳ ଘଟିଥିବା ସ୍ଥାନ ସନ୍ଥିଆଠାରେ ପହଞ୍ଚିଥିଲେ। ସେଠାରେ ସ୍ଥିତି ଅନୁଧ୍ୟାନ କରିବା ପରେ ପୁରୁଣାବଜାର ଥାନାକୁ ଯାଇ ଘଟଣା ବିଷୟରେ ପଚାରି ବୁଝିଥିଲେ। ଏହାପରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଡିଜିପିଙ୍କ ଗସ୍ତ ସମୟରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ, ଏସ୍‌ପି, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଏସ୍‌ପି ବାମଦେବ ସିଂ, ବାସୁଦେବ ସ୍ୱାଇଁ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତେଜନା ମାମଲାରେ ଆଉ ୬ ଜଣଙ୍କୁ ସୋମବାର ରାତିରେ ପୁରୁଣାବଜାର ପୋଲିସ ଗିରଫ କରିଛି। ଭଦ୍ରକର ପୁରୁଣାବଜାର ସହ ଧାମନଗର ଏନ୍‌ଏସି ଓ ଦୋବଲ ଅଞ୍ଚଳରେ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଜାରି ରହିଥିବା ବେଳେ ଜିଲାରେ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ପୁରୁଣାବଜାର ଅଞ୍ଚଳରେ ୧୦ପ୍ଲାଟୁନ ଫୋର୍ସ ସହ ଏକ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ମୁତୟନ ରହିଛନ୍ତି। ସେହିପରି ଦୋବଲ ଓ ଧାମନଗର ଏନ୍‌ଏସିରେ ୬ ପ୍ଲାଟୁନ ପୋଲିସ ଫୋର୍ସ ଓ ଏକ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ମୁତୟନ ଅଛନ୍ତି। ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ସକାଳେ ଓ ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି। ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଟାଉନ ଥାନା ସବ୍ ଇନ୍ସପେକ୍ଟର ରୋଜେନ ମୁର୍ମୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ଥିବା ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି।



# ଆଜିଠୁ ଟ୍ରକ୍ ଯୋଗେ କୋଇଲା ପରିବହନ ବନ୍ଦ

## ତାଳଚେର ଟ୍ରକ୍ ମାଲିକ ସଂଘ ପକ୍ଷରୁ ଉଚିତ ଭଡ଼ା ଦାବି

ତାଳଚେର, ୧।୧୦ (ମନୋଜ ନନ୍ଦ)

ଟ୍ରକ୍ ଯୋଗେ ତାଳଚେରରେ କୋଇଲା ପରିବହନ କରୁଥିବା ଟ୍ରକ୍ ମାଲିକମାନଙ୍କ ପ୍ରତି ପରିବହନକାରୀ ସଂସ୍ଥା ଅସହଯୋଗ କରୁଥିବା ବେଳେ ବର୍ଦ୍ଧିତ ଭଡ଼ା କଟା ନୀତି ଆପଣାଇଥିବା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ଏପରି କାର୍ଯ୍ୟ ପ୍ରତିବାଦରେ ଟ୍ରକ୍ ମାଲିକମାନେ ବୁଧବାରଠାରୁ ଆନ୍ଦୋଳନ ଡାକରା ଦେଇଛନ୍ତି।

ତାଳଚେରସ୍ଥିତ ସଂଘ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ସଭାପତି ଅରବିନ୍ଦ ଭୂତିଆ, ସମ୍ପାଦକ ରତନ ଶତପଥୀ, କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁ, ଉପଦେଷ୍ଟା ମୁରଲୀ ସାହୁ, ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ସଭାପତି ମାନସ ରଞ୍ଜନ ଆଚାର୍ଯ୍ୟ ଏବଂ ପ୍ରତ୍ୟେକ ସେକ୍ଟରର ଇନଚାର୍ଜ ଉପସ୍ଥିତ ରହି ପରିବହନକାରୀ ସଂସ୍ଥା ଓ ପ୍ଲାଣ୍ଟ ମିଶି କିପରି ଭଡା କଟାନୀତି ଆପଣାଇଛନ୍ତି ତାହା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସଂଘ ପକ୍ଷରୁ କୁହାଯାଇଛି, ୧୦ ମାସ ତଳେ ଭଡ଼ା ବୃଦ୍ଧି ପାଇଁ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏକ ବଡ଼ଧରଣର ଆନ୍ଦୋଳନ କରାଯାଇଥିଲା। ଏହାପରେ ସ୍ଥାନୀୟ ବିଧାୟକ, ପ୍ରଶାସନ ଓ ପରିବହନକାରୀ ସଂସ୍ଥା ପ୍ରତିନିଧିଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା କରାଯାଇ ଭଡ଼ା ବୃଦ୍ଧି କରାଯାଇଥିଲା। ୩/୪ମାସ ସବୁକିଛି ଠିକ୍ଠାକ୍ ଚାଲିବା ପରେ ଧୀରେ ଧୀରେ ଉକ୍ତ ନିଷ୍ପତ୍ତିରୁ ପରିବହନକାରୀ ସଂସ୍ଥା ଓହରି ଯାଇଛି।



କଟାନୀତି ଆପଣାଇଥିବାରୁ ଅକ୍ଟୋବର ୨ ବୁଧବାର ଠାରୁ ଟ୍ରକ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଯାଏ ଏହି ଆନ୍ଦୋଳନ ଜାରି ରହିବ। ରାଜ୍ୟ ସରକାର ଓ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସ୍ଥାନୀୟ ଅବଗତ କରାଯିବ। ପରିବହନକାରୀ ସଂସ୍ଥାର ଏଭଳି ନୀତି ଜାରି ରହିଲେ ଆଗକୁ ଏହା ବରଦାସ୍ତ କରାଯିବନି।

# ୨ ସୁରକ୍ଷା କର୍ମଚାରୀଙ୍କ ସହ ୩ ଗିରଫ

## କାରଖାନା ପରିସରରେ ୨ ଶ୍ରମିକଙ୍କୁ ଉଲଗ୍ନ କରି ମାଡ଼ ମାମଲା

ଢେଙ୍କାନାଳ, ୧।୧୦ (ରତନ ନାୟାର)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଞ୍ଚଳରେ ଜଗନ୍ନାଥ ପାୱାର ନାମକ ଏକ କମ୍ପାନୀ ପରିସରରେ ଗତ ୩ ଦିନ ତଳେ କାରଖାନାରେ କାର୍ଯ୍ୟରତ ଦୁଇଜଣ ଶ୍ରମିକଙ୍କୁ ସେମାନଙ୍କର ପ୍ୟାଣ୍ଟ, ସାର୍ଟ ଖୋଲି ଉଲଗ୍ନ କରି ନିସ୍ଥୁକ ମାଡ଼ ମରାଯାଇଥିଲା। କାରଖାନାରେ ଜଣେ ସୁରକ୍ଷା କର୍ମଚାରୀ ଓ ଅନ୍ୟଜଣେ ଚାଳକ ମିଶି ଉଭୟଙ୍କୁ ନିସ୍ଥୁକ ମାଡ ମାରିଥିଲେ। ଗୁରୁତର ଭାବେ ଆହତ ହୋଇଥିବା ଉଭୟ ଶ୍ରମିକ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ମାଡ଼ ଖାଇଥିବା ଦୁଇ ଶ୍ରମିକ ହେଲେ ନିମିଧା ଗ୍ରାମର ନିଲୁ ନାଏକ ଓ ଦିଲୁ ନାଏକ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଏହି ଘଟଣାରେ ମଙ୍ଗଳବାର ମୋଟଙ୍ଗା ଥାନା ପୋଲିସ କାରଖାନାର ସୁରକ୍ଷା କର୍ମଚାରୀ ବୋଗା ଓରଫ୍ ଅଜିତ୍ କୁମାର ପଣ୍ଡା(୩୫), ଅନ୍ୟତମ ସୁରକ୍ଷା କର୍ମଚାରୀ ବସନ୍ତ କୁମାର ମଲ୍ଲିକ(୫୨)ଙ୍କ ସହ ଗାଡି ଚାଳକ ଅମୂଲ୍ୟ ଭୁତିଆ(୩୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୁରକ୍ଷା କର୍ମଚାରୀ ଅଜିତଙ୍କ ଘର ମୋଟଙ୍ଗା ଥାନା ଓଡ଼ାପଡ଼ା ଗ୍ରାମରେ ହୋଇଥିବା ବେଳେ ଚାଳକ ଅମୂଲ୍ୟଙ୍କ ଘର ତାଳଚେର ଥାନା ରାମଚନ୍ଦ୍ରପୁର ଅଞ୍ଚଳରେ ବୋଲି ଜଣାପଡିଛି। ସେହିପରି ଅନ୍ୟତମ ସୁରକ୍ଷା କର୍ମଚାରୀ ବସନ୍ତଙ୍କ ଘର ଭଦ୍ରକ ଜିଲା ବାସୁଦେବପୁର ଥାନା କୋଧୁଆଁ ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ କେସ୍ ନଂ. ୩୯୦।୨୪ରେ ଏକ ମାମଲା ରୁଜୁ କରାଯାଇଥିଲା ବୋଲି ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକଙ୍କ ସୂତ୍ରରୁ ଜଣାପଡ଼ିଛି।

# ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ



ଭୁବନ, ୧।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ମହିଳା କଲେଜ ପରିସରରେ ମଙ୍ଗଳବାର ସ୍ୱାବଲମ୍ବୀ ଭାରତ ଅଭିଯାନ ଆନୁକୂଲ୍ୟରେ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସେଥିରେ ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷ ଦିଲୀପ ଦାସ ସଭାପତିତ୍ୱ କରିଥିବା ବେଳେ ଢେଙ୍କାନାଳ ଜିଲା ସମନ୍ୱୟ କମିଟିର ଅଧ୍ୟକ୍ଷ ଅଶୋକ ଭଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ଛାତ୍ରୀମାନେ ଶିକ୍ଷାଲାଭ ପରେ କିପରି ସ୍ୱାବଲମ୍ବୀ ଓ ଆତ୍ମନିର୍ଭର ହୋଇ ଚାକିରି ଉପରେ ଗୁରୁତ୍ୱ ନ ଦେଇ ନିଜ ମୁହଁରେ ହସ ଫୁଟାଇବେ ସେ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ସାମାଜିକ କର୍ମୀ ଦେବବ୍ରତ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ +୨ ମହିଳା କଲେଜର ଅଧ୍ୟକ୍ଷା ସୁପ୍ତିମୟୀ ସେନ, ଢେଙ୍କାନାଳ ଜିଲାର ସଫଳ ଉଦ୍ୟୋଗୀ ବାପୁନ ସାହୁ, ଲିପୁନ ସାହୁ ଓ ଟୁପୁସି ବିଶ୍ୱକର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ଲାଭକରି ଚାକିରି ପଛରେ ନ ପଡ଼ି ନିଜେ ରୋଜଗାରକ୍ଷମ ହୋଇପାରିବେ ସେ ନେଇ ବେକାର ଯୁବତୀ ଯୁବକମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସେଥିରେ କଲେଜର ସମସ୍ତ ଛାତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ, ନିରଞ୍ଜନ ନାୟକ ଓ ପ୍ରଶାନ୍ତ କୁମାର ବେହେରା ସହଯୋଗ କରିଥିଲେ। ଶେଷରେ ସାମାଜିକ କର୍ମୀ ନିରଞ୍ଜନ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ପ୍ରତିଯୋଗିତା

## ସାଧାରଣ ଜ୍ଞାନରେ କୃତୀ ବିଦ୍ୟାର୍ଥୀ ପୁରସ୍କୃତ

ଢେଙ୍କାନାଳ, ୧।୧୦ (ରତନ ନାୟାର)


ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସାଧାରଣ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ମଙ୍ଗଳବାର ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ପୁରସ୍କୃତ କରିଛନ୍ତି। ମାଧ୍ୟମିକ ସ୍ତରରେ ବିବି ହାଇସ୍କୁଲର ଭାର୍ଗବ ପୃଷ୍ଟି, ଆଦର୍ଶ ବିଦ୍ୟାଳୟ ମହିଷାପାଟର ଓମ ସୁବ୍ରମଣ୍ୟମ ଅମରନାଥ ଓ ଶଙ୍କରପୁର ହାଇସ୍କୁଲର ସ୍ମୃତିରଞ୍ଜନ ସାହୁ, ଉଚ୍ଚ ମାଧ୍ୟମିକ ସ୍ତରରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସିଦ୍ଧାର୍ଥ ଶର୍ମା, ଆଦର୍ଶ ବିଦ୍ୟାଳୟ ମହିଷାପାଟର ଅନୁସୟା ସାହୁ ଓ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସୁପ୍ରତିକ ପାତ୍ରଙ୍କୁ ଜିଲାପାଳ ପ୍ରମାଣପତ୍ର ସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ଯଥାକ୍ରମେ ୧୫୦୦, ୧୦୦୦ ଓ ୮୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।



ପୁରସ୍କୃତ ହୋଇଥିବା କୃତୀ ଛାତ୍ରୀଛାତ୍ରମାନେ।

ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗତ ୨୬ ତାରିଖ ଦିନ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦିଶ ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପର୍ଯ୍ୟଟନ ଓ ସଂସ୍କୃତି ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଜିଲାସ୍ତରୀୟ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକସ୍ତରର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

# ସିନର୍ଜିରେ ରକ୍ତଦାନ ଶିବିର




ଢେଙ୍କାନାଳ, ୧।୧୦ (ସରୋଜ ମିଶ୍ର)

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟର କଲେଜର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳନ ଏବଂ ଜାତୀୟ ରକ୍ତଦାତା ଦିବସ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଙ୍ଗଳବାର ଆୟୋଜିତ ହୋଇଥିଲା। ଏହି ଶିବିରରେ ୧୨୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। କଲେଜର ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏଥିରେ ନିର୍ଦ୍ଦେଶକ ଡ଼. ପ୍ରଶାନ୍ତ କୁମାର ନାୟକ, ପ୍ରଶାସନିକ ନିର୍ଦ୍ଦେଶକ ଡ଼. ଇତିଶ୍ରୀ ମହାନ୍ତି, ଜିଲା ରେଡ଼କ୍ରସର ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ପାଣି, ରକ୍ତଦାତା ସଂଘର ବରିଷ୍ଠ ସଦସ୍ୟ ରାଜକିଶୋର ବେହେରା, ପୁରାତନ ଛାତ୍ର ସୌମ୍ୟବ୍ରତ ସାହୁ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ କମ୍ପ୍ୟୁଟର ବିଭାଗର ମୁଖ୍ୟ ସ୍ମୃତିରଞ୍ଜନ ଦାଶ, ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ମିଶ୍ର ଓ ନିରାପତ୍ତା ଅଧିକାରୀ ଅକ୍ଷୟ କୁମାର ଜେନା ପରିଚାଳନା କରିଥିଲେ। ରୌପ୍ୟ ଜୟନ୍ତୀ ପାଇଁ ସ୍ୱଚ୍ଛତା ହିଁ ସେବା ସପ୍ତାହ ମଧ୍ୟ ପାଳନ ଉପଲକ୍ଷେ ଏନଏସ୍ଏସ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କଲେଜ ପରିସର ଏବଂ ମହାତ୍ମାଗାନ୍ଧୀ ମାର୍ଗସ୍ଥିତ ପାର୍କରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ଉନ୍ମୋଚନ ଉତ୍ସବ

ଓଡ଼ାପଡ଼ା, ୧।୧୦ (ରଞ୍ଜିତ ନାୟକ)

ଓଡ଼ାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଓଡ଼ାପଡ଼ା ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଓଡ଼ାପଡ଼ା ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର କାଲୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଏବିଓ ଶ୍ରୀଧର ସ୍ୱାଇଁ, ଲଳିତ କୁମାର ସେଠୀ, ଓଡ଼ାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନିତା ସାହୁ ଯୋଗଦେଇ ନିପୁଣ ଓଡିଶାର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଆଲୋକପାତ କରିଥିଲେ। ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ଯୋଜନାର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଚନ୍ଦନ କୁମାର ନାୟକ। ଶେଷରେ ଏବିଓ ଲଳିତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଇଓ, ଏବିଇଓ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ଯୁବମୋର୍ଚ୍ଚା ପକ୍ଷରୁ ସଦସ୍ୟତା ଅଭିଯାନ



ଭୁବନ, ୧।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜ ନିକଟରେ ମଙ୍ଗଳବାର ଭୁବନ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନଙ୍କ ପକ୍ଷରୁ ଭାଜପା ସଦସ୍ୟତା ଅଭିଯାନ ଆରମ୍ଭ ହୋଇଥିଲା। ସଦସ୍ୟତା ଅଭିଯାନକୁ ଭୁବନ ଯୁବମୋର୍ଚ୍ଚାର କାର୍ଯକର୍ତ୍ତାମାନେ ଆୟୋଜନ କରିଥିବା ବେଳେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ଯୁବପିଢିମାନଙ୍କୁ ପ୍ରେରଣା ଦେଇ ଛାତ୍ର ଜୀବନରେ ପାଠପଢ଼ା ସହିତ ରାଜନୀତିରେ ସକ୍ରିୟତା ହୋଇ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହେବା ପାଇଁ ଆହ୍ୱାନ ଦେଇଥିଲେ। ସେଥିରେ କଲେଜର +୩ ବିଭାଗର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସ୍ୱଇଚ୍ଛାରେ ସଦସ୍ୟତା ଗ୍ରହଣ କରିଥିଲେ। ଏହି ସଦସ୍ୟତା ଅଭିଯାନକୁ ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ ପରିଚାଳନା କରୁଥିବା ବେଳେ ଯୁବମୋର୍ଚ୍ଚାର ଢେଙ୍କାନାଳ ଜିଲା ସାଧାରଣ ସମ୍ପାଦକ ଡମରୁଧର ପାତ୍ର, ଜିଲା ସମ୍ପାଦକ ଦିପକ କୁମାର ବେହେରା, ଭୁବନ ନଗର ଉପସଭାପତି ସୁବାସ ଚନ୍ଦ୍ର ଦାସ, ପୂର୍ବତନ ଯୁବମୋର୍ଚ୍ଚା ସଭାପତି ସନ୍ତୋଷ ବିହାରୀ, ଭୁବନ ନଗର ସାଧାରଣ ସମ୍ପାଦକ ଜଗବନ୍ଧୁ ଗୁରୁ ଓ ବରିଷ୍ଠ କାର୍ଯକର୍ତ୍ତା ଜଗନ ବେଜ, ଚିନ୍ମୟ ପୃଷ୍ଟି ସହଯୋଗ କରିଥିଲେ। ପରେ ବିଧାୟକ କଲେଜ ପରିସର ବୁଲି ସମସ୍ତ ସମସ୍ୟାକୁ ତଦାରଖ କରିବା ସହିତ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। କଲେଜର ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଅଭିଭାବକ ଓ ଅଧ୍ୟାପିକା ଅଧ୍ୟାପକଙ୍କୁ ନେଇ ବୈଠକ

ଭୁବନ, ୧।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ପିତାମାତା, ଅଭିଭାବକ ଓ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଛାତ୍ରୀଛାତ୍ରମାନଙ୍କ ଆପାର ଆଇଡି ପ୍ରସ୍ତୁତି ନିମନ୍ତେ ପିତାମାତା, ଅଭିଭାବକଙ୍କ ସମ୍ମତି ପତ୍ର ସମ୍ପର୍କରେ ଅବଗତ କରାଇଥିଲା। ବୈଠକରେ କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ, ଗୌରାଙ୍ଗ ଚରଣ ମହାରଣା, ଅନିଲ କୁମାର ଧୀର, ବାସୁଦେବ ସାହୁ, ଅଲେଖ ଚନ୍ଦ୍ର ପାତ୍ର, ସୁନିଲ କୁମାର ରାଉତ, କରୁଣାକର ରାଉଳ ଓ ଅଧ୍ୟାପିକା ଧାନି ମୁର୍ମୁ, କଲେଜର ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନେ କିପରି ସମସ୍ତ ସୁବିଧା ସୁଯୋଗ ପାଇପାରିବେ ସେ ସମ୍ପର୍କରେ ପୁଙ୍ଖାନପୁଙ୍ଖ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ ମାଧ୍ୟମିକସ୍ତରରେ ଥିବା ସମସ୍ତ ନିୟମ ଓ ଆପାର ସମ୍ପର୍କରେ ଅବଗତ କରାଯାଇଥିଲା। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶାଶୁଙ୍କୁ ଠେଙ୍ଗାରେ ପିଟିଲେ ଜ୍ୱାଇଁ

ବଇଣ୍ଡା, ୧।୧୦ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତାବଡ଼ା ଗ୍ରାମର ଶାନ୍ତି ରାଉଳଙ୍କୁ ତାଙ୍କ ଜ୍ୱାଇଁ ହଣ୍ଡପା ଥାନା ଗାଁବଇଣ୍ଡା ଅଞ୍ଚଳର ଅରୁଣ କୁମାର ସାହୁ ଠେଙ୍ଗାରେ ପିଟିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଶାନ୍ତିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଶାନ୍ତି ଘରେ ଥିବାବେଳେ ଜ୍ୱାଇଁ ଅରୁଣ ପହଞ୍ଚି ବିନା କାରଣରେ ତାଙ୍କ ସହ ଝଗଡ଼ା କରିଥିଲେ। ପରେ ଅରୁଣ ଉତ୍‌କ୍ଷିପ୍ତ ହୋଇ ଏକ ଠେଙ୍ଗାରେ ଶାଶୁଙ୍କୁ ପିଟିଥିଲେ। ଶାନ୍ତିଙ୍କ ହାତରେ ଆଘାତ ଲାଗିବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୨୮ତମ ଜିଲାସ୍ତରୀୟ ଫୁଟ୍‌ବଲ: ଧନେଇନାଳୀ ବିଜୟୀ

ଢେଙ୍କାନାଳ, ୧।୧୦ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବେଗା ଗ୍ରାମପଞ୍ଚାୟତ ନେହେଙ୍ଗେରା ଫୁଟବଲ ପଡିଆଠାରେ କିଶନ ସ୍ପୋର୍ଟିଙ୍ଗ୍ ଆନୁକୂଲ୍ୟରେ ୨୮ତମ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ନିହଲପ୍ରସାଦ ମଣ୍ଡଳ ସଭାପତି ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ଦାସ ଓ ସମ୍ମାନିତ ଅତିଥି ଭାବେ ଭାଜପା ଯୁବ ଜନଜାତିର ନରେଶ ଶୁଣ୍ଡି ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ବ୍ଲକ ପାନ୍ଥର କ୍ଲବ ଯାଜପୁର ଓ ଧନେଇନାଳି ଢେଙ୍କାନାଳ ମଧ୍ୟରେ ହୋଇଥିଲା। ଏଥିରେ ଧନେଇନାଳି ଦଳ ୨-୧ ଗୋଲରେ ଯାଜପୁରକୁ ହରାଇ ବିଜୟୀ ହୋଇଥିଲା। ଏହି ପ୍ରତିଯୋଗିତା ୧ରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜିଲାରୁ ୪୮ଟି ବଛାବଛା ଦଳଙ୍କୁ ନେଇ ପ୍ରତିଦିନ ୧୦ରାଉଣ୍ଡ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।



ମଙ୍ଗଳବାର ଉଦ୍‌ଘାଟନୀ ମ୍ୟାଚରେ ଖେଳାଳିମାନେ।

# ସୁସ୍ଥ, ନିରାମୟ ଜୀବନଯାପନ ଓ କର୍ମଚଞ୍ଚଳ ରହିବାକୁ ପରାମର୍ଶ

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ଢେଙ୍କାନାଳ, ୧।୧୦ (ରତନ ନାୟାର)

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନଗରିକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଉତ୍ସବରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସ୍ଥ ଓ ନିରାମୟ ଜୀବନଯାପନ ସହିତ ସର୍ବଦା କର୍ମଚଞ୍ଚଳ ରହିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ନିଜକୁ କୌଣସି ପ୍ରକାର ଅସୁରକ୍ଷିତ ମନେକଲେ ଆଇନର ସହାୟତା ନେବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ବରିଷ୍ଠ ନାଗରିକ ସଂଘ ସଭାପତି ଆଇନଜୀବୀ ଦିପ୍ତୀଶ ପ୍ରସାଦ ପଟ୍ଟନାୟକ, ସଦସ୍ୟ ବସନ୍ତ କୁମାର ପଟ୍ଟନାୟକ, ବିଶ୍ୱନାଥ ବେହେରା, ଦୟାନନ୍ଦ ସର୍ଭିସ ମିଶନ ସମ୍ପାଦକ ପ୍ରଦୀପ କୁମାର




ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ବରିଷ୍ଠ ନାଗରିକ ଆଦର୍ଶ ମହିଳା କୃଷିଦା ବେଗମଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସମାଜ ପ୍ରତି ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଶ୍ରୀମତୀ କୃଷିଦା ବେଗମଙ୍କୁ ତାଙ୍କର ଉତ୍ସର୍ଗିକୃତ ସେବା ନିମନ୍ତେ ଆଦର୍ଶ ମହିଳା ଭାବେ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ନାଗରିକ ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅସହାୟ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ରହିବା, ଖାଇବା ପିଇବା, ମନୋରଞ୍ଜନ, ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ବ୍ୟବସ୍ଥା ସହିତ ସୁବିଧା ସୁଯୋଗ ଥାଇ ଜିଲାରେ ୯ଟି ଜରାଶ୍ରମ କାର୍ଯ୍ୟ କରୁଛି ବୋଲି ପ୍ରକାଶ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ 'ଐରା' ପକ୍ଷରୁ ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ରକ୍ତଚାପ, ମଧୁମେହ, ଇସିଜି ପରୀକ୍ଷା, ଭୌତିକ ଚିକିତ୍ସା ଆଦି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଐରା, ମହର୍ଷି ଦୟାନନ୍ଦ ମିଶନ, ଚେତନା ଏବଂ ସାମାଜିକ ସୁରକ୍ଷା ବିଭାଗର ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ୫୦% ରିହାତି ସେବା, ସିଟ୍ ସଂରକ୍ଷଣ ସୁନିଶ୍ଚିତ କରାଅ'

**ବିଏସ୍ଏବିଟି ସ୍ଥିତି ଅନୁଧ୍ୟାନକଲେ ନଗର ଉନ୍ନୟନ ମନ୍ତ୍ରୀ**

ଭୁବନେଶ୍ୱର, ୧।୧୦(ସୁନିତ୍ ମିଶ୍ର)



ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ବରମୁଣ୍ଡାସ୍ଥିତ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ୍(ବିଏସ୍ଏବିଟି)ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଡିଏ ଉପାଧ୍ୟକ୍ଷ ଏନ୍. ତିରୁମାଲା ନାୟକଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ମନ୍ତ୍ରୀ ଟର୍ମିନାଲରେ ଯାତ୍ରୀସେବା, ଭିତ୍ତିଭୂମି ଏବଂ ନିରାପତ୍ତା ବ୍ୟବସ୍ଥାର ଆକଳନ ଏବଂ ମାନ ପରଖିଛନ୍ତି। ଯାତ୍ରୀମାନଙ୍କ ସହ ଆଲୋଚନା ବେଳେ ମନ୍ତ୍ରୀ ମହାପାତ୍ର ଫୁଲବାଣୀ ଯିବାକୁ ଅପେକ୍ଷା କରିଥିବା ୩ ଜଣ ଦୃଷ୍ଟିହୀନ ଯୁବତୀଙ୍କୁ ଭେଟିଛନ୍ତି। ସେ ବ୍ୟକ୍ତିଗତ ଭାବେ ଟିକେଟ କିଣିବା ସହ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ୫୦ ପ୍ରତିଶତ ରିହାତି ଦେବା ସହିତ ସିଟ୍ ସଂରକ୍ଷଣ କରି ସେମାନଙ୍କ ସୁବିଧା ସୁନିଶ୍ଚିତ କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମନ୍ତ୍ରୀ ଟର୍ମିନାଲର ପ୍ରମୁଖ ଅଞ୍ଚଳ ଯଥା ବସ୍ ବେ, ପରିଚାଳନା ନିୟନ୍ତ୍ରଣ ସୁବିଧା ଏବଂ ପାନୀୟ ଜଳର ଉପଲବ୍ଧତା ପରିଦର୍ଶନ କରିଛନ୍ତି। ସେ ଆହାର କେନ୍ଦ୍ର ପରିଦର୍ଶନକରି ସ୍ୱଚ୍ଛତା ବଜାୟ ରଖିବା ଏବଂ ଯାତ୍ରୀମାନଙ୍କୁ ଦକ୍ଷ ଭାବେ ସେବା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି। 'ମୋ ବସ୍' ଡ୍ରାଇଭରଙ୍କ ସହ ଆଲୋଚନା ବେଳେ ମନ୍ତ୍ରୀ ସେବା ମନୋଭାବର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଯାତ୍ରୀଙ୍କ ସୁବିଧା ଓ ନିରାପତ୍ତାକୁ ପ୍ରାଥମିକତା ଦେବା ପାଇଁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଛନ୍ତି। ଏହାଛଡ଼ା ମନ୍ତ୍ରୀ ମହାପାତ୍ର ସୁରକ୍ଷା ବ୍ୟବସ୍ଥାର ସମାଧାନ ପାଇଁ ପୋଲିସ ଫାଣ୍ଡି ପରିଦର୍ଶନ କରିବା ସହ ବିଡିଏକୁ ପାଣି ଲିକ୍ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବସ୍ ଚାଳକଙ୍କ ମଧ୍ୟରେ କେତେଜଣ ମଦ୍ୟପାନକରି ଗାଡ଼ି ଚଳାଉଥିବା ଘଟଣାକୁ ରୋକିବା ଲାଗି ବିଡିଏ ଓ ପୋଲିସ ଅଧିକାରୀଙ୍କ ସହଯୋଗରେ ଟର୍ମିନାଲର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ଏହିସବୁର ଅନୁଧ୍ୟାନ ପରେ ମନ୍ତ୍ରୀ ବିଡିଏ ଅଧିକାରୀଙ୍କ ସହ ଟର୍ମିନାଲର ରାଜସ୍ୱ ମଡେଲର ସମୀକ୍ଷାକରିବା ସାଙ୍ଗକୁ ଭିତ୍ତିଭୂମିରେ ଉନ୍ନତି ଏବଂ ଯାତ୍ରୀ ସୁବିଧା ବୃଦ୍ଧି ଉଦ୍ଦେଶ୍ୟରେ ଭବିଷ୍ୟତର ବିକାଶ ଯୋଜନା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବସ୍ତିବାସିନ୍ଦାଙ୍କ ପାଇଁ ସୁଲଭ ଆବାସ ପ୍ରକଳ୍ପ ନୀଳମାଧବ ନିବାସ ପରିଦର୍ଶନ କରିଥିଲେ।

# ଖୁବ୍‌ଶୀଘ୍ର ଲାଗୁହେବ ଆୟୁଷ୍ମାନ ଭାରତ ଯୋଜନା: ମନ୍ତ୍ରୀ ମହାଲିଙ୍ଗ

ଭୁବନେଶ୍ୱର,୧।୧୦(ସୁନିତ୍ ମିଶ୍ର)

ଓଡ଼ିଶାରେ ଖୁବ୍‌ଶୀଘ୍ର କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁହେବ। ଏହି ଯୋଜନା ସହ ପୂର୍ବରୁ ରାଜ୍ୟ ସରକାରଙ୍କ ନିଜସ୍ୱ ଚାଲୁଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତଥା ନୂତନ ନାମକରଣ ପରେ ହୋଇଥିବା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ସମନ୍ୱିତ କରାଯିବ। ଏହି କ୍ରମରେ ରାଜ୍ୟର ୧ କୋଟି ପରିବାର ଏହି ଦୁଇଟି ଯାକ ଯୋଜନାରେ ଉପକୃତ ହେବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା ଯୋଜନା ନେଇ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଶେଷ ହେବା ପରେ କେନ୍ଦ୍ର ସରକାରଙ୍କ ସହ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରାଯିବ। ଏହାଦ୍ୱାରା ରାଜ୍ୟରେ ହିତାଧିକାରୀମାନେ ଦେଶର ଯେକୌଣସି ସ୍ଥାନରେ ୨ ହଜାର ତାଲିକାଭୁକ୍ତ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ। ପୂର୍ବରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜରିଆରେ ମାତ୍ର ୯୫୦ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଥିଲା ବୋଲି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି।

ସେ ଆହୁରି କହିଛନ୍ତି, ଏଥିରେ ପ୍ରଥମ ଥର ଲାଗି ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଲୋକେ ଚିକିତ୍ସା ସୁବିଧା ପାଇବେ। ସମୁଦାୟ ସାଢେ ୩ କୋଟି କାର୍ଡ ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ଏହି କାର୍ଡଧାରୀ ମହିଳା ହିତାଧିକାରୀଙ୍କୁ ୧୦ ଲକ୍ଷ ଏବଂ ପୁରୁଷଙ୍କ ଚିକିତ୍ସା ଲାଗି ୫ ଲକ୍ଷ ଟଙ୍କାର କ୍ୟାଶ୍‌ଲେସ୍ ସୁବିଧା ମିଳିବ। ଆୟୁଷ୍ମାନ ଭାରତ ଯୋଜନାରେ ୬୭ ଲକ୍ଷ ପରିବାର ଅନ୍ତର୍ଭୁକ୍ତ ହେବାକୁ ଥିବାବେଳେ ଅବଶିଷ୍ଟ ପରିବାର ଗୋପବନ୍ଧୁ ଯୋଜନାରେ ସୁବିଧା ପାଇବେ। ରାଜ୍ୟ ବାହାରେ ରହୁଥିବା ଓଡ଼ିଶା ଲୋକ ଏହାଦ୍ୱାରା ଅଧିକ ଲାଭବାନ୍ ହେବେ। ସେହିପରି ରାଶନ କାର୍ଡରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ ସରକାର ଏହି ଯୋଜନାରେ ସାମିଲକରିବେ। ଉକ୍ତ ବ୍ୟବସ୍ଥା ଲାଗୁକରିବାରେ ଯେପରି କୌଣସି ତ୍ରୁଟି ନ ରହିବ ସେଥିଲାଗି ପଦକ୍ଷେପ ନିଆଯାଉଛି ବୋଲି ମହାଲିଙ୍ଗ କହିଛନ୍ତି।

ସୂଚନାଯୋଗ୍ୟ, ଗତ ବିଜେଡି ସରକାର ସମୟରେ ରାଜ୍ୟରେ ସରକାର ନିଜସ୍ୱ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଥିଲେ। କେନ୍ଦ୍ର ସରକାରଙ୍କ ବାରମ୍ବାର ଦାବି ସତ୍ତ୍ୱେ ତତ୍କାଳୀନ ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନା ଲାଗୁକରି ନ ଥିଲେ। ହେଲେ ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟରେ ପ୍ରଥମ ଥର ଭାଜପା ସରକାର ଆସିବା ପରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବା ନେଇ ଘୋଷଣା ସରିଛି। ରାଜ୍ୟରେ ଏବେ ଦୁଇଟି ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଏବଂ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବ। ହେଲେ କେଉଁ ଯୋଜନାରେ କେତେ ହିତାଧିକାରୀ ରହିବେ ସେନେଇ ସରକାର ତର୍ଜମା ଚଳାଇଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଛାତ୍ରୀଙ୍କ ଅଭିନବ ପ୍ରତିବାଦ

**ଜିଲାପାଳଙ୍କୁ ଅଭିଯୋଗ ପାଇଁ ୧୪କି.ମି. ଚାଲିଲେ**



ଭବାନୀପାଟଣା/ଥୁଆମୂଳ ରାମପୁର,୧।୧୦ (ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କିଆପଦର କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀଙ୍କ ଅଭିନବ ପ୍ରତିବାଦ ଦେଖିବାକୁ ମିଳିଛି। ହଷ୍ଟେଲ ଅବ୍ୟବସ୍ଥା ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ଜଙ୍ଗଲିଆ ରାସ୍ତାରେ ଶହେରୁ ଊର୍ଦ୍ଧ୍ୱ ଆଦିବାସୀ ଛାତ୍ରୀ ଚାଲି ଚାଲି ଜିଲାପାଳଙ୍କୁ ଭେଟିବା ପାଇଁ ଭବାନୀପାଟଣା ଆସୁଥିଲେ। ବାଟରେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର ସେମାନଙ୍କୁ ଅଟକାଇ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। କେତେଜଣ ଛାତ୍ରୀ ଚାଲିବା ଦ୍ୱାରା ଅସୁସ୍ଥ ମଧ୍ୟ ହୋଇପଡିଥିଲେ। ସ୍କୁଲଠାରୁ ଛାତ୍ରୀମାନେ ଚାଲି ଚାଲି ୧୪କି.ମି. ଦୂର ଶଗଡ଼ାଠାରେ ପହଞ୍ଚିବା ପରେ ସେଠାରୁ ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଏକ ବସ୍ ବ୍ୟବସ୍ଥା କରାଯାଇ ଭବାନୀପାଟଣା ଅଣାଯାଇଥିଲା। ସେଠାରେ ଛାତ୍ରୀମାନେ ଜିଲା ଶିକ୍ଷାଧିକାରୀ ଚୋପଦାରଙ୍କ ଉପସ୍ଥିତିରେ ଜିଲାପାଳଙ୍କୁ ସାକ୍ଷାତ କରି ନିଜ ଅଭିଯୋଗ ଜଣାଇଥିଲେ। ଏହାପରେ ଜିଲାପାଳ ପାୱାର ସଚିନ ପ୍ରକାଶ ସେମାନଙ୍କ ଅଭିଯୋଗ ଶୁଣି ଆଶ୍ୱାସନା ଦେଇଥିଲେ। ପିଲାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ସେ ବୁଧବାର ସ୍କୁଲ ପରିଦର୍ଶନ କରିବାକୁ ଯିବେ। ଏହି ସମୟରେ ସ୍କୁଲ ଓ ହଷ୍ଟେଲ ତଦାରଖ କରିବେ। ସେହିପରି ଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକଙ୍କ ନାଁରେ କରିଥିବା ଅଭିଯୋଗର ତଦନ୍ତ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ ସ୍ତରରେ ଏକ ଟିମ୍ ଗଠନ କରାଯାଇଛି। ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ପ୍ରତାପଙ୍କୁ କ୍ଲିନ୍‌ଚିଟ୍ ...

ପ୍ରମାଣ ନ ଥିବା ସତ୍ତ୍ୱେ ତାଙ୍କୁ ଜଣେ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ୨ଟି ପର୍ଯ୍ୟାୟ ତଦନ୍ତ ପରେ ଜେଏମ୍ଏଫ୍‌ସି କୋର୍ଟ ପ୍ରତାପଙ୍କ ବିରୋଧରେ କଗ୍ନିଜେନ୍ସ ନେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ପ୍ରତାପ ୨୦୨୩ ଅକ୍ଟୋବର ୩୧ରେ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ଅତିରିକ୍ତ ଅଭିଯୁକ୍ତ ଭାବେ ଯୋଡ଼ିବାର କୌଣସି ଯଥାର୍ଥତା ନ ଥିଲା ବୋଲି ଅଦାଲତ ମତ ଦେଇଛନ୍ତି। ଅପରପକ୍ଷେ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଏବେବି ଫେରାର ଅଛନ୍ତି। ଏହି ମାମଲାରେ ପୂର୍ବରୁ ସାଲେପୁର ଅତିରିକ୍ତ ଦୌରାଜଜ୍ ୯ ଜଣଙ୍କୁ ଆଜୀବନ ଦଣ୍ଡାଦେଶ ଶୁଣାଇଥିବା ବେଳେ ଜଣକୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏ ସମ୍ପର୍କରେ ପ୍ରତାପ ଜେନା ପ୍ରତିକ୍ରିୟାରେ କହିଛନ୍ତି, ଜଗନ୍ନାଥଙ୍କ ଦରବାରରେ ଅସତ୍ୟ ଅଧିକ ଦିନ ତିଷ୍ଠି ରହେନାହିଁ। ସତ୍ୟର ଜୟ ହୋଇଛି। ମିଥ୍ୟା ଆରୋପକାରୀଙ୍କ ବିଚାର ଜଗନ୍ନାଥ କରିବେ। ହାଇକୋର୍ଟରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବୀପ୍ରସନ୍ନ ଧଳ, ଆଇନଜୀବୀ ପ୍ରସେନ୍‌ଜିତ ମହାନ୍ତି, ଅଧିରାଜ ମହାନ୍ତି ଓ ଅଂଶୁମାନ ରାୟ ମାମଲା ପରିଚାଳନା କରୁଥିଲେ।

ପ୍ରକାଶ ଯେ, କଟକ ଜିଲା ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ପଞ୍ଚାୟତ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ୨୦୨୧ ଜାନୁଆରୀ ୨ରେ ଜଅଁକୋଠି ନିକଟରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ କୁଳମଣିଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ଦିବ୍ୟସିଂହଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ତତ୍କାଳୀନ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ମାହାଙ୍ଗା ଥାନାରେ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ମାମଲା (ନଂ.୪/୨୧) ରୁଜୁ କରାଯାଇଥିଲା। ପରେ ପୋଲିସ ପ୍ରତାପଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟିଥିଲା। ଏହାକୁ ବିରୋଧ କରି ରମାକାନ୍ତ ସାଲେପୁର ଜେଏମ୍ଏଫ୍‌ସି କୋର୍ଟରେ ନଂ.୨୧୭/୨୧ରେ ଏକ ପ୍ରୋଟେଷ୍ଟ ପିଟିଶନ ଦାୟର କରିଥିଲେ। ସାକ୍ଷ୍ୟ ପ୍ରମାଣ ଓ ମାମଲାର ପାରିପାର୍ଶ୍ୱିକ ଅବସ୍ଥାକୁ ଆଖି ଆଗରେ ରଖି ସାଲେପୁର ଜେଏମ୍ଏଫ୍‌ସି କୋର୍ଟ ୨୦୨୩ ସେପ୍ଟେମ୍ବର ୨୫ରେ ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ନାମରେ ଆଇପିସି ଦଫା ୩୦୨/୫୦୬/୧୦୨(ବି) ଦଫାରେ ମାମଲା ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକୁ ବିରୋଧକରି ପ୍ରତାପ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

DADLS-36



ଓଡ଼ିଶା ସରକାର

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨ ଅକ୍ଟୋବର, ୨୦୨୪

ସକାଳ ଘ.୮.୪୦ମି.– ପ୍ରାର୍ଥନା ସଭା | ଓଡ଼ିଶା ବିଧାନସଭା ପ୍ରାଙ୍ଗଣ

ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ତା.୨.୧୦.୨୦୨୪ରିଖ ସକାଳ ଘ.୮.୪୦ମି. ସମୟରେ ବିଧାନସଭା ପ୍ରାଙ୍ଗଣସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ ।

ଏହି ପ୍ରାର୍ଥନା ସଭାରେ
ଶ୍ରୀଯୁକ୍ତ ରଘୁବର ଦାସ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ଭବାନୀ ଶଙ୍କର ଭୋଇ, ମାନ୍ୟବର ଉପବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ମୁକେଶ ମହାଲିଙ୍ଗ, ମାନ୍ୟବର ମନ୍ତ୍ରୀ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି
ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ମାନ୍ୟବର ମନ୍ତ୍ରୀଗଣ, ସାଂସଦ ଓ ବିଧାୟକବୃନ୍ଦ ଯୋଗଦେବେ ।

ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଆଶ୍ରମ ଭଜନ ଓ ରାମଧୂନ୍ ପରିବେଷଣ

ପୂର୍ବାହ୍ନ ୯ ଘଟିକା – ଗାନ୍ଧୀ ସ୍ମୃତିପୀଠ, ତେଲେଙ୍ଗାପେଣ୍ଠ, କଟକ
ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ
ମୁଖ୍ୟ ଅତିଥି– ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଅପରାହ୍ନ ଘ.୫.୪୫ ମିନିଟ୍ | ଜୟଦେବ ଭବନ, ଭୁବନେଶ୍ୱର
'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ
ମାନ୍ୟବର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ

ସନ୍ଧ୍ୟା ୬ ଘଟିକା
'ଗାନ୍ଧୀ ଦର୍ଶନ' ସମ୍ପର୍କିତ ଆଲୋଚନା ଚକ୍ର, ଗାନ୍ଧୀ ଭଜନ ପରିବେଷଣ
ମୁଖ୍ୟ ଅତିଥି– ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ, ଓଡ଼ିଶା
ସମ୍ମାନନୀୟ ଅତିଥି–ଶ୍ରୀଯୁକ୍ତ ବାବୁ ସିଂହ, ମାନ୍ୟବର ବିଧାୟକ, ଏକାମ୍ର, ଭୁବନେଶ୍ୱର
ସଭାପତି – ଶ୍ରୀଯୁକ୍ତ ସଂଜୟ କୁମାର ସିଂହ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ମୁଖ୍ୟବକ୍ତା– ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ପରିଡ଼ା, ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ଲେଖକ
ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଗାନ୍ଧୀ ଭଜନ ପରିବେଷଣ ।

ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ନିବେଦନ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0224/2425

# ସେପ୍ଟେମ୍ବରରେ ୧.୭୩ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

■ ବାର୍ଷିକ ତୁଳନାରେ ୬.୫% ଅଧିକ ଆଦାୟ
■ ୪୦ମାସର ସର୍ବନିମ୍ନ କଲେକ୍ସନ




**ନୂଆଦିଲ୍ଲୀ,୧।୧୦**

ଚଳିତ ଆର୍ଥିକ ବର୍ଷର ୬ଷ୍ଠ ମାସରେ ମଧ୍ୟ ରେକର୍ଡ ପରିମାଣରେ ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ ହୋଇଛି ବୋଲି ମଙ୍ଗଳବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୬ଷ୍ଠ ମାସ (୨୦୨୪ ସେପ୍ଟେମ୍ବର)ରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୭୩,୨୪୦ କୋଟି ଲକ୍ଷ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ଆଦାୟ କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ପ୍ରାୟ ୧.୬୩ ଲକ୍ଷ କୋଟି ଟଙ୍କା ଟିକସ ଆଦାୟ ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ସେପ୍ଟେମ୍ବରରେ ସଂଗୃହୀତ ଟିକସ ପରିମାଣଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ୬ଷ୍ଠ ମାସର ଟିକସ ପରିମାଣ ପ୍ରାୟ ୬.୫% ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଟିକସ ପରିମାଣ ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର କଲେକ୍ସନ ପରିମାଣ ପ୍ରାୟ ୪୦ ମାସର ସର୍ବନିମ୍ନ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ଓଡ଼ିଶାରୁ ମଧ୍ୟ ଚଳିତ ଆର୍ଥିକ ବର୍ଷର ୬ଷ୍ଠ ମାସରେ ୪୮୭୧କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ସମାନ ମାସରେ ଟିକସ ପରିମାଣ ୪୪୦୮କୋଟି ଟଙ୍କା ଥିଲା। ଚଳିତ ଆର୍ଥିକ ବର୍ଷର ୬ଷ୍ଠ ମାସର ଅବଧି ମଧ୍ୟରେ ପ୍ରାୟ ୧୧% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୧।୧୦**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୩(୩୩.୪୯) ପଏଣ୍ଟ କମି ୮୪,୨୬୬ (୮୪,୨୬୬.୨୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୪ (୧୩.୯୫) ପଏଣ୍ଟ ହ୍ରାସ ଘଟି ୨୫,୭୯୭ (୨୫,୭୯୬.୯୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ବଢ଼ିଲା କମର୍ସିଆଲ ଗ୍ୟାସ୍ ଦର

**ନୂଆଦିଲ୍ଲୀ,୧।୧୦**



କ୍ରମାଗତ ତୃତୀୟ ମାସ ଲାଗି କମର୍ସିଆଲ ଗ୍ୟାସ୍ (୧୯କେ.ଜି)ର ଦର ବୃଦ୍ଧି ଘଟିଥିବାବେଳେ ଘରୋଇ ଗ୍ୟାସ୍(୧୪.୨କିଗ୍ରା)ର ଦର ପୂର୍ବପରି ସ୍ଥିର ରହିଛି। ଏପରିକି ୨୦୨୪ ଅକ୍ଟୋବର ପହିଲାରୁ ଭୁବନେଶ୍ୱରର କମର୍ସିଆଲ ଗ୍ୟାସ୍ (୧୯କେ.ଜି) ଦର ୪୮ ଟଙ୍କା ବଢ଼ିଥିଲାବେଳେ ନୂଆଦିଲ୍ଲୀରେ ୧୯ କେ.ଜିର ସମାନ ଗ୍ୟାସ୍ ଦର ୪୮.୫୦ ଟଙ୍କା ବୃଦ୍ଧି ପାଇଛି। ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂତନ ଦରଗୁଡ଼ା (ନୂଆ ଦର) ମଙ୍ଗଳବାରଠାରୁ ଲାଗୁହୋଇଛି। ଏହି ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି) ଦର ୪୮ଟଙ୍କା ବଢ଼ି ୧୮୮୯ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ସେପ୍ଟେମ୍ବର) କମର୍ସିଆଲ ଗ୍ୟାସ୍ (୧୯କେ.ଜି) ଦର ୧୮୪୧ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨ କେ.ଜି) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି। ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି) ଦର ୪୮.୫୦ ଟଙ୍କା ବୃଦ୍ଧି ପାଇ ୧୭୪୦ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨କି.ଗ୍ରା.) ଦର୮୦୩ଟଙ୍କାରେ ରହିଛି। ସେହିପରି କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ଦେଶର ପ୍ରମୁଖ ମହାନଗରରେ କମର୍ସିଆଲ ଗ୍ୟାସ୍ (୧୯କେଜି) ଦର ଯଥାକ୍ରମେ ୧୮୫୦.୫୦ଟଙ୍କା, ୧୬୯୨.୫୦ ଟଙ୍କା ଏବଂ ୧୯୦୩ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡ଼ିକରେ ଘରୋଇ ଗ୍ୟାସ୍ ଦର ଯଥାକ୍ରମେ ୮୨୯ ଟଙ୍କା, ୮୦୨.୫୦ ଟଙ୍କା ଏବଂ ୮୧୮.୫୦ ଟଙ୍କାରେ କାରବାର ହେଉଛି। ବିମାନ ଇନ୍ଧନ ଦର ପ୍ରତି କିଲୋଲିଟର ପିଛା ନୂଆଦିଲ୍ଲୀରେ ୮୭,୫୯୭.୨୨ଟଙ୍କା ଥିଲାବେଳେ କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ମହାନଗରରେ ବିମାନ ଇନ୍ଧନ ଦର ପ୍ରତି କିଲୋଲିଟର ପିଛା ଯଥାକ୍ରମେ ୯୦,୬୭୦.୮୦ ଟଙ୍କା, ୮୧,୮୬୬.୧୩ ଟଙ୍କା ଏବଂ ୯୦,୬୯୪.୪୩ ଟଙ୍କାରେ କାରବାର ହେଉଛି।

# ଜାର୍ ସହ ଫୋନ୍‌ପେ'ର ସହଭାଗିତା

**ନୂଆଦିଲ୍ଲୀ,୧।୧୦**

ଦେଶର ପ୍ରମୁଖ ଘରୋଇ ସଂସ୍ଥା 'ଜାର୍' ଏବଂ ଫୋନ୍‌ପେ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଫୋନ୍‌ପେ ତା'ର ଡିଜିଟାଲ ପ୍ଲାଟ୍‌ଫର୍ମରେ ନୂତନ ଉତ୍ପାଦ ଅଫର 'ଡେଲି ସେଭିଂସ୍'ର ଶୁଭାରମ୍ଭ କରିବା ଲାଗି ଜାର୍ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହାଦ୍ୱାରା ଉପଭୋକ୍ତାମାନେ ବର୍ଦ୍ଧିତ ଦୈନିକ ଅବଦାନ ମାଧ୍ୟମରେ ୨୪କ୍ୟାରେଟ ଡିଜିଟାଲ ସୁନାରେ ଟଙ୍କା ସଞ୍ଚୟ କରିପାରିବେ। ଏପରିକି ଦୈନିକ ସଞ୍ଚୟ ମାଧ୍ୟମରେ ଉପଭୋକ୍ତାମାନେ ଦୈନିକ ୧୦ ଟଙ୍କା ପର୍ଯ୍ୟନ୍ତ ଡିଜିଟାଲ ସୁନାରେ ଦିନକୁ ସର୍ବାଧିକ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିପାରିବେ,ଯାହା ବ୍ୟକ୍ତିବିଶେଷଙ୍କୁ ଏକ ନିରନ୍ତର ସଞ୍ଚୟ ଅଭ୍ୟାସ ସୃଷ୍ଟି କରିବାକୁ ସଶକ୍ତ କରିପାରିବ। ଏହି ପ୍ରଡକ୍ଟ ଜାର୍‌ର ଇଣ୍ଟିଗ୍ରେଟେଡ୍ ଗୋଲ୍ଡ ଟେକ୍ ସଲ୍ୟୁସନ ଦ୍ୱାରା ପରିଚାଳିତ ହେଉଛି, ଯାହା ଡିଜିଟାଲ ସୁନା ନିବେଶ ପ୍ରକ୍ରିୟାକୁ ମାତ୍ର ୪୫ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ସୁବ୍ୟବସ୍ଥିତ କରିଥାଏ। ସେହିଭଳି ପ୍ରାରମ୍ଭରେ ଏହାର ଇକୋସିଷ୍ଟମ୍ ଭିତରେ ଉପଭୋକ୍ତାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଉପଲବ୍ଧ ଥିବା ଜାର୍ ଗୋଲ୍ଡଟେକ୍‌ଷ୍ଟେକ୍‌ବର୍ତ୍ତମାନ ସହଭାଗୀ ବ୍ୟବସାୟୀଙ୍କ ପାଇଁ ଉପଲବ୍ଧ ହୋଇଛି, ଯେଉଁମାନେ ସେମାନଙ୍କ ଉପଭୋକ୍ତାଙ୍କୁ ଡିଜିଟାଲ ସୁନାରେ ସଞ୍ଚୟ କରିବାର କ୍ଷମତା ପ୍ରଦାନ କରିପାରିବେ। ସେହିପରି ଫୋନ୍‌ପେ ବର୍ତ୍ତମାନର ଦେୟ ଇକୋସିଷ୍ଟମ ସହ ଜାର୍‌ର ଏକୀକରଣ ସହଜ ପାଣ୍ଠି ସ୍ଥାନାନ୍ତର ଏବଂ ଦେୟ ସୁନିଶ୍ଚିତ କରୁଛି।

ଏ ସମ୍ପର୍କରେ ଉପଭୋକ୍ତା ପେମେଣ୍ଟର ଇନ୍‌ଆପ୍ ବର୍ଗର ମୁଖ୍ୟ ନିହାରିକା ସୈଗଲ କହିଛନ୍ତି, ବିଗତ କିଛି ବର୍ଷ ମଧ୍ୟରେ ଆମେ ଆମ ପ୍ଲାଟ୍‌ଫର୍ମରେ ଡିଜିଟାଲ ଗୋଲ୍ଡକୁ ଗ୍ରହଣ କରିବାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିଛୁ। ଏପରିକି ୨୪ କ୍ୟାରେଟ ଡିଜିଟାଲ ଗୋଲ୍ଡ ମାଧ୍ୟମରେ ଦୈନନ୍ଦିନ ସଞ୍ଚୟକୁ ସୁଗମ କରିବା ପାଇଁ ଡିଜାଇନ କରାଯାଇଥିବା ଏକ ଉତ୍ପାଦ ଡେଲି ସେଭିଂସ୍ ପ୍ରଚଳନ କରି ଆମେ ବେଶ୍ ଉତ୍ସାହିତ ଅଛୁ।

ସେହିଭଳି ଜାର୍‌ର ପ୍ରତିଷ୍ଠାତା ତଥା ସିଇଓ ନିଶ୍ଚୟ ଏଜି କହିଛନ୍ତି, ଆମେ ଆମର ସାମର୍ଥ୍ୟକୁ ନିଜ ପ୍ଲାଟ୍‌ଫର୍ମ ବାହାରେ ବିସ୍ତାର କରିବା ଏବଂ ସୁନା ସଞ୍ଚୟ ଉପରେ ୩୬୦ ଡିଗ୍ରୀ ସେବା ପ୍ରଦାନ କରିବାକୁ ଉତ୍ସାହିତ ଏବଂ ଉପଭୋକ୍ତାମାନେ ଆମର ଇନ୍-ହାଉସ୍ ବ୍ରାଣ୍ଡ୍ ନେକ୍ ମାଧ୍ୟମରେ ସେମାନଙ୍କ ସଞ୍ଚୟକୁ ଅଳଙ୍କାରରେ ପରିଣତ କରିବାକୁ ସକ୍ଷମ କରୁଛୁ।

## ସୁଲଭ ମୂଲ୍ୟରେ ଆକର୍ଷଣୀୟ ଉତ୍ପାଦ

**ନୂଆଦିଲ୍ଲୀ,୧।୧୦**

ମେଶୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ଉତ୍ପାଦ 'ମିଶୋ ଗୋଲ୍ଡ'କୁ ନିକଟରେ ଶୁଭାରମ୍ଭ କରାଯାଇଥିଲାବେଳେ ଗ୍ରାହକଙ୍କ ଅଭିଜ୍ଞତା ବଢ଼ାଇବା ପାଇଁ ମେଶୋ ବିକ୍ରେତାମାନଙ୍କୁ ଉତ୍ସର୍ଗୀକୃତ ସହାୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ସୁନା ଟ୍ୟାଗ୍ ନିର୍ଭରଯୋଗ୍ୟତା ଏବଂ ଗୁଣର ଏକ ପ୍ରମାଣ ହୋଇଥିଲାବେଳେ ସୁଲଭ ପ୍ରିମିୟମ ସେଗ୍‌ମେଣ୍ଟରେ ବିକ୍ରେତାଙ୍କୁ ସହାୟତା କରିବାକୁ ମିଶୋ ପ୍ରତିବଦ୍ଧ ରହିଛି। ବିକ୍ରେତାମାନଙ୍କୁ ସେମାନଙ୍କର ଗୁଣାତ୍ମକ ଉତ୍ପାଦ ଉପସ୍ଥାପନ କରିବାକୁ ଏହା ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିଥାଏ। ଗତ କିଛି ବର୍ଷ ମଧ୍ୟରେ ବିକ୍ରେତାମାନେ ସୁଲଭ ମୂଲ୍ୟରେ ଆକର୍ଷଣୀୟ ଉତ୍ପାଦ ଏହି ପ୍ଲାଟ୍‌ଫର୍ମରେ ପ୍ରଦାନ କରୁଛନ୍ତି ଏବଂ ଗୁଣବତ୍ତା ପ୍ରତି ୧୦୦% ପ୍ରତିବଦ୍ଧତା ଅତୁଳନୀୟ ସଫଳତା ହାସଲ କରିଛନ୍ତି।

# ଚାନ୍ଦି ଭଣ୍ଡାରର ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍

**ବାରିପଦା,୧।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**




ରାଜ୍ୟର ଅଗ୍ରଣୀ ସିଲଭର ଚେନ୍ ଚାନ୍ଦି ଭଣ୍ଡାରର ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍ ମଙ୍ଗଳବାର ମୟୂରଭଞ୍ଜ ଜିଲା ବାରିପଦା ଟାଉନ କଲେଜ ରୋଡ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଚାନ୍ଦି ଭଣ୍ଡାରର ବ୍ରାଣ୍ଡ ଆମ୍ବାସାଡର ଶିବାନୀ ସଙ୍ଗୀତା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଓଡ଼ିଶାର ଏହି ୧୭ତମ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭ ଉଦ୍‌ଘାଟନ କରିଛନ୍ତି। ଦୁର୍ଗା ପୂଜାକୁ ଆନନ୍ଦ ଓ ଉଲ୍ଲାସରେ ପାଳନ କରିବା ପାଇଁ ଷ୍ଟୋର ପକ୍ଷରୁ ଗଢ଼ା ମଜୁରୀ ଉପରେ ୩୦ ପ୍ରତିଶତ ରିହାତି ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରଟି ଅକ୍ଟୋବର ୧ରୁ ୧୨ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଛନ୍ତି। ଏହି ଭଣ୍ଡାରରେ ଆର୍ଯ୍ୟ କଲେକ୍ସନରେ ଅକ୍ସିଡାଇଜ୍ ଗହଣାର ବ୍ୟାପକ ରେଞ୍ଜ ରଖାଯାଇଛି। ୯୨.୫ ପ୍ରତିଶତ ଷ୍ଟର୍ଲିଂ ସିଲଭରରେ ଅତି ସୂକ୍ଷ୍ମ ଭାବେ ପ୍ରସ୍ତୁତ ଏହି ଗହଣାରେ ଅତ୍ୟନ୍ତ ଚମତ୍କାର କଲର ଷ୍ଟୋନ ବ୍ୟବହାର କରାଯାଇଛି। ଉଭୟ ଉତ୍ସବ ଏବଂ ନିତିଦିନିଆ ବ୍ୟବହାର ପାଇଁ ଏହି ଗହଣାଗୁଡ଼ିକ ଉପଯୁକ୍ତ। ଏହି କାଳଜୟୀ ଗହଣା ପିସ୍‌ଗୁଡ଼ିକ ଯେକୌଣସି ପୂଜା ସେଲିବ୍ରେଶନରେ ଲାବଣ୍ୟ ଏବଂ ଆଧୁନିକତା ଯୋଡ଼ିବ ବୋଲି କହିଛନ୍ତି। ସେହିପରି ପୁରୁଷଙ୍କ ପାଇଁ ଆମୋଘ କଲେକ୍ସନରେ ଜିରକନ୍ ଷ୍ଟୋନ ସହିତ ଷ୍ଟାଇଲିସ ଲୁକ୍‌ର ଗହଣା ସମ୍ଭାର ରହିଛି। ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ ରୁପା ଉତ୍ପାଦ ଯୋଗାଇବା, ଜରବନକାଳ ମାଗଣା କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେଶନ, କ୍ରୟ ପୂର୍ବରୁ ପରଖିବା, ଭ୍ୟାଲ୍ୟୁ ଫର୍ ମନି ଏବଂ ହଲ୍ ମାର୍କ ଯୁକ୍ତ ଓ କ୍ୱାଲିଟି ଚାନ୍ଦି ଭଣ୍ଡାର ଭାବେ ପ୍ରତିଶ୍ରୁତିବଦ୍ଧ ବୋଲି ଚାନ୍ଦି ଭଣ୍ଡାର ମାଲିକ ମାନିକ ହଂସ ପ୍ରକାଶ କରିଛନ୍ତି।

# ଜେଏସ୍‌ପିକୁ ସିଏସ୍‌ଆର୍ ଜର୍ନାଲ ଏକ୍ସଲେନ୍ସ ଆୱାର୍ଡ

**ଭୁବନେଶ୍ୱର,୧।୧୦(ଅଭୟ ଦାଶ)**

ଜିନ୍ଦଲ ଷ୍ଟିଲ୍‌ଆଣ୍ଡପାୱାର(ଜେଏସ୍‌ପି)କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ 'ସିଏସ୍‌ଆର୍ ଜର୍ନାଲ ଏକ୍ସଲେନ୍ସ ଆୱାର୍ଡ' ପ୍ରଦାନ କରାଯାଇଛି। ଏପରିକି କ୍ରୀଡ଼ାର ବିକାଶ ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜେଏସ୍‌ପିକୁ ସିଏସ୍‌ଆର୍ ଜର୍ନାଲ ଏକ୍ସଲେନ୍ସ ଆୱାର୍ଡ-୨୦୨୪ ଦିଆଯାଇଛି।



ମୁମ୍ବାଇଠାରେ ସମ୍ମାନ ସମାରୋହ ଉତ୍ସବରେ ଯୋଗଦେଇ ଜେଏସ୍‌ପିର ଜିଏମ୍ (ସିଏସ୍‌ଆର୍) ଭର୍ଜିଲ ଲାକ୍ରା ଅତିଥିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ମୁମ୍ବାଇଠାରେ ଆୟୋଜିତ ଦି ସିଏସ୍‌ଆର୍ ଜର୍ନାଲର ୭ମ ସମ୍ମାନ ସମାରୋହ ଉତ୍ସବରେ ଜେଏସ୍‌ପିକୁ ଉକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲାବେଳେ ରାଜ୍ୟ ସଭା ସଦସ୍ୟ ତଥା ଭାରତୀୟ ଅଲିମ୍ପିକ ସଂଘର ସଭାପତି ପି.ଟି.ଉଷା,ମହାରାଷ୍ଟ୍ରର ମହିଳା ଓ ଶିଶୁ ବିକାଶ (କଲ୍ୟାଣ) ମନ୍ତ୍ରୀ ଅଦିତି ଟଟକରେ ଏବଂ ଦି ସିଏସ୍‌ଆର୍ ଜର୍ନାଲର ଏଡିଟର ଇନ୍ ଚିଫ୍ ଅମିତ ଉପାଧ୍ୟାୟଙ୍କ ସମେତ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

ଏ ସମ୍ପର୍କରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଥିଲେ, ଆମେ ଲଗାତର ୨ୟ ଥର ପାଇଁ ଏହି ପୁରସ୍କାର ଜିତି ଗୌରବାନ୍ୱିତ ଅନୁଭବ କରୁଛୁ। ଏପରିକି ଆମକୁ ଏହି ପୁରସ୍କାର ମିଳିବା କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଓ କ୍ରୀଡ଼ାକୁ ସଶକ୍ତୀକରଣର ଏକ ମାଧ୍ୟମ ଭାବେ ପ୍ରୟୋଗ କରିବା କ୍ଷେତ୍ରରେ ଆମର ପ୍ରତିଶ୍ରୁତିବଦ୍ଧତାକୁ ମଜଭୁତ କରିଛି। ଆମେ ମିଳିତ ଭାବେ ସମାଜରେ ଏକ ପ୍ରଭାବଶାଳୀ ରୂପାନ୍ତରଣ ପାଇଁ ଉଦ୍ୟମ ଜାରି ରଖିବୁ। ସେହିଭଳି ଜେଏସ୍‌ପିର ସାମାଜିକ ସଙ୍ଗଠନ ଜିନ୍ଦଲ ଫାଉଣ୍ଡେଶନ ଜରିଆରେ ତୃଣମୂଳସ୍ତରରୁ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ସହ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ କମ୍ପାନୀର ନିରନ୍ତର ଉଦ୍ୟମକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଛି।


### DEPARTMENT OF P.R & D.W

No.i-209:

**INVITATION FOR BIDS (IFB)**
**IDENTIFICATION No: - KANB- 03 / 2024-25**
**E-mail address: - ori-kanhia@nic.in**

**1.The Block Development Officer, Kaniha** on behalf of the Governor of Orissa invites **Percentage rate civil bid** in single cover system for the works as detailed in the table, from the class of eligible contractors as mentioned in Col.4(four), registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of Building **(Civil Work).The proof of registration from the** appropriate authority shall be enclosed along with the bid. If successful the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No. | Name of works | Approx. Value of work. (Rs. in lakhs) | Class of Contractor | Bid Security (Rs.) | Cost of documents (Non-refundable) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Construction of GPLF Building at Kuluma | 22.87 | 'B' or 'C' | 23000 | 10000.00 | Six Calendar Months |
| 02 | Construction of GPLF Building at Talapada | 22.87 | 'B' or 'C' | 23000 | 10000.00 | Six Calendar Months |
| 03 | Construction of GPLF Building at Hariharpur | 22.87 | 'B' or 'C' | 23000 | 10000.00 | Six Calendar Months |
| 04 | Construction of GPLF Building at Arkil | 22.87 | 'B' or 'C' | 23000 | 10000.00 | Six Calendar Months |
| 05 | Construction of GPLF Building at Parabil | 22.87 | 'B' or 'C' | 23000 | 10000.00 | Six Calendar Months |

The detailed advertisement is available in District Web Portal www.angul.odisha.gov.in.

**Sd./- Block Development Officer, Kaniha**

### DEPARTMENT OF P.R & D.W

**INVITATION FOR BIDS (IFB)**
**IDENTIFICATION No: - KANB- 04 / 2024-25**
**E-mail address: - ori-kanhia@nic.in**

**1.The Block Development Officer, Kaniha** on behalf of the Governor of Orissa invites **Percentage rate civil bid** in single cover system for the works as detailed in the table, from the class of eligible contractors as mentioned in Col.4(four), registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of Building **(Civil Work).The proof of registration from the** appropriate authority shall be enclosed along with the bid. If successful the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No. | Name of works | Approx. Value of work. (Rs. in lakhs) | Class of Contractor | Bid Security (Rs.) | Cost of documents (Non-refundable) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Construction of Additional Class Room Secondary School at Badagunduri UPS | 12.68 | 'C' or 'D' | 13000 | 10000.00 | Six Calendar Months |
| 02 | Construction of Additional Class Room Secondary School at Gaham UPS | 12.68 | 'C' or 'D' | 13000 | 10000.00 | Six Calendar Months |

The detailed advertisement is available in District Web Portal www.angul.odisha.gov.in.

**OIPR-19318/11/0001/2425** **Sd./- Block Development Officer, Kaniha**



No.CAD-1227

### NOTICE INVITING TENDER

**Office of Chief CSO / CSO-cum-District Manager**
**State Civil Supplies Corporation Ltd., Odisha**
**District - Subarnapur**
**Tender No. : 1542 Dated : 27.09.2024**
**Cost of Tender Document is Rs.1000/- inclusive of GST for each CLUSTER (through online mode)**

Online tenders are invited from eligible bidders for selection and appoitment of transport contractors for transporation of **(i)** Paddy from Paddy Purchase Centers (PPCs) / Mandis to Rice Mill points (within or outside district) & **(ii)** Custom Milled Rice (CMR) from Rice Mill points to Rice Receiving Centers (RRCs)/Depots (within or outside district) for **Birmaharajpur Sub-Division**.

| | | |
|---|---|---|
| 1 | Availability of tender documents | From Date **01.10.2024** Downloadable from website : www.gem.gov.in, https://subarnapur.odisha.gov.in |
| 2 | Date, time and venue for pre-bid Conference | On dt. **03.10.2024 at 11.00 A.M.** in the Conference hall of Collectorate, Subarnapur |
| 3 | Last date and time for **online** submission of complete Tender Documents with enclosures | Through gem Portal : www.gem.gov.in up to **11.00 A.M. of dt. 17.10.2024** |
| 4 | Date, time and venue for opening of Technical Bid by the Tender Committee | On dt. **17.10.2024** at Conference hall of Collectorate, Subarnapur at **11.30 A.M.** |
| 5 | Date, time and venue of submission of original documents in support of scanned Copies uploaded in the portal for verification | On dt. **18.10.2024 At 11.30 A.M.** onwards At Conference hall of Collectorate, Subarnapur |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Language of the tender | The tender should be prepared by the bidder in English language only |

**N.B :**
1. If the Office happens to be closed on the date of opening of tenders, tenders will be opened on the next working day in the same time.

### NOTICE INVITING TENDER

**Office of Chief CSO / CSO-cum-District Manager**
**State Civil Supplies Corporation Ltd., Odisha**
**District - Subarnapur**
**Tender No. : 1541 Dated : 27.09.2024**
**Cost of Tender Document is Rs.1000/- inclusive of GST for each CLUSTER (through online mode)**

Online tenders are invited from eligible bidders for selection and appoitment of transport contractors for transporation of **(i)** Paddy from Paddy Purchase Centers (PPCs) / Mandis to Rice Mill points (within or outside district) & **(ii)** Custom Milled Rice (CMR) from Rice Mill points to Rice Receiving Centers (RRCs)/Depots (within or outside district) for **Sonepur Sub-Division.**

| | | |
|---|---|---|
| 1 | Availability of tender documents | From Date **01.10.2024** Downloadable from website : www.gem.gov.in, https://subarnapur.odisha.gov.in |
| 2 | Date, time and venue for pre-bid Conference | On dt. **03.10.2024 at 11.00 A.M.** in the Conference hall of Collectorate, Subarnapur |
| 3 | Last date and time for online submission of complete Tender Documents with enclosures | Through gem Portal : www.gem.gov.in up to **11.00 A.M. of dt. 17.10.2024** |
| 4 | Date, time and venue for opening of Technical Bid by the Tender Committee | On dt. **17.10.2024** at Conference hall of Collectorate, Subarnapur at **11.30 A.M.** |
| 5 | Date, time and venue of submission of original documents in support of scanned Copies uploaded in the portal for verification | On dt. **18.10.2024 At 11.30 A.M.** onwards At Conference hall of Collectorate, Subarnapur |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Language of the tender | The tender should be prepared by the bidder in English language only |

**N.B :**
1. If the Office happens to be closed on the date of opening of tenders, tenders will be opened on the next working day in the same time.

**By Order of Collector**
**Sd./- Chief CSO-cum-District Manager**
**OSCSC Ltd., Subarnapur**

**OIPR-07030/11/0002/2425**



### NOTIFIED AREA COUNCIL, PATNAGARH

**Ph.No.-06658-222247, e-mail:nac_ptg@yahoo.co.in**
**Website: www.nacpatnagarh.in**
**Letter No.1882/ Dated 26/09/2024**
**1st Corrigendum**
**Financial BID**

**No.C-689:**For Providing smooth sanitation services, the Tender committee has decided that each bidder must quote his rate not less than 3.85% and not more than 7% on T & P and Contractor Profit only, unless bid shall be rejected. Also, wrong computation in finance bid will be liable for rejection.
For reference Estimate is enclosed.

**Detail Estimate for Sweeping of Streets, Collection of garbage, cleaning of drains & lifting of garbage from Ward No.1 to 15 of Patnagarh NAC**

| | |
|---|---|
| Population as per 2011 census | 21024 |
| Current Population (Approx.) | 27000 |
| Total Nos. of labour required | (88) Nos. |
| Length of drain | 25 km |
| Length of Road | 38 km |
| No. of Households | 5528 |
| No. of commercial units, Govt. and Private institutions | |

| Sl. No. | Details | Required Labour | Rate | No. of Days | Cost (In Rs.) |
|---|---|---|---|---|---|
| 1 | Sweeping of Road (Lane/by-lane) as per requirement, bush cutting and shifting of dead animals, transportation of solid waste, (Un-skilled) | 80 | 450.00 | 1 | 36,000.00 |
| 2 | Labour (Semi-Skilled) Supervisor | 4 | 500.00 | 1 | 2,000.00 |
| | Labour (Skilled) Driver | 4 | 550.00 | 1 | 2,200.00 |
| 3 | TOTAL | 88 | | | 40,200.00 |
| 4 | EPF (13%) | | | | 5226 |
| 5 | ESI (3.25%) | | | | 1306.5 |
| 6 | Tools & Plants and Contractor profit (5%+5%= 10%) | | | | 4,020 |
| 7 | Vehicle (Tractor) with driver along with fuel 4 Nos. Tractor (Detained hour 8 hrs. & working hours 6 hours) @ 357.55 per hours | | | 1 | 8581.20 |
| 8 | GRAND TOTAL (Per Day) | | | 365 | **59,333.70** |
| 9 | Annual Cost | | | Days | **2,16,56,801.00** |

**Sd./- Executive Officer, NAC, Patnagarh**
**OIPR-13102/11/0005/2425**



### GOVERNMENT OF ODISHA
### OFFICE OF THE SUPERINTENDING ENGINEER
### RURAL WORKS DIVISION, CUTTACK

Mail I.D. - rw_cuttack@yahoo.co.in
Ph. No. : 0671-2440662/Fax No. : 0671-2440653

**Cancellation of Tender Call Notice No. Tender-Online-RWD Ctc-04/2024-25 dt.21.09.2024**

**No.O-332** : Due to unavoidable circumstances all 3 (three) works of the Tender Call Notice No. Tender-Online-RWD Ctc-04/2024-25 date. 21.09.2024 is here by cancelled.

**Sd./- Executive Engineer**
**Rural Works Division, Cuttack**

**OIPR-25053/11/0007/2425**



### ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
### ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

**No.PP-31:**ତା.୧୩.୦୮.୨୦୨୪ ରିଖ, ତା.୦୪.୦୯.୨୦୨୪ ରିଖ ଓ ତା.୧୩.୦୯.୨୦୨୪ ରିଖରେ ଦୈନିକ ସମାଜ, ସମ୍ବାଦ, ଧରିତ୍ରୀ ଓ ପ୍ରମେୟରେ ପ୍ରକାଶିତ ବିଜ୍ଞାପନ ଦ୍ୱାରା ହସ୍ତଶିଳ୍ପ କ୍ଷେତ୍ରରେ ବିଭିନ୍ନ ଯୋଜନା ପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ କରିବାର ଅନ୍ତିମ ତାରିଖ ୧୫ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ଏଣୁ ସମସ୍ତଙ୍କୁ ଅନୁରୋଧ, ସେମାନେ ଉପରୋକ୍ତ ବିଜ୍ଞାପନରେ ପ୍ରକାଶିତ ଯୋଜନା ଗୁଡିକରେ ସହାୟତା ପାଇଁ ଅନଲାଇନ୍ ମାଧ୍ୟମରେ https://crafts.odisha.gov.in କିମ୍ବା https://spdp.odisha.gov.in ୱେବ୍‌ସାଇଟ୍ ପରିଦର୍ଶନ କରି ତା.୧୫.୧୦.୨୦୨୪ରିଖ ସୁଦ୍ଧା ଆବେଦନ କରିପାରିବେ । ଉପରୋକ୍ତ ସମସ୍ତ ଯୋଜନାଗୁଡ଼ିକର ସବିଶେଷ ତଥ୍ୟ ପାଇଁ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ କରିଥିବା ଆବେଦନକାରୀମାନେ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ହସ୍ତଶିଳ୍ପ ବିକାଶ ଅଧିକାରୀ କିମ୍ବା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା-୧୮୦୦ ୩୪୫ ୭୮୫୦ରେ ଯୋଗାଯୋଗ କରିବାକୁ ଅନୁରୋଧ ।
ବି.ଦ୍ର.:ଚଳିତ ବର୍ଷ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ "ମୃତ୍ତିକା-୨୦୨୪" ନିମନ୍ତେ ଅନଲାଇନ୍ ମାଧ୍ୟମରେ ଆବେଦନ କରିବାର ଶେଷ ତାରିଖ ୫ ଅକ୍ଟୋବର ୨୦୨୪ ।

**OIPR-31042/11/0016/2425** **ସ୍ୱା./- ନିର୍ଦ୍ଦେଶିକା**



No.AA-09

ଓଡ଼ିଶା ସରକାର

### OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)

**POWER HOUSE SQUARE, UNIT-V, BHUBANESWAR**
**TEL. NO. 0674-2394873, FAX : 2391255/2391024**
Email : sdaorissa@nic.in/eic-epcei@nic.in

**Expression of Interest (EOI) for "Empanelment of firms for conducting Market Surveillance, Retailer Training Programme, Investment Bazar for Energy Efficiency, awareness programmes & workshops for diffierent IEC activities and field survey & analysis as part of the Energy Conservation & Energy Efficiency and other programmes of the office".**

Expression of Interest (EoI) is invited for the purpose of "Empanelment of firms for conducting Market Surveillance, Retailer Training Programme, Investment Bazart for Energy Efficiency, awareness programmes & workshops for different IEC activities and field survey & analysis as part of the Energy Conservation & Energy Efficiency and other programmes of the office". The last date of receipt of completed applications is 14.10.2024.
For further details and to download the EoI forms, please visit the website: eicelectricityodisha.nic.in.
The authority reserves the right to accept / reject any application without assigning any reasons thereof.

**Sd./- EIC (E)-cum-PCEI & SDA (Odisha)**
**OIPR-04066/11/0009/2425**

**"Conserve energy today ; secure it for tomorrow"**


See Career Appointment on every Wednesday & Saturday

# ସ୍କୁଲ ପରିସରରେ ସଭାଗୃହ ଦାବି



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆଠମଲ୍ଲିକ,୧।୧୦(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପରିଚାଳନା କମିଟି ତରଫରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତେଜସ୍ୱିନୀ ବେହେରାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ମୁଖ୍ୟତଃ ୯ଶହରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଉକ୍ତ ସ୍କୁଲରେ ହଜାରେ ସିଟ ବିଶିଷ୍ଟ ଏକ ସଭାଗୃହ ନିର୍ମାଣ, ଛାତ୍ରୀଛାତ୍ର ପ୍ରାର୍ଥନା କରୁଥିବା ସ୍ଥାନକୁ ଫେଭର ବ୍ଲକ ଲଗାଇବା ଓ ସ୍କୁଲ ପରିସରରେ ସିସିଟିଭି କ୍ୟାମେରା ଲଗାଇବାକୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ, ପରିଚାଳନା କମିଟି ସଭାପତି ସଦାନନ୍ଦ ଦନ୍ତା, ସଦସ୍ୟ ଉଦୀପ୍ତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ର ଗ୍ରହଣ କରି ସହିତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରକାଶ କରିଥିଲେ।

# ରକ୍ତଭଣ୍ଡାର ଟେକ୍ନିସିଆନଙ୍କ ଅକାଳ ବିୟୋଗ

ବଥରପାଳ,୧।୧୦ (ସୁବାସ ସାହୁ)



ପ୍ରଭାକର ପଣ୍ଡା

ଅନୁଗୋଳ ଜିଲା ନାଲ୍କୋ ଡାକ୍ତରଖାନା ରକ୍ତଭଣ୍ଡାରର ବରିଷ୍ଠ ଟେକ୍ନିସିଆନ ଯାଜପୁର ଜିଲା ଚଷାଖଣ୍ଡ ଗ୍ରାମର ପ୍ରଭାକର ପଣ୍ଡାଙ୍କ (୫୧) ଅକାଳ ବିୟୋଗ ଘଟିଛି। ସେ ଫୁସଫୁସ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ ହେଁ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ହେଲେ କିଛିଦିନ ପୂର୍ବରୁ ପୁନର୍ବାର ଅସୁସ୍ଥତା କାରଣରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସୋମବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସୁପ୍ରଭା ପଣ୍ଡା, ପୁଅ ସିପୁନ ପଣ୍ଡା, ଝିଅ ଓ ଭାଇ ଓୟୁଏଟି ଆସିଷ୍ଟାଣ୍ଟ ପ୍ରଫେସର ନିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଏହି ଖବର ଜଣାପଡ଼ିବା ପରେ ନାଲକୋନଗର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନାଲ୍କୋ ଡାକ୍ତରଖାନାର ମୁଖ୍ୟ ଚିକିତ୍ସକ ମୀନାକ୍ଷୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଡାକ୍ତରଖାନା ପରିସରରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ନାଲ୍କୋର ଅବସରପ୍ରାପ୍ତ ଚିକିତ୍ସକ ଡା. ପ୍ରଦୀପ କୁମାର ରାଉତରାଏ, ଡା. ରାମ ରାୟ ଟୁଡୁ, ଟେକ୍ନିସିଆନ ପ୍ରିୟଦର୍ଶନ ମିଶ୍ର, ଫାର୍ମାଶିଷ୍ଟ ଅନୁପ ଦାସ, ଅତୁଲ୍ୟ ସାହୁ, ବଳରାମ ସୋରେନ, ଦିଲୀପ ସାହୁ, ମଧୁମିତା ଜେମ୍ସ, ରୋଜାଲିନ ପୃଷ୍ଟି, ନୀଳମାଧବ ବେହେରା, ସୁରେଶ ସାହୁ, ବିକାଶ ରଞ୍ଜନ ପାଳ, ବିନୋଦ ବେହେରା ପ୍ରମୁଖ ଶେଷକୃତ୍ୟ ସମୟରେ ସ୍ୱର୍ଗଦ୍ୱାରରେ ଉପସ୍ଥିତ ଥିଲେ।

# ୟୁନିୟନ ନିର୍ବାଚନ ନେଇ ବଢୁଛି ଉଷ୍ମତା

ବଥରପାଳ,୧।୧୦ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍କୋ ସିପିପିରେ ପଞ୍ଜୀକୃତ କର୍ମଚାରୀ ୟୁନିୟନଗୁଡ଼ିକର ନିର୍ବାଚନ କରାଇବା ପାଇଁ ଶ୍ରମ ମନ୍ତ୍ରଣାଳୟ ଭାରତ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଆସନ୍ତା ୪ ତାରିଖରେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ଶ୍ରମ ବିଭାଗ ଓ ନାଲ୍କୋ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଆଉ ୩ ଦିନ ପରେ ନିର୍ବାଚନ ହେଉଥିବାରୁ ଏହାକୁ ନେଇ ନାଲ୍କୋ ଅଞ୍ଚଳରେ ଉଷ୍ମତା ବଢ଼ିଯାଇଛି। ପଦବୀ ହାତେଇବା ପାଇଁ ୟୁନିୟନ ନେତାମାନଙ୍କ ପକ୍ଷରୁ ଯୋଜନାମାନ କରାଯାଉଛି। ଏପରି କି କର୍ମଚାରୀମାନଙ୍କ ମନ ଜିଣିବା ପାଇଁ ବିଗତ ଦିନର ସଫଳତାକୁ ନେଇ ପ୍ରଚାର କରାଯିବା ସହ କର୍ମଚାରୀମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତିଯୋଗିତା ମୂଳକ ଭାବେ ଭୋଜିଭାତର ଆୟୋଜନ କରାଯାଉଥିବା ଦେଖିବାକୁ ମିଳୁଛି। ତେବେ କର୍ମଚାରୀଙ୍କ ମତ କାହା ସପକ୍ଷରେ ଯାଉଛି ତାହା ଆସନ୍ତା ୪ ତାରିଖରେ ଜଣାପଡ଼ିବ ବୋଲି କେତେଜଣ କର୍ମଚାରୀ ପ୍ରକାଶ କରିଛନ୍ତି।

# ଶହୀଦ ରାଣା ପ୍ରତାପଙ୍କ ମାତୃ ବିୟୋଗ

ତାଳଚେର,୧।୧୦ (ମନୋଜ ନନ୍ଦ)

ତାଳଚେର ମାଟିର ବୀରପୁତ୍ର ଶହୀଦ ରାଣା ପ୍ରତାପ ଦାସଙ୍କ ମାତା ସୁଷମା ଦାସ (୬୫)ଙ୍କ କୃଷ୍ଣଚନ୍ଦ୍ରପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ପୁଅକୁ ହରାଇଥିବା ସୁଷମା ଦୀର୍ଘଦିନ ହେଲା ବାକ୍‌ଶକ୍ତି ହରାଇଥିଲେ। ସେ ଜଣେ ଧର୍ମପରାୟଣ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କୃଷ୍ଣଚନ୍ଦ୍ରପୁରସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଶ୍ରୀବତ୍ସ ଦାସ, ଝିଅ, ଜ୍ୱାଇଁ ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ।



ସୁଷମା ଦାସ

# ଚଞ୍ଚକତା କରି ଲକ୍ଷାଧିକ ଟଙ୍କା ଠକେଇ

ରାସୋଳ,୧।୧୦(ସରୋଜ ମିଶ୍ର)

## ୩ଜଣଙ୍କ ନାମରେ ଅଭିଯୋଗ

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ବେଡାପଡା ଗ୍ରାମର ଶଶି ବେହେରା, ପିଣ୍ଟୁ ବେହେରା ଓ ସୀମା ଦେହୁରୀଙ୍କ ନାମରେ ଚଞ୍ଚକତା କରି ଲକ୍ଷାଧିକ ଟଙ୍କା ଠକେଇ କରିଥିବା ନେଇ ରାସୋଳ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ଏନେଇ ରାସୋଳ ପୋଲିସ କେସ୍ ନଂ-୨୭୭।୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ବିଭିନ୍ନ ଋଣ ପ୍ରଦାନକାରୀ ସଂସ୍ଥାମାନଙ୍କ ଠାରୁ ପ୍ରାୟ ୨୮ଜଣ ମହିଳାଙ୍କ ନାମରେ ଉକ୍ତ ୩ଜଣ ବ୍ୟକ୍ତି ଜଣପିଛା ୬୦ହଜାର ଟଙ୍କା ଲେଖାଏଁ ଋଣ କରି ଠକି ନେଇଥିବା ମହିଳାମାନେ ଥାନାରେ ଅଭିଯୋଗ କରିଛନ୍ତି। ଋଣ ପ୍ରଦାନକାରୀ ସଂସ୍ଥାମାନେ ମହିଳାମାନଙ୍କୁ ଯେତେବେଳେ ଋଣ ପରିଶୋଧ ପାଇଁ ନୋଟିସ୍ ପଠାଇଲେ, ଏହି ଘଟଣା ପଦାକୁ ଆସିଥିଲା। ଫଳରେ ଆମେ କୌଣସି ପ୍ରକାର ଋଣ ନେଇନାହୁଁ। ଉକ୍ତ ୩ଜଣ ବ୍ୟକ୍ତି ଆମ ନାମରେ ଚଞ୍ଚକତା କରି ଟଙ୍କା ଉଠାଇଥିବା ମହିଳାମାନେ ପ୍ରକାଶ କରିଛନ୍ତି। ମହିଳା ଗୋଷ୍ଠୀର କାବେରି ଦେହୁରୀ, ନିରୁପମା ଦେହୁରୀ, ଚାରୁଲତା ମହାରଣା, ସଂଚିତା ମହାରଣା, ଟିଙ୍କିଲି ମୁଦୁଲି ପ୍ରମୁଖ ୨୮ଜଣ ମହିଳା ଲିଖିତ ଭାବେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ ଚାଲୁ ରହିଛି ଥାନା ଅଧିକାରୀ ବିଧୂଭୂଷଣ ମିଶ୍ର ସୂଚନା ଦେଇଛନ୍ତି।

# ପଥର ବୋଝେଇ ଟ୍ରାକ୍ଟର ଜବତ

କାମାକ୍ଷାନଗର, ୧।୧୦
(ସୁଧୀର କୁମାର ପରିଡ଼ା)



କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ବାଉଁଶପାଳ ରେଙ୍ଗାଳି କେନାଲ ନିକଟରେ ଚୋରା ପଥର ବୋଝେଇ ଟ୍ରାକ୍ଟରକୁ ବନ ବିଭାଗ ଜବତ କରିଛି । ସୂଚନା ଅନୁସାରେ ବାଉଁଶପାଳ ରେଙ୍ଗାଳି କେନାଲ ନିକଟରେ ଚୋରା ପଥର କାରବାର ହେଉଥିବା ଖବର ପାଇ ବନବିଭାଗର ଏକ ଟିମ ଘଟଣା ସ୍ଥଳରେ ଚଢ଼ାଉ କରିଥିଲା। ଚୋରା ପଥର ବୋଝେଇ ହୋଇ ଅନ୍ୟତ୍ର ଚାଲାଣ ହେଉଥିବା ବେଳେ ଜବତ କରାଯାଇଛି। ଢେଙ୍କାନାଳ ଡିଏଫଓ ସୁମିତ କରଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ତରଫରୁ ଚଢ଼ାଉ ଜାରି କରାଯାଇଛି।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁ ବଦଳ ଅଭିଯୋଗ

**ଅନୁଗୋଳ,୧।୧୦ (ଜ୍ୟୋତିରଞ୍ଜନ ସାହୁ):** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ନବଜାତ ଶିଶୁ ବଦଳ ଅଭିଯୋଗକୁ ନେଇ ଚାପା ଉତ୍ତେଜନା ଦେଖାଯାଇଥିଲା। ସୂଚନା ଅନୁସାରେ, ରେଙ୍ଗାଳି ଥାନା ଅଞ୍ଚଳର ଜଣେ ଗର୍ଭବତୀ ଗତ ୨୭ ତାରିଖ ରାତି ୯ଟା ୪୫ରେ କଣିହାଁ ଚିକିତ୍ସାଳୟରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ସମ୍ପୃକ୍ତ ନବଜାତ ଶିଶୁର ଓଜନ କମ୍ ଥିବାରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାକୁ ଲାଗିଥିଲା। ଫଳରେ ୨୮ ତାରିଖରେ ଡାକ୍ତର ସେଠାରୁ ପ୍ରସୂତି ଓ ନବଜାତ ଶିଶୁପୁତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ନବଜାତ ଶିଶୁପୁତ୍ରକୁ ଆଇସିୟୁର ୧୬ ନମ୍ବର ବେଡ୍‌ରେ ରଖାଯାଇ ଚିକିତ୍ସା କରାଯାଇଥିଲା। ବେଡ୍ ନ ଥିବାରୁ ପ୍ରସୂତି ବାରଣ୍ଡାରେ ରହି ଚିକିତ୍ସିତ ହେଉଥିଲେ। ଦିନକୁ ଥରେ ମାତ୍ର ଶିଶୁପୁତ୍ରଙ୍କୁ ଦେଖା କରିବାକୁ ଜଣକୁ ଛଡ଼ା ଯାଉଥିଲା। ଏଥିସହ ଦୈନିକ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମାତାପିତାଙ୍କୁ ଅବଗତ କରାଯାଉଥିଲା। ହେଲେ ମଙ୍ଗଳବାର ମେଡିକାଲ ପକ୍ଷରୁ ଛୁଆ ଟିକେ ରକ୍ତବାନ୍ତି କରିଥିବାରୁ ଶୀଘ୍ର କଟକ ମେଡିକାଲ ନେବାକୁ ପରାମର୍ଶ ଦିଆଯାଇଥିଲା। ୧୦୮ ଆମ୍ବୁଲାନ୍ସକୁ କଲ୍ କରାଯିବାରୁ ଟିକେ ସମୟ ଲାଗିବ ବୋଲି କୁହାଯାଇଥିଲା। ଏହାପରେ ପ୍ରସୂତି ଓ ତାଙ୍କ ସ୍ୱାମୀ ଆଇସିୟୁ ଭିତରକୁ ଯିବା ପରେ ତାଙ୍କ ପିଲାକୁ ୧୬ ନମ୍ବର ବେଡ୍‌ରୁ ୧୨ ନମ୍ବର ବେଡ୍‌କୁ ସ୍ଥାନାନ୍ତର କରାଯାଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ପଚାରିବାରୁ ଅକ୍ସିଜେନ ଅଧିକ ପାଇଁ ସ୍ଥାନାନ୍ତର କରାଯାଇଥିବା କୁହାଯାଇଥିଲା। ତେବେ ଶିଶୁପୁତ୍ର ଅବସ୍ଥା ଗୁରୁତର ଓ ସନ୍ଧ୍ୟା ବେଳେ ମୃତ୍ୟୁ ହୋଇଯାଇଛି ବୋଲି ମେଡିକାଲ ପକ୍ଷରୁ କୁହାଯିବା ପରେ ପ୍ରସୂତି ଓ ତାଙ୍କ ସ୍ୱାମୀ ଶିଶୁପୁତ୍ର ବଦଳା ଯାଇଥିବା ଅଭିଯୋଗ କରି ମୁଖ୍ୟ ଚିକିତ୍ସାଳୟ ଫାଟକ ସମ୍ମୁଖରେ ବସି ରହିଥିଲେ। ଫଳରେ ଚିକିତ୍ସାଳୟ ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଅନୁଗୋଳ ଟାଉନ ପୋଲିସ ପହଞ୍ଚି ବୁଝାସୁଝା କରିଥିଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାନନ୍ଦ ମହାନ୍ତି କହିଛନ୍ତି, ଏପରି ଖବର ଆସିଛି। ହେଲେ ଛୁଟିରେ ଥିବାରୁ ଘଟଣାର ତଦନ୍ତ ପାଇଁ ମେଡିକାଲ କର୍ମଚାରୀଙ୍କୁ କୁହାଯାଇଛି।



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖାଦେଇଛି।


**Government of Odisha**
**Information & Public Relations Department**
**Loka Sampark Bhawan, Bhubaneswar**
**Corrigendum Notice**
**File No.PT1-IPR-IMU-0003-2024 12569/I&PR,BBSR**
**Dated 1.10.2024**

**No.Z-**The date for opening of the proposals received in pursuance of RFP No-10163, Dt.16/08/2024 of I&PR Department with Corrigendum Notice No.11739, dt.17.09.2024, as published on Dt.18/09/2024 in The Samaj, The Sambad, The Dharitri, The Times of India, The Hindustan Times and The Hindu and subsequent Corrigendum Notice No.12088/dtd.23.09.2024 which came out in the said News Papers dtd.24.09.2024 is rescheduled to **dt.05.10.2024 at 11.30 A.M.**

**Sd./- Director, I&PR**
**OIPR-15001/11/0223/2425**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**KEONJHAR (R&B) CIRCLE, KEONJHAR**
**No.4605/ Date 30.09.2024**
**INVITATIONS FOR BIDS (IFB)**
**1st Corrigendum to Bid Identification No CCEKC -15/2024-25**

**No.B-372:The following changes are made to the works invited vide Bid Identification No CCEKC -15/2024-25** vide Letter No.4369 dt. 20.09.2024.

1. The bid documents in the website **www.tendersodisha.gov.in** will be available in the website from **11.00 Hours of 07.10.2024 to 16.00 Hours of 22.10.2024** for online bidding.
2. Bids shall be received only on "online" on or before **16.00 Hours of 22.10.2024.**
3. Bids received **"on-line"** shall be **opened at 11.30 Hours on 23.10.2024** in the office of the Chief Construction Engineer, Keonjhar (R&B) Circle, Keonjhar.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

**All other terms & conditions remained unchanged.**

**Sd./- Chief Construction Engineer**
**Keonjhar (R&B) Circle, Keonjhar**
**OIPR-34033/11/0033/2425**

OBCC ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**No.CAD-1242**
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
**No. 9599**
**File: SMT-2033**
**Date:30.09.2024**
**NOTICE INVITING TENDER**

| Sl. No. | Name of Work | Bid Identification No. | Date of availability of bid document in e-Procurement portal | Last date and time of receipt of online bid | Bid Processing Fee (Through Demand Draft) | Period of Completion | Class of Contractor |
|---|---|---|---|---|---|---|---|
| 1 | Widening & Strengthening of Double lane to 4 laning of Bhawanipatna Khariar Road (SH-16) from 2/00 Km to 70 Km in the district of Kalahandi | 09/Tender/ OBCC/ 2024-25 | From 22.10.2024 | On or before 5.30 PM of 14.11.2024 | Rs.4,75,000/- (including GST) | 24 (Twenty Four) Calendar Months | "Super" Class |
| 2 | Construction of H.L. bridge over Ong River on Digsira to Harbhanga road in Dungrupali block in the district of Subarnapur | 10/Tender/ OBCC/2024-25 | From 23.10.2024 | On or before 5.30 PM of 16.11.2024 | Rs.60,000/- (including GST) | 24 (Twenty Four) Calendar Months | "Super" Class |

2.Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in. 3. OBCC has the right to accept or reject the Notice/ RFP without assigning any reasons thereof.

**OIPR-34106/11/0008/2425**
**Sd./- Chief Engineer-III**

**E-Procurement cell**
**Office of the Executive Officer, Nagar Parishad Mihijam, Jharkhand**
**Urban Development & Housing Department**

**e-procurement Notice, Very Short Tender notice**
**NIT No. – 05/2024-25, Date:-01.10.2024**

| SL. No. | E-TENDER REF NO. | NAME OF WORK | TENDER VALUE | TIME OF COMPLETION | EARNEST MONEY DEPOSIT | BID DOCUMENT FEES |
|---|---|---|---|---|---|---|
| 1 | NPM/ SBD/02/ 2024-25 | मिहिजाम नगर परिषद अन्तर्गत फुटबॉल स्टेडियम निर्माण | 49064100.00 | 12 Month | 490641.00 | 10000.00 |
| 2 | Date of Publication of tender on website | | | 04.10.2024 | | |
| 4 | Closing date and time for receipt of tender on website | | | 08.10.2024 at 11.00 AM | | |
| 5 | Opening date and time of opening of technical bid | | | 09.10.2024 at 11.00 AM | | |
| 6 | Name and address of office inviting tender | | | Office of Executive Officer, Nagar Parishad Mihijam | | |
| 7 | Helpline number of e-procurement cell | | | +91 7261817234 | | |

NOTE: AUTHORITY RESERVES THE RIGHT TO CANCEL TENDER WITHOUT SIGHTING ANY REASON THEREOF. FURTHER DETAILS CAN BE SEEN ON WEBSITE HTTP://jharkhandtenders.gov.in

**Executive Officer**
**Nagar Parishad Mihijam**
**PR 337822 Urban Development and Housing(24-25)#D**

ଓଡ଼ିଶା
**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: ୧୫୫୬୩ - IND-II-PH-୧୨୦୨ **ବିଜ୍ଞାପନ** ତାରିଖ: ୦୧।୧୦।୨୦୨୪

No. CAD-1260: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଏନ୍‌ଟିପିସି ଲିମିଟେଡ, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, ଲେଫ୍ରିପଡ଼ା ତାଲୁକା ଅନ୍ତର୍ଗତ ଦର୍ଲିପଲ୍ଲୀ ଗ୍ରାମରେ ଅବସ୍ଥିତ ଦର୍ଲିପଲ୍ଲୀ ସୁପର କୋଇଲା ଆଧାରିତ ତାପଜ ବିଦ୍ୟୁତ ପ୍ରକଳ୍ପର ୨x୮୦୦ ମେଗାୱାଟ ପ୍ରକଳ୍ପରେ ଅତିରିକ୍ତ ୧x୮୦୦ ମେଗାୱାଟ (ଦ୍ୱିତୀୟ ପର୍ଯ୍ୟାୟ) ପ୍ରକଳ୍ପର ସମ୍ପ୍ରସାରଣ ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ''ସର୍ବସାଧାରଣ ଶୁଣାଣୀ'' ତା୨୩।୦୭।୨୦୨୪ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲାର ରାଇଡିହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାନ୍ଦଲି ପାହାଡ଼ ନିକଟସ୍ଥ ଖେଳପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା।
ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା "New Indian Express" ଏବଂ ''ଧରିତ୍ରୀ''ରେ ତା୨୦।୦୬।୨୦୨୪ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ଅପ୍ରତ୍ୟାଶିତ ପରିସ୍ଥିତି ଯୋଗୁ ତା୨୩।୦୭।୨୦୨୪ରିଖରେ ହେବାକୁ ଥିବା ଉକ୍ତ ଜନଶୁଣାଣୀକୁ ସ୍ଥଗିତ କରାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣୀ ତା୧୮।୧୦।୨୦୨୪ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲାର ରାଇଡ଼ିହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାନ୍ଦଲି ପାହାଡ଼ ନିକଟସ୍ଥ ଖେଳପଡ଼ିଆଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୮।୧୦।୨୦୨୪ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲାର ରାଇଡ଼ିହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାନ୍ଦଲି ପାହାଡ଼ ନିକଟସ୍ଥ ଖେଳପଡ଼ିଆଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ସୁନ୍ଦରଗଡ଼।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାଉରକେଲା।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।
ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସଦସ୍ୟ ସଚିବଙ୍କ ଆଦେଶକ୍ରମେ**
**ସ୍ୱା./- ମୁଖ୍ୟ ପରିବେଶ ଯନ୍ତ୍ରୀ**
OSPCB-PH-MISC-0096-2023/12/2024
**OIPR-08012/11/0092/2425**

ଓଡ଼ିଶା
**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: ୧୫୪୭୧/IND-II-PH-୧୨୧୧ **ବିଜ୍ଞାପନ** ତାରିଖ: ୩୦।୦୯।୨୦୨୪

No. CAD-1264: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତହସିଲଦାର, ଆଠମଲ୍ଲିକ, ଓଡ଼ିଶାର ଅନୁଗୁଳ ଜିଲ୍ଲା, ଆଠମଲ୍ଲିକ ତହସିଲ, ପୁରୁଣା ମାଣିତ୍ରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଓଡ଼ସିଙ୍ଗା ଏବଂ କେଉଟଭୂଇଂ ଗ୍ରାମରେ ୧୭୫.୭୪୬ ହେକ୍ଟର ପରିମିତ କ୍ଲଷ୍ଟର ଅଞ୍ଚଳରେ ସ୍ଥିତ ଓଡ଼ସିଙ୍ଗା ଏବଂ କେଉଟଭୂଇଂ କ୍ଲଷ୍ଟର ବାଲିଘାଟ (ଓଡ଼ସିଙ୍ଗା ବାଲିଘାଟ - ୧୪୦.୪୫୭ ହେକ୍ଟର ଏବଂ କେଉଟଭୂଇଂ ବାଲିଘାଟ - ୩୫.୨୮୯ ହେକ୍ଟର) ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୬।୧୧।୨୦୨୪ରିଖ ଦିବା ୧୦.୩୦ ଘଟିକା ସମୟରେ ଅନୁଗୁଳ ଜିଲ୍ଲା, ଆଠମଲ୍ଲିକସ୍ଥିତ ଦେଉଳଝରି ମନ୍ଦିର ପ୍ରାଙ୍ଗଣ ନିକଟରେ ଥିବା ମିଟିଂ ହଲରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୁଳ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଅନୁଗୁଳ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, ଅନୁଗୁଳ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଅନୁଗୁଳ।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।
ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳ ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସଦସ୍ୟ ସଚିବଙ୍କ ଆଦେଶକ୍ରମେ**
**ସ୍ୱା./- ମୁଖ୍ୟ ପରିବେଶ ଯନ୍ତ୍ରୀ**
OSPCB-PH-MISC-0012-2024/01/2024
**OIPR-08012/11/0088/2425**

# ଏସ୍‌ଆଇ, ହାବିଲଦାର ନିଲମ୍ବିତ

## ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ ଘଟଣା
## ୩ ହୋମ୍‌ଗାର୍ଡଙ୍କୁ କାର୍ଯ୍ୟରୁ ଅନ୍ତର

ଫୁଲବାଣୀ, ୧।୧୦
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଡାଙ୍ଗଶାଗୁ ଘାଟି ରାସ୍ତାରୁ ଗତ ୨୮ ତାରିଖରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ବେହେରାପଡ଼ା ଗ୍ରାମର ଜ୍ୟେଷ୍ଠ ବଣ୍ଡଙ୍କ ମୃତଦେହ ଜବତ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ଟ୍ରେନି ସବ୍‌ଇନ୍‌ସପେକ୍ଟର(ଏସ୍‌ଆଇ) ଅଜିତ ବେହେରା ଓ ହାବିଲଦାର ରାମଚନ୍ଦ୍ର ନାୟକଙ୍କୁ ନିଲମ୍ବନ କରାଯାଇଛି। ଏହାସହିତ ୩ଜଣ ହୋମଗାର୍ଡଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ସେମାନେ ହେଲେ ଅଭିରାମ ମହାନନ୍ଦ, ଜଗବନ୍ଧୁ କହଁର ଓ ରତ୍ନାକର ନାୟକ। ଘଟଣାର ତଦନ୍ତ ପ୍ରକ୍ରିୟାରେ ବାଧା ଉପୁଜାଇବା ସମ୍ଭାବନା ଥିବାରୁ ସେମାନଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବା ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ କହିଛନ୍ତି।

ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ଦୀପ କହିଛନ୍ତି ଯେ, ଏହି ମାମଲାର ତଦନ୍ତ ପ୍ରକ୍ରିୟା ଏଯାଏ ଶେଷ ହୋଇନାହିଁ। ଜ୍ୟେଷ୍ଠଙ୍କ ସହ ଆସିଥିବା ଦାଶରଥି ଦିଗାଲ୍‌ଙ୍କୁ ପଚରାଉଚରା ସରିନାହିଁ। କେବଳ ଜ୍ୟେଷ୍ଠଙ୍କ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇଛି। ଭିସେରା ରିପୋର୍ଟ ଆସିନାହିଁ। ଘଟଣାରେ ପୋଲିସ ସମ୍ପୃକ୍ତି ନେଇ ଅଭିଯୋଗ ଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାରେ ଆଉ ଯାହାର ସମ୍ପୃକ୍ତି ଆସିବ ତାଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ଜିଲା ପୋଲିସ ମଧ୍ୟ ଗୁରୁତ୍ୱର ସହ ନେଇଛି। ଜ୍ୟେଷ୍ଠଙ୍କ ମୃତ୍ୟୁ ସ୍ୱାଭାବିକ ନା ତାଙ୍କୁ ହତ୍ୟା କରାଯାଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ବୋଲି ଦୀପ ସୂଚନା ଦେଇଛନ୍ତି।


ଅଜିତ ବେହେରା


ହାବିଲଦାର ରାମଚନ୍ଦ୍ର ନାୟକ

ପ୍ରକାଶ ଯେ, ଜ୍ୟେଷ୍ଠ ତାଙ୍କର ଜଣେ ସହଯୋଗୀ ମାର୍ଶେଲ ଗ୍ରାମର ଦାଶରଥିଙ୍କ ସହ ଗତ ୨୬ ତାରିଖ ସକାଳ ୭ଟାରେ ଗୋଚ୍ଛାପଡ଼ା ଆସିଥିଲେ। ଦିନ ପ୍ରାୟ ସାଢ଼େ ୧୨ଟାରେ ତାଙ୍କ ସ୍ତ୍ରୀ ସୁମିତ୍ରି ବଣ୍ଡଙ୍କୁ ଫୋନ କରିବାରୁ ମୋତେ ପୋଲିସ ଧରିଛି ବୋଲି କହି ଜ୍ୟେଷ୍ଠ ଫୋନ କାଟି ଦେଇଥିଲେ। ତାଙ୍କ ସମ୍ପର୍କୀୟମାନେ ଗୋଚ୍ଛାପଡ଼ା ଥାନାକୁ ପଚାରିବାରୁ ସେମାନେ କାହାରିକୁ ଗିରଫ କରି ନ ଥିବା କହିଥିଲେ। ସନ୍ଧ୍ୟାରେ ଥାନାକୁ ଯିବାରୁ ଗାଡ଼ି ଜବତ କରିଥିବା ପୋଲିସ କହିଥିଲା। ଦାଶରଥିଙ୍କୁ ଧରି ପୋଲିସ ଅଟକାଇଥିବା ସ୍ଥାନକୁ ଯାଇ ଖୋଜାଖୋଜି କରିବାରୁ ଜ୍ୟେଷ୍ଠଙ୍କ ମୃତଦେହ ମିଳିଥିଲା। ପୋଲିସ ତାଙ୍କ ସ୍ୱାମୀଙ୍କୁ ମାରି ଦେଇଥିବା ନେଇ ଜ୍ୟେଷ୍ଠଙ୍କ ସ୍ତ୍ରୀ ସୁମିତ୍ରି ଅଭିଯୋଗ ଆଣି ଗୋଚ୍ଛାପଡା ଥାନାରେ ଏତଲା ଦେଇଥିଲେ। ଘଟଣାରେ ପୋଲିସର ସମ୍ପୃକ୍ତି ଆସିବାରୁ ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଅତିରିକ୍ତ ଏସ୍‌ପି ଦୀପ, ଡିଏସ୍‌ପି କମଳ ପଣ୍ଡା ଏହାର ତଦନ୍ତ ଆରମ୍ଭ କରିଥିଲେ। ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ମଧ୍ୟ ଘଟଣାର ଅନୁଧ୍ୟାନ କରୁଛନ୍ତି।

# ଚୋରି କରିବାକୁ ଆସି ମହିଳାଙ୍କୁ ଗଣବଳାତ୍କାର

ଭୁବନେଶ୍ୱର, ୧।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମୈତ୍ରୀବିହାର ଥାନା ଅଧୀନ ଏକ ବସ୍ତିରେ ବିଏମ୍‌ସି ତରଫରୁ ଲୋକଙ୍କୁ ଯୋଗାଇ ଦିଆଯାଇଥିବା ଏକ ଆପାର୍ଟମେଣ୍ଟରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ଚୋରି କରିବାକୁ ଆସିଥିବା ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ପୀଡ଼ିତାଙ୍କ ପକ୍ଷରୁ ମୈତ୍ରୀ ବିହାର ଥାନାରେ ଏତଲା ଦିଆଯିବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୩୩୨(ବି), ୭୦(୧), ୩୦୯(୪), ୩(୫)ରେ ସୋମବାର ଏକ ମାମଲା (ନଂ.୪୩୯/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ ଏଯାଏ ଧରିପାରିବାରେ ସକ୍ଷମ ହୋଇନାହିଁ। ଏହି ଘଟଣା ଏବେ ନୂଆ କରି ଯୋଗ ଦେଇଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି।

■ ଛୁରି ଦେଖାଇ ଭୟଭୀତ କଲେ
■ କୁନି ଝିଅ ସମ୍ମୁଖରେ କାଣ୍ଡ ଘଟାଇଲେ

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଆପାର୍ଟମେଣ୍ଟର ପ୍ରଥମ ମହଲାର ଏକ ଫ୍ଲାଟରେ ମହିଳା ଜଣଙ୍କ ତାଙ୍କ ୨ ବର୍ଷୀୟା ଝିଅ ସହ ରହୁଛନ୍ତି। ଅଭିଯୁକ୍ତଦ୍ୱୟ ରବିବାର ବିଳମ୍ବିତ ରାତି ପ୍ରାୟ ୨ଟା ବେଳେ ଚୋରି କରିବାକୁ ଉକ୍ତ ଫ୍ଲାଟକୁ ଟାର୍ଗେଟ୍ କରିଥିଲେ। ପରେ ଫ୍ଲାଟର ବାଲ୍‌କୋନି ଦେଇ ଭିତରକୁ ପଶିଥିଲେ। ଏହି ସମୟରେ ମହିଳା ଜଣଙ୍କ ତାଙ୍କ ଝିଅ ସହ ବେଡ୍‌ରୁମରେ ଶୋଇଥିଲେ। ଦୁର୍ବୃତ୍ତଦ୍ୱୟ ଘରର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଏପରିକି ଚାବି ପାଇ ଆଲମିରା ଲକର୍ ମଧ୍ୟ ଖୋଲି ଦେଇଥିଲେ। ଏହି ସମୟରେ ମହିଳା ଜଣଙ୍କ ନିଦରୁ ଉଠି ଯାଇଥିଲେ। ହଠାତ୍ ଘର ଭିତରେ ଦୁଇ ଅଜଣା ଯୁବକଙ୍କୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଚୋରଙ୍କ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ମହିଳା ଜଣଙ୍କ ବିରୋଧ କରିବାରୁ ଅଭିଯୁକ୍ତଦ୍ୱୟ ଛୁରି ଦେଖାଇ ଧମକାଇଥିଲେ। ସୁନାରୂପା ଆଦି ମୂଲ୍ୟବାନ ଅଳଙ୍କାର ଦେବାକୁ ମହିଳାଙ୍କୁ ବାଧ୍ୟ କରିଥିଲେ। ତେବେ ଦୁର୍ବୃତ୍ତଦ୍ୱୟ ସବୁଆଡ଼େ ମଧ୍ୟ ଖୋଜାଖୋଜି କରିଥିଲେ ବି କୌଣସି ଦାମୀ ଜିନିଷ ପାଇ ନ ଥିଲେ। ମହିଳା ଜଣଙ୍କ ପିନ୍ଧିଥିବା ଏକ କାନଫୁଲ ହଳକୁ ମଧ୍ୟ ନେଇଯାଇଥିଲେ। ଏହି ସମୟରେ ଶୋଇଥିବା କୁନି ଝିଅ ନିଦରୁ ଉଠି ପଡ଼ି କାନ୍ଦିବା ଆରମ୍ଭ କରିବାରୁ ମହିଳା ଜଣଙ୍କ କୌଣସି ଉପାୟ ନ ପାଇ ତାଙ୍କ ଝିଅଙ୍କ ହାତରେ ମୋବାଇଲ ଧରାଇ ଦେଇଥିଲେ। ଏହାପରେ ଅଭିଯୁକ୍ତଦ୍ୱୟ ପର୍ଯ୍ୟାୟକ୍ରମେ ମହିଳାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା ପ୍ରଘଟ ନ କରିବାକୁ କହି ଚୋରଦ୍ୱୟ ପଳାଇଯାଇଥିଲେ। ତେବେ ଦୁର୍ବୃତ୍ତଦ୍ୱୟ ହିନ୍ଦୀରେ କଥା ହେଉଥିଲେ ବୋଲି ପୀଡ଼ିତା ପୋଲିସକୁ କହିଛନ୍ତି। ଅଭିଯୁକ୍ତଦ୍ୱୟ ରାଜ୍ୟ ବାହାରର ବୋଲି ପୋଲିସ ଜାଣିବାକୁ ପାଇଛି। ତେବେ ପୋଲିସ ସେଫ୍ ସିଟି ଡ୍ରାଇଭ୍ ଜରିଆରେ ସାରା ସହରରେ ପାଟ୍ରୋଲିଂ କରୁଥିବାବେଳେ ଏଭଳି ଘଟଣା ଘଟିବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ଜେଜେ ମା'ଙ୍କ ଦଶାହରେ ପୋଖରୀରେ ବୁଡ଼ି ୨ ନାତି ମୃତ

ବ୍ରହ୍ମପୁର, ୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଜେଜେ ମା'ଙ୍କ ଦଶାହ ପାଇଁ ମଙ୍ଗଳବାର ପୁରୀ ଯାଇ ନରେନ୍ଦ୍ର ପୁଷ୍କରିଣୀରେ ଗାଧୋଇବା ବେଳେ ବୁଡ଼ିଯିବାରୁ ୨ ନାତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଞ୍ଜାମ ଜିଲା କୁକୁଡାଖଣ୍ଡି ସୋମପେଟା ସାହିର ରାଜକିଶୋର ଶତପଥୀ (୨୩) ଓ ନଳିନୀକାନ୍ତ ତ୍ରିପାଠୀ(୨୭)।

ପ୍ରକାଶ ଯେ, କୁକୁଡାଖଣ୍ଡି ସୋମପେଟା ସାହିର ବିଦ୍ୟାବତୀ ଶତପଥୀଙ୍କ ଦଶଦିନ ତଳେ ମୃତ୍ୟୁ ହୋଇଥିଲା। ତାଙ୍କ ଦଶାହ କାର୍ଯ୍ୟ କରିବାକୁ ପରିବାରର ୯ ଜଣ ସଦସ୍ୟ ପୁରୀ ଯାଇଥିଲେ। ନରେନ୍ଦ୍ର ପୁଷ୍କରିଣୀରେ ବିଦ୍ୟାବତୀଙ୍କ ଦୁଇ ନାତି ପୁଅର ପୁଅ ରାଜକିଶୋର ଓ ଝିଅର ପୁଅ ନଳିନୀକାନ୍ତ ଗାଧୋଇବା ବେଳେ ବୁଡ଼ିଯାଇଥିଲେ। ପୁରୀ ଅଗ୍ନିଶମ ବିଭାଗ କର୍ମଚାରୀ ଉଭୟଙ୍କୁ ଉଦ୍ଧାରକରି ସଦର ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। କୁମ୍ଭାରପଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସୂଚନାଯୋଗ୍ୟ, ବର୍ଷକ ପୂର୍ବେ ରାଜକିଶୋରଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା।

# ସତ୍ୟପାଠ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶନ ପାଇଁ କମିଶନଙ୍କ ନିବେଦନ

ଭୁବନେଶ୍ୱର, ୧।୧୦(ସତ୍ୟଜିତ୍ ରାଉତ)

**ଭରତପୁର ଥାନାରେ ନିର୍ଯାତନା ଘଟଣା**

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ଏନେଇ ସୋମବାରଠୁ ବିଚାର ବିଭାଗୀୟ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି। ମଙ୍ଗଳବାର କମିଶନଙ୍କ ପକ୍ଷରୁ ସତ୍ୟପାଠ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ନିବେଦନ କରାଯାଇଛି। ବିଭାଗ ପକ୍ଷରୁ ଖବରକାଗଜ ଦ୍ୱାରା ଏନେଇ ବିଜ୍ଞପ୍ତି ପ୍ରକାଶ କରାଯିବ। ଏହି ବିଜ୍ଞପ୍ତିରେ ସତ୍ୟପାଠ ଦାଖଲ ସମ୍ପର୍କିତ ରୂପରେଖ ଉଲ୍ଲେଖ ରହିବ। କେଉଁ ପ୍ରଣାଳୀରେ ସତ୍ୟପାଠ ଦାଖଲ କରିବେ, କେଉଁମାନେ ଦାଖଲ କରିବେ ଆଦି ବିଜ୍ଞପ୍ତିରେ ଉଲ୍ଲେଖ ରହିବ ବୋଲି କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି କହିଛନ୍ତି। ସତ୍ୟପାଠ ଦାଖଲ ପାଇଁ ୨୧ଦିନ ସମୟ ଦିଆଯିବା ସହ ଷ୍ଟେଶାଲ ସର୍କିଟ୍ ହାଉସ୍ ଅଫିସ୍‌ରେ ଏହାକୁ ଦାଖଲ କରାଯିବ। ପରେ ସତ୍ୟପାଠଗୁଡ଼ିକୁ ଯାଞ୍ଚ କରାଯାଇ ସେମାନଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ କମିଶନ ଯେଉଁମାନଙ୍କୁ ଚାହିଁବେ ସେମାନଙ୍କୁ ସମନ୍ କରାଯାଇ ଡକାଯିବ। ଅନ୍ୟପକ୍ଷରେ ଏହି ଘଟଣାରେ ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫୋରେନ୍‌ସିକ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ରେ ୫ ପୋଲିସ ଅଧିକାରୀଙ୍କ ମିଛଧରା ପରୀକ୍ଷା ପାଇଁ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର ଏବଂ ଅନ୍ୟ ୪ ପୋଲିସ ଅଧିକାରୀଙ୍କ ପଲିଗ୍ରାଫ୍ ଟେଷ୍ଟ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ସୋମବାର କମିଶନ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସର୍କିଟ୍ ହାଉସରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ, ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ତଦନ୍ତର ଅଗ୍ରଗତି ନେଇ ବୈଠକରେ ଆଲୋଚନା କରାଯାଇଥିଲା।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

ଜୟପୁର, ୧।୧୦(ପବନ ପାଣିଗ୍ରାହୀ)

ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଓ ଗର୍ଭବତୀ କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଜୟପୁର ମହିଳା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୋରିଗୁମ୍ମା ଥାନା ଚିକମା ଗ୍ରାମର ବୁଦ୍ଧୁ ଏଲିୟସ ଜଗବନ୍ଧୁ ନାଗ। ପୋଲିସ ସୂଚନା ଅନୁଯାଇ ଘରେ କେହି ନ ଥିବା ସୁଯୋଗ ନେଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ୫ ମାସର ଗର୍ଭବତୀ ଥିବା ଜାଣି ପରିବାର ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୭୨/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଜଗତ୍‌ସିଂହପୁର, ୧।୧୦
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୯ରେ ଅପହରଣ ପରେ ବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଏହାର ବିଚାର କରି ଅଭିଯୁକ୍ତ ରମାକାନ୍ତ ମାଝି (୩୫)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦ ୭ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୧୯ ମେ' ୨୮ରେ ସମ୍ପୃକ୍ତା ନାବାଳିକା ଟ୍ୟୁଶନ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ୨ ଦିନ ବହୁ ଖୋଜାଖୋଜି ପରେ ମଧ୍ୟ ନାବାଳିକାଙ୍କ କୌଣସି ପତ୍ତା ମିଳି ନ ଥିଲା। ଏହି ସମୟରେ ସେମାନେ ଜାଣିବାକୁ ପାଇଥିଲେ ଯେ, ଅଭିଯୁକ୍ତ ରମାକାନ୍ତ ପୀଡ଼ିତାଙ୍କୁ ଅପହରଣ କରି ପ୍ରଥମେ ଖୋର୍ଦ୍ଧା ଓ ପରେ ବାଙ୍ଗାଲୋର, ରାଜସ୍ଥାନର ଜୟପୁର ନେଇ ସେଠାରେ ବଳାତ୍କାର କରିଛନ୍ତି। ୨୦୧୯ ମେ' ୩୧ରେ ପରିବାର ପକ୍ଷରୁ କୁଜଙ୍ଗ ଥାନାରେ ଅଭିଯୋଗ କରାଯାଇଥିଲା। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୧୯/୧୯) ରୁଜୁ କରିଥିଲା। ପରେ ଉଭୟଙ୍କୁ ଜୟପୁରରୁ ଉଦ୍ଧାର କରିଥିଲା। ଏହି ମାମଲାରେ ୧୦ ଜଣ ସାକ୍ଷୀ ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ଓକିଲ ଦାସ ସୂଚନା ଦେଇଛନ୍ତି।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର, ୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଜିଲାଜଜ୍-୧ ଡ. ଇନ୍ଦୁ ଶର୍ମା ମଙ୍ଗଳବାର ଏକ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ସ୍ତ୍ରୀଙ୍କୁ ହତ୍ୟା କରିଥିବା ସ୍ୱାମୀ ହିରଣ୍ୟ ସେଠୀ(୪୭)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୧ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୯ ମାସ ସଶ୍ରମ କାରାଦଣ୍ଡ ଭୋଗିବା ପାଇଁ ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି।

ଦିଗପହଣ୍ଡି ଥାନା ପଦ୍ମନାଭପୁର ଗ୍ରାମର ଝୁନୁ ସେଠୀଙ୍କୁ କିଛିବର୍ଷ ପୂର୍ବେ ଚୈତନ୍ୟପୁରର ହିରଣ୍ୟ ବିବାହ କରିଥିଲେ। ସେମାନଙ୍କର ଦୁଇ ଝିଅ ଅଛନ୍ତି। ବିଭିନ୍ନ କାରଣରୁ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ହିରଣ୍ୟ ସ୍ତ୍ରୀ ଝୁନୁଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ୨୦୨୨ ଫେବୃଆରୀ ୮ ତାରିଖରେ ସେ ଝୁନୁଙ୍କୁ ଛୁରି ଭୁସି ହତ୍ୟା କରିଥିଲେ। ଏ ନେଇ ମୃତା ଝୁନୁଙ୍କ ଭାଇ ରାଜେନ୍ଦ୍ର ସେଠୀ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯୬/୨୨ରେ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ହିରଣ୍ୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କିଏ ସାତ କିଏ ସତର**
**କିଏ ନିଦା କିଏ ପଥର।**

ସମସ୍ତଙ୍କ ସହିବା ଓ କହିବା ଗୁଣ ସମାନ ନୁହେଁ। କାହାକୁ ପଦେ କହିଲେ ସେ ସାତପଦ କହିଦିଏ ତ ଆଉ କାହାକୁ କିଛି କହିଲେ ସେ ଏତେ ସହଣିକ ଯେ ସବୁ ଶୁଣିବି ପଥର ଭଳି ଟାଣ ହୋଇ ସବୁ ସହିଯାଏ। ତେବେ ସମୟ ଆସିଲେ କିଏ ପର ଓ କିଏ ନିଜର ତାହା ଜଣାପଡିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାନ ଥିଲେ ସୁନା ନାହିଁ,**
**ସୁନା ଥିଲେ କାନ ନାହିଁ।**

ଈଶ୍ୱର ସମସ୍ତଙ୍କୁ ସବୁ ଜିନିଷ ପରିପୂର୍ଣ୍ଣ କରିଦେଇ ନ ଥାନ୍ତି। କାହାର ବହୁ କୁଟୁମ୍ବ ପରିବାର ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ହେଉଛି ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଅଛି କିନ୍ତୁ ସେସବୁ ଭୋଗ କରିବାକୁ କେହି ନାହାନ୍ତି। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟ କରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମୟୂରଭଞ୍ଜ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ
# ଦମ୍ପତି ବ୍ଲାକ୍‌ମେଲ୍ କରୁଥିବା ଅଭିଯୋଗ କଲେ ପରିବାର

ବ୍ରହ୍ମପୁର, ୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ନିମଖଣ୍ଡି ଥାନା କାଳୁଆନଗର ୨ୟ ଗଳିରେ ରହୁଥିବା ମୟୂରଭଞ୍ଜ ଜିଲାର ଗୋପୀନାଥ ଗିରି(୩୪)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଭିନ୍ନମୋଡ଼ ନେଇଛି। ମୃତ ଗୋପୀନାଥଙ୍କ ପରିବାର ଲୋକେ ବ୍ରହ୍ମପୁରରେ ରହୁଥିବା ଜଣେ ମହିଳା ଓ ତାଙ୍କ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଗୋପୀନାଥ ଏବଂ ସଂପୃକ୍ତ ମହିଳାଙ୍କ ମଧ୍ୟରେ ପ୍ରେମସମ୍ପର୍କ ଥିବା ବେଳେ ମହିଳା ଜଣଙ୍କ ଟଙ୍କା ପାଇଁ ତାଙ୍କୁ ବ୍ଲାକମେଲ କରିଆସୁଥିଲେ। ଯେଉଁଥିପାଇଁ ଗୋପୀନାଥଙ୍କ ମୃତ୍ୟୁ ହେଲା ବୋଲି ତାଙ୍କ ପରିବାର ଲୋକେ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ସେହିକ୍ରମରେ ପୋଲିସ ନଂ.୨୪୫/୨୪ରେ ଏକ ମାମଲା ରୁଜୁ କରି ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

ମୟୂରଭଞ୍ଜ ରାସଗୋବିନ୍ଦପୁରର ବିଦ୍ୟାଧର ଗିରିଙ୍କ ପୁଅ ଗୋପୀନାଥ ବ୍ରହ୍ମପୁର ସହରରେ ରହି ଏକ ଟେଲିଫୋନ କମ୍ପାନୀରେ କାମ କରୁଥିଲେ। ସେ କାଳୁଆନଗର ୨ୟ ଲାଇନରେ ଘର ଭଡା ନେଇ ରହୁଥିଲେ। ୨ ଦିନ ତଳେ ଗୋପୀନାଥ ନିଜ ରୁମ୍‌ରେ ଆତ୍ମହତ୍ୟା କରିଥିବା ଖବରପାଇ ତାଙ୍କ ବାପା ଓ ଅନ୍ୟ ସମ୍ପର୍କୀୟମାନେ ବ୍ରହ୍ମପୁର ଆସିଥିଲେ। ଗୋପୀନାଥଙ୍କ ରୁମ୍ ଭିତରପଟୁ କବାଟ ବନ୍ଦ ରହିଥିବା ବେଳେ ତାଙ୍କ ବେକରେ ଏକ ତାର ବନ୍ଧାଯାଇ ଝୁଲନ୍ତା ଅବସ୍ଥାରେ ଥିବା ଦେଖାଯାଇଥିଲା। ତେବେ ପୁଅର ମୃତ୍ୟୁକୁ ନେଇ ବିଦ୍ୟାଧର ପ୍ରଶ୍ନ ଉଠାଇଛନ୍ତି। ବ୍ରହ୍ମପୁରରେ ସ୍ୱାମୀଙ୍କ ସହ ରହୁଥିବା ଯାଜପୁର ବିଂଝାରପୁର ଅଞ୍ଚଳର ଜଣେ ମହିଳାଙ୍କ ସହ ଗୋପୀନାଥଙ୍କ ପ୍ରେମସମ୍ପର୍କ ରହିଥିଲା। ଏପରିକି ସଂପୃକ୍ତ ମହିଳା ଓ ତାଙ୍କ ସ୍ୱାମୀ ଗୋପୀନାଥଙ୍କୁ ବ୍ଲାକମେଲ କରି ତାଙ୍କଠାରୁ ବାରମ୍ବାର ଟଙ୍କା ନେଉଥିଲେ। ସମ୍ପର୍କ ରଖିବାକୁ ସଂପୃକ୍ତ ମହିଳା ଜଣଙ୍କ ଗୋପୀନାଥଙ୍କୁ ବାଧ୍ୟ କରୁଥିଲେ। ସମ୍ପର୍କ ନ ରଖିଲେ ଥାନାକୁ ଯାଇ କେସ୍ କରିବେ ବୋଲି ଧମକ ଦେଉଥିଲେ। ଏ ବିଷୟରେ ପୂର୍ବରୁ ଗୋପୀନାଥ ନିଜ ସ୍ତ୍ରୀ, ବାପା ଓ ମା'ଙ୍କୁ ଜଣାଇଥିଲେ। ଏଥିପାଇଁ ସେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ ବୋଲି ପରିବାର ଲୋକଙ୍କୁ ଫୋନରେ କହିଥିଲେ। ସଂପୃକ୍ତ ମହିଳା ଓ ତାଙ୍କ ସ୍ୱାମୀ ଗୋପୀନାଥଙ୍କୁ ମାନସିକ ଯନ୍ତ୍ରଣା ଦେଉଥିବାରୁ ଗୋପୀନାଥ ଆତ୍ମହତ୍ୟା କଲେ ବୋଲି ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି।

# ଚଳନ୍ତା ବସ୍‌ରୁ ଖସିପଡ଼ି ହେଲ୍‌ପର ମୃତ

ବ୍ରହ୍ମଗିରି, ୧।୧୦(ସ୍ୱାଧୀନ ଚମ୍ପତିରାୟ)

ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି – ଖଜୁରିଆ ରାସ୍ତାର ଗୋବିନ୍ଦପୁର ମହାବୀର ଛକଠାରେ ମଙ୍ଗଳବାର ଏକ ଘରୋଇ ବସ୍‌ରୁ ଖସି ପଡ଼ି ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରହ୍ମଗିରି ଥାନା ମଣପଡ଼ା ପଞ୍ଚାୟତ ଅଧୀନ ଦାମୋଦରପୁର ଗାଁର ହେମନ୍ତ ଲେଙ୍କା (୨୪)। ସୂଚନା ଅନୁଯାୟୀ, ଫାଇଭ ଷ୍ଟାର ନାମକ ବସ୍ (ନଂ. ଓଡି ୦୪ ଏଲ୍ ୭୯୮୫) ନିୟମିତ ଭାବେ ପୁରୀରୁ ବାହାରି ବ୍ରହ୍ମଗିରି ଦେଇ ନିରାକାରପୁର ହୋଇ ଗଞ୍ଜାମର ବ୍ରହ୍ମପୁରରେ ପହଞ୍ଚିଥାଏ। ମଙ୍ଗଳବାର ବସ୍‌ଟି ବ୍ରହ୍ମପୁରରୁ ନିରାକାରପୁର-ଡେଲାଙ୍ଗ-ବ୍ରହ୍ମଗିରି ଦେଇ ପୁରୀ ଯାଉଥିଲା। ଗୋବିନ୍ଦପୁର ମହାବୀର ଛକ ନିକଟ ବୁଲାଣି ରାସ୍ତାରେ ବସ୍‌ଟି ବୁଲୁଥିବାବେଳେ ହେଲପର ହେମନ୍ତ ଭାରସାମ୍ୟ ହରାଇ ଖସିପଡ଼ିଥିଲେ। ଏହି ସମୟରେ ତାଙ୍କ ଉପରେ ବସ୍ ଚକା ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ବ୍ରହ୍ମଗିରି ପୋଲିସ ପହଞ୍ଚି ବସ୍‌କୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## ୩ ମାଓବାଦୀ ଗିରଫ

ମାଲକାନଗିରି, ୧।୧୦
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବିଜାପୁର ଜିଲା ପୁଲାସୁମ୍ପାରା ଜଙ୍ଗଲରେ ତଲାସି ବେଳେ ୩ ମାଓବାଦୀଙ୍କୁ ଯବାନ ଗିରଫ କରିଛନ୍ତି। ସେମାନେ ହେଲେ ସୁକୁ କୋରସା, ଛତୁ ଲେକମ ଏବଂ ଲଖନ କୁଞ୍ଜାମ। ଏମାନଙ୍କ ପାଖରୁ ଟିଫିନ୍ ବୋମା, କୋର୍ଡେକ୍ସ ତାର, ସଂଗଠନ ପୋଷ୍ଟର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ପରେ ଏମାନଙ୍କୁ କୋର୍ଟରେ ହାଜର କରାଯାଇଥିବା ପୋଲିସ ସୂଚନା ଦେଇଛି। ଡିଆର୍‌ଜି ଓ ସ୍ଥାନୀୟ ପୋଲିସ ବିଜାପୁର ଜିଲା ପୁଲାସୁମ୍ପାରା ଜଙ୍ଗଲରେ ତଲାସି ବେଳେ ଯବାନଙ୍କୁ ଦେଖି ୩ ବ୍ୟକ୍ତି ଦଉଡିବା ଆରମ୍ଭ କରିଥିଲେ। ଏହାପରେ ଯବାନମାନେ ସେମାନଙ୍କୁ ସନ୍ଦେହକରି ଧରିଥିଲେ। ପରେ ପଚରାଉଚରା ବେଳେ ସମସ୍ତେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ।

# ପୋଲିସ ହାତରେ ପର୍ଯ୍ୟଟକଙ୍କୁ ଲୁଟିଥିବା ୩ ଅଭିଯୁକ୍ତ

ଅନୁଗୋଳ, ୧।୧୦(ମାନସ ବିଶ୍ୱାଳ)

ଅନୁଗୋଳ ସହର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ନିକଟରେ ଗତ ଶୁକ୍ରବାର ବୁଲାବୁଲି କରୁଥିବା ମହାରାଷ୍ଟ୍ରର ପର୍ଯ୍ୟଟକ ଅରବାସ୍ କାୟୁମ୍ ଖାନ୍(୨୬)ଙ୍କ ଠାରୁ ହୋଇଥିବା ଲୁଟ୍ ଘଟଣାରେ ଅନୁଗୋଳ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଅଁରପାଳ ଥାନା ଟେଣ୍ଟୁଲୋଇ ଗ୍ରାମର ଗୋବିନ୍ଦ ନାଏକ(୨୬), ଶୁଖୁଆସାଲିର ସଞ୍ଜୟ ନାଏକ(୨୭) ଓ ତଳସାହିର ବିଜୟ ପରିଡା (୨୯)।

ପୋଲିସ କହିଛି, ମହାରାଷ୍ଟ୍ରର ଅରବାସ୍ ଟ୍ରେନ୍‌ରେ ଆସି ଅନୁଗୋଳ ଷ୍ଟେଶନରେ ଓହ୍ଲାଇଥିଲେ। ପରେ ସେ ସହରସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ବୁଲୁଥିବା ବେଳେ ସମ୍ପୃକ୍ତ ୩ ଅଭିଯୁକ୍ତ କୌଣସି ପ୍ରକାରେ ତାଙ୍କର ବିଶ୍ୱାସଭାଜନ ହୋଇ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଏକ ରେଷ୍ଟୁରାଣ୍ଟକୁ ତାଙ୍କୁ ନେଇ ଖିଆପିଆ କରିଥିଲେ। ପରେ ଏକ ଭଲ ହୋଟେଲରେ ରୁମ୍ ଯୋଗାଡ଼ କରିଦେବାକୁ କହି ସହର ଉପକଣ୍ଠସ୍ଥିତ ଏକ ଜଙ୍ଗଲକୁ ନେଇ ସେଠାରେ ମାରପିଟ୍ କରିବା ସହିତ ମାରଣାସ୍ତ୍ର ଦେଖାଇ ଲୁଟ୍‌ପାଟ କରିଥିଲେ। ଆରବାସ୍‌ଙ୍କ ପାଖରେ ଥିବା ନଗଦ ୫ ହଜାର ଟଙ୍କା ଓ ଫୋନ୍ ପେ'ରୁ ୨୦ ହଜାର ଟଙ୍କା ନେଇଯାଇଥିଲେ। ତାଙ୍କ ମୋବାଇଲକୁ ଭାଙ୍ଗି ଫେରାର୍ ହୋଇଯାଇଥିଲେ। ଅରବାସ୍ କୌଣସି ପ୍ରକାରେ ସେଠାରୁ ଆସି ଟାଉନ୍ ଥାନା ସାମ୍ନାରେ ପହଞ୍ଚିଥିଲେ। ମାତ୍ର ସେ କୌଣସି ଲିଖିତ ଅଭିଯୋଗ କରି ନ ଥିଲେ। ଥାନାରେ ଥିବା ଡିସିଓ ତାଙ୍କୁ ମେଡିକାଲ ନେଇ ଚିକିତ୍ସା କରାଇବା ପରେ ଏତଲା ଦେବାକୁ ପରାମର୍ଶ ଦେଇଥିଲେ। ମାତ୍ର ଅରବାସ୍ ମେଡିକାଲ୍‌କୁ ଆସିବା ପରେ ଆଉ ଥାନାକୁ ଫେରି ନ ଥିଲେ। ହେଲେ ତାଙ୍କ ଠାରୁ ହୋଇଥିବା ଲୁଟ୍ ଘଟଣାକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ। ଏହି ଭିଡିଓ ଭାଇରାଲ୍ ହେବା ପରେ ଟାଉନ ଥାନା ଅଧିକାରୀ ଘଟଣାକୁ ଗୁରୁତ୍ୱର ସହ ନେଇ ନିଜଆଡ୍ରୁ ନମ୍ବର ୭୫୮/୨୪ରେ ମାମଲା ରୁଜୁ କରିବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏପରି କି ଅରବାସ୍‌ଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରି ଘଟଣାର ସତ୍ୟାସତ୍ୟ ଜାଣିବା ପରେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।


ଗିରଫ ହୋଇଥିବା ୩ ଅଭିଯୁକ୍ତ।

# ନେସ୍‌ର ଗଣଧାରଣା, ମିଳିଲା ପ୍ରତିଶ୍ରୁତି



ଗଣଧାରଣାସ୍ଥଳରେ ନେସ୍‌ର କର୍ମକର୍ତ୍ତାମାନେ।

ବଣ୍ଟାପାଳ,୧।୧୦(ସୁବାସ ସାହୁ)

ଅନୁଗୋଳ ଜିଲାରେ ଥିବା ନବରତ୍ନ କମ୍ପାନୀ ନାଲ୍‌କୋ ପକ୍ଷରୁ କର୍ମଚାରୀଙ୍କୁ ବଳେୟା ପ୍ରାପ୍ୟ ଦେବାରେ ବିଳମ୍ବ କରାଯାଉଥିବା ପ୍ରତିବାଦରେ ବୃହତ୍ ଶ୍ରମିକ ସଙ୍ଗଠନ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସହବନ୍ଧିତ ନାଲ୍‌କୋ ଏମ୍ପ୍ଲୋଇଜ ସଙ୍ଘ (ନେସ୍) ପକ୍ଷରୁ ମଙ୍ଗଳବାର ପ୍ରଶାସନିକ କାର୍ଯ୍ୟାଳୟ ଠାରେ ଏକ ଶାନ୍ତିପୂର୍ଣ୍ଣ ଗଣ ଧାରଣା ଦିଆଯାଇଥିଲା। ନେସ୍ ପକ୍ଷରୁ କୁହାଯାଇଛି, କିଛିଦିନ ପୂର୍ବରୁ ସଙ୍ଗଠନ ତରଫରୁ ଏ ନେଇ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯେଉଁଥିରେ ସମସ୍ତ କର୍ମଚାରୀଙ୍କୁ ବଳେୟା ପ୍ରାପ୍ୟ ପ୍ରଦାନ କରିବା ଦିଗରେ କିଛି ପଦକ୍ଷେପ ନିଆ ନ ଯିବାରୁ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। କ୍ଷେତ୍ରରେ ଉଚ୍ଚ କର୍ତ୍ତୃପକ୍ଷ ତଥା ନାଲ୍‌କୋ ଇଡି ଶ୍ରୀନିବାସ ସୁବ୍ରମଣ୍ୟମ ନରେଲା, ମାନବ ସମ୍ବଳ ମହାପ୍ରବନ୍ଧକ ଶୁଭେନ୍ଦୁ ନାୟକ ଧାରଣାସ୍ଥଳକୁ ଆସି ଆସନ୍ତା ଦୁର୍ଗାପୂଜା ପୂର୍ବରୁ ବଳେୟା ପ୍ରାପ୍ୟ ପ୍ରଦାନ କରିବାକୁ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବା ପରେ ସନ୍ଧ୍ୟାରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଗଣଧାରଣାରେ ସଙ୍ଗଠନ ସଭାପତି ନିର୍ମଳ ସାମଲ, କାର୍ଯ୍ୟକାରୀ ସଭାପତି ମଳୟ ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ପ୍ରକାଶ ବେହେରାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ଦୁର୍ଘଟଣାରେ ୪ ଗୁରୁତର

ଛେଣ୍ଡିପଦା,୧।୧୦(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଓ ଜରପଡ଼ା ଥାନା ଅଞ୍ଚଳରେ ୨ଟି ଦୁର୍ଘଟଣାରେ ୪ଜଣ ଯୁବକ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଛେଣ୍ଡିପଦା- ଜରପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ବନଦୁର୍ଗା ପୀଠ ନିକଟସ୍ଥ ବୁଲାଣିରେ ଏକ ମୋଟରସାଇକେଲ ରାସ୍ତା ତଳକୁ ଖସିପଡ଼ିବାରୁ ବଳଙ୍ଗା ଗ୍ରାମର ଲକି ସିଂହ ଓ ବିପିନ ସିଂହ ଗୁରୁତର ହୋଇଛନ୍ତି। ରାସ୍ତାରେ ଯାଉଥିବା କେତେଜଣ ଲୋକ ଉଭୟଙ୍କୁ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଥିଲେ। ସେହିପରି ବାଗଡ଼ିଆ ଥାନା ବଡ଼ଯୋରା ପୋଲର ସୁରକ୍ଷା ବାଡ଼ରେ ପିଟି ହୋଇ ସ୍କୁଟିରେ ଯାଉଥିବା ସପୋଇନାଳୀ ଗ୍ରାମର ସବି ପ୍ରଧାନ ଓ ମନୋଜ ସାହୁ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଛେଣ୍ଡିପଦା ଓ ବାଗଡ଼ିଆ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।



# ବାଟବଣାଙ୍କୁ ସତ୍‌ପଥ ଦେଖାଇବା ସର୍ବୋତ୍ତମ ସେବା



ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଅନୁଷ୍ଠାନରେ ବିଶେଷ ଶ୍ରଦ୍ଧାଞ୍ଜଳି ସଭା।

ଅନୁଗୋଳ,୧।୧୦(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ମଙ୍ଗଳବାର ବିଶେଷ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ସମାଜର ବାସ୍ତବ ପରିବର୍ତ୍ତନ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ସମ୍ଭବ ବୋଲି କହିଥିଲେ। ସଭାରେ ପୌରୋହିତ୍ୟ କରୁଥିବା ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଅନୁଭୂତି ଧାମ ଅନୁଗୋଳର ମୁଖ୍ୟ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମିନତି ରାଜଯୋଗର ସଂକ୍ଷିପ୍ତ ଅଭ୍ୟାସ କରାଇବା ସହ ବାଟବଣାଙ୍କୁ ସତ୍‌ପଥ ଦେଖାଇବା ଏବଂ ସମସ୍ତଙ୍କୁ ପରମାତ୍ମଙ୍କ ଅନୁଭୂତି କରାଇବା ହେଉଛି ସର୍ବୋତ୍ତମ ସେବା ବୋଲି ମତବ୍ୟକ୍ତ କରିଥିଲେ। ୧୪୦ଟି ଦେଶର ଲକ୍ଷାଧିକ ଭଉଣୀଭାଇ ପରମାତ୍ମାଙ୍କ ଜ୍ଞାନ ଦ୍ୱାରା ଶାନ୍ତି ସୁଖମୟ ଜୀବନ ନିର୍ବାହ କରିବାକୁ ସମର୍ଥ ହୋଇଛନ୍ତି। ବିନା ମୂଲ୍ୟରେ ପ୍ରଦାନ କରାଯାଉଥିବା ସହଜ ରାଜଯୋଗ ଶିକ୍ଷାର ଲାଭ ସମସ୍ତେ ନେବା ପାଇଁ ନିମନ୍ତ୍ରଣ ଦେଇଥିଲେ।

# ‘ଏକ ରାଷ୍ଟ୍ର ଏକ ଛାତ୍ର’ ସମ୍ପର୍କରେ ଜାଣିଲେ ଅଭିଭାବକ

ତାଳଚେର,୧।୧୦ (ମନୋଜ ନନ୍ଦ)

ତାଳଚେର ବ୍ଲକ ସାଉଥବଲଣ୍ଡା ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଭିଭାବକ ଓ ଅଧ୍ୟାପକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବଶିଷ୍ଠ କୁମାର ସାହୁ ବୈଠକରେ ଅଧକ୍ଷତା କରିଥିଲେ। ଏହିଅବସରରେ ସେ ଉପସ୍ଥିତ ଅଭିଭାବକ ତଥା ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶ କ୍ରମେ ଏକ ରାଷ୍ଟ୍ର ଏକ ଛାତ୍ର(ଅପାର ଆଇଡ଼ି)ର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ରସାୟନ ବିଜ୍ଞାନ ଅଧ୍ୟାପକ ପ୍ରଦୀପ କୁମାର ପ୍ରଧାନ ଅପାର ଆଇଡ଼ି ଖୋଲିବା ଏବଂ ଏହାଦ୍ୱାରା ଛାତ୍ରଛାତ୍ରୀମାନେ କିପରି ଉପକୃତ ହେବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ତ୍ରିନାଥ ସାହୁ ବୈଠକ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସୁଶ୍ରୀ ସୁପ୍ରିତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।



ବୈଠକରେ ଅଧକ୍ଷ, ଅଧ୍ୟାପକଙ୍କ ସହ ଅଭିଭାବକମାନେ।

# ଏନ୍‌ଟିପିସି କଣିହାଁରେ ହାସ୍ୟ କବି ସମ୍ମିଳନୀ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ତାଳଚେର,୧।୧୦ (ମନୋଜ ନନ୍ଦ)

ରାଷ୍ଟ୍ରଭାଷା ହିନ୍ଦୀକୁ ପ୍ରୋତ୍ସାହନ ଦେବା ନିମନ୍ତେ ଏନ୍‌ଟିପିସି କଣିହାଁରେ ଗତ ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ହିନ୍ଦୀ ପକ୍ଷ -୨୦୨୪ର ଆୟୋଜନ କରାଯାଇଥିଲା। ଏଥିସହ ୨୯ ତାରିଖରେ ଏନ୍‌ଟିପିସି କଣିହାଁରେ ଅଖିଳ ଭାରତୀୟ ହାସ୍ୟ କବି ସମ୍ମିଳନୀର ଆୟୋଜନ ଦୀପତରଙ୍ଗ ବହୁ ଉଦ୍ଦେଶୀୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଟିପିସି ଦୀପଶିଖା ଟାଉନସିପ୍‌ର ସମସ୍ତ ନିବାସୀ, କର୍ମଚାରୀ ଏବଂ ଅଧିକାରୀ ସାମିଲ ହୋଇଥିଲେ। ଏହି ହାସ୍ୟ କବି ସମ୍ମିଳନୀରେ ଅନ୍ତର୍ଜାତୀୟ ହାସ୍ୟକବି ସୁଦୀପ ଭୋଲା, ପ୍ରସିଦ୍ଧ କବି ଜ୍ଞାନ ହୋତା, ପ୍ରସିଦ୍ଧ ଲାଫ୍‌ଟର ଶୋ ବିଜେତା ସୁରେଶ ଅଲବେଲା ପ୍ରମୁଖ ଯୋଗଦେଇ ଦର୍ଶକମାନଙ୍କୁ ହସାଇ ହସାଇ ବେଦମ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ପରିଯୋଜନା ପ୍ରମୁଖ ଅଶୋକ କୁମାର ସେହଗଲ କହିଥିଲେ, ଏହି ହାସ୍ୟ କବି ସମ୍ମିଳନୀ ହିନ୍ଦୀ ଭାଷା ପ୍ରଚାର ପ୍ରସାରର ପ୍ରମୁଖ ଭୂମିକା ବହନ କରିଛି। ଏଭଳି କାର୍ଯ୍ୟକ୍ରମକୁ ପରିବାର ଗହଣରେ ଉପଭୋଗ କରିବା ଆମ ବ୍ୟସ୍ତ ଜୀବନର କଠିନ ସମୟକୁ ଦୂରୀଭୂତ କରିଥାଏ। କାର୍ଯ୍ୟକ୍ରମ ସମ୍ପନ୍ନ ପରେ ହିନ୍ଦୀ ପକ୍ଷ-୨୦୨୪ରେ ଆୟୋଜିତ ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୩୩ ୟୁନିଟ୍ ରକ୍ତ ସଂଗ୍ରହ


ଖୋଲପଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରକ୍ତ ସଂଗ୍ରହ କରାଯାଇଛି।

ବଲଙ୍ଗା,୧।୧୦ (ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ମଙ୍ଗଳବାର ଅନୁଗୋଳ ଜିଲା ଠାକୁରଗଡ଼ ଖୋଲପଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପ୍ରମିଳା ବାଗ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସରୋଜ ରଞ୍ଜନ ଦାସ, ସରୋଜ ପ୍ରଧାନ, ତରୁଣ ପ୍ରଧାନ, ଗୁଜ୍‌ଲା ପ୍ରଧାନ, ଅଧ୍ୟାପିକା ଡ. କଲ୍ୟାଣୀ ଗୁପ୍ତା ମିଶ୍ର, ଶତ୍ରୁଘ୍ନ ସାହୁ, ବିନୟ ପଟ୍ଟନାୟକ, ରାଧାମୋହନ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଶିବିରରେ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୌରଭ ବେଉରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ନର୍ସିଂ ଅଫିସର ସ୍ୱିପ୍ନା ରାଣୀ ସିଂହ ସମେତ ଆଠମଲ୍ଲିକ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅନ୍ୟ ଯୁବତୀଯୁବକମାନେ ରକ୍ତଦାନ କରିଥିଲେ।

## ଘର ଭିତରୁ ସାପ ଉଦ୍ଧାର



ବଲଙ୍ଗା,୧।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ବୁଢ଼ିଲିମୁଣ୍ଡା ଗ୍ରାମର ରିତେଶ ସାହୁଙ୍କ ଘର ଭିତରୁ ମଙ୍ଗଳବାର ଏକ ନାଗ ସାପ ଉଦ୍ଧାର ହୋଇଛି। ସାପଟି ଘର ଭିତରକୁ ପଶି ଯାଉଥିବା ଦେଖି ପରିବାର ଲୋକେ ଭୟରେ ବାହାରକୁ ପଳାଇ ଆସିଥିଲେ। ପରେ ଏ ନେଇ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ଖବର ଦିଆଯାଇଥିଲା। ସିଦ୍ଧେଶ୍ୱର ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ହଣ୍ଡପା ବନ ବିଭାଗ ଜରିଆରେ ସାପକୁ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା।

# ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ

## ନିଖୋଜ ଯୁବକଙ୍କ ମୃତଦେହ ଜବତ ଘଟଣା

ବଣ୍ଟାପାଳ,୧।୧୦(ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଟାପାଳ ଥାନା ନୂଆହତା ଗ୍ରାମର ସୂର୍ଯ୍ୟକାନ୍ତ ଭୁଞିଆ ଗତ ୨୯ ତାରିଖରୁ ନିଖୋଜ ଥିବାବେଳେ ୩୦ ତାରିଖରେ ତାଙ୍କ ମୃତଦେହ ଓଡ଼ାପଡ଼ା ନୂଆ କଣ୍ଟାବଣିଆ ଥାନା ନିକଟ ଦେଇ ଯାଇଥିବା ରେଙ୍ଗାଳି କେନାଲରୁ ପୋଲିସ ଜବତ କରିଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଯେଉଁ ପରିବାର ଲୋକେ ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ବଣ୍ଟାପାଳ ଥାନାରେ ଲିଖିତ ଅଭିଯୋଗ କରିବା ସହ ଥାନା ସମ୍ମୁଖରେ ମୃତଦେହ ରଖି କିଛି ସମୟ ପାଇଁ ଧାରଣା ଦେଇଥିଲେ। ପ୍ରକାଶ ଯେ, ୨୯ ତାରିଖ ସନ୍ଧ୍ୟାରୁ ସୂର୍ଯ୍ୟକାନ୍ତ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ୩୦ ତାରିଖରେ ବଣ୍ଟାପାଳ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ତେବେ ମଧ୍ୟାହ୍ନରେ କଣ୍ଟାବଣିଆ ପୋଲିସ ନାଳରୁ ଏକ ମୃତଦେହ ଜବତ କରିବା ସହ ନିକଟସ୍ଥ ଥାନାଗୁଡ଼ିକୁ ଏ ନେଇ ସୂଚନା ଦେଇଥିଲେ। ବଣ୍ଟାପାଳ ଥାନାରେ ଏକ ନିଖୋଜ ଅଭିଯୋଗ ରହିଥିବାରୁ ବଣ୍ଟାପାଳ ପୋଲିସ ସୂର୍ଯ୍ୟକାନ୍ତଙ୍କ ପରିବାର ଲୋକଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚିବା ସହ ମୃତଦେହ ଚିହ୍ନଟ କରିଥିଲେ। ପରେ ବଣ୍ଟାପାଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। କିନ୍ତୁ ପରିବାରବର୍ଗ ମୃତଦେହକୁ ଦେଖିବା ପରେ ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ପରିବାରବର୍ଗ କହିଛନ୍ତି, ପ୍ରାୟ ୬ ମାସ ତଳେ ସୂର୍ଯ୍ୟକାନ୍ତଙ୍କ ବାପାଙ୍କ କ୍ଷତବିକ୍ଷତ ମୃତଦେହ ଘରଠାରୁ କିଛିଦୂରରୁ ମିଳିଥିଲା। ସେହିପରି ସୂର୍ଯ୍ୟକାନ୍ତଙ୍କ ମୃତଦେହରେ ବସ୍ତ୍ର ନ ରହିବା ଓ କ୍ଷତ ଚିହ୍ନ ଥିବାରୁ ଏହା ଏକ ହତ୍ୟା ଘଟଣା ବୋଲି ସେମାନେ ଦାବି କରିଛନ୍ତି। ଏପରି କି ନ୍ୟାୟ ପାଇବା ପାଇଁ ସେମାନେ ଥାନା ସମ୍ମୁଖରେ ମୃତଦେହ ରଖି ଧାରଣାରେ ବସି ରହିଥିଲେ। ତେବେ ପୋଲିସର ବୁଝାଶୁଝା ପରେ ପରିବାର ଲୋକେ ମୃତଦେହ ଥାନା ସମ୍ମୁଖରୁ ଉଠାଇ ନେଇଥିଲେ। ଘଟଣା ସମ୍ପର୍କରେ ବଣ୍ଟାପାଳ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।



ମୃତକଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଉଦ୍ୟାନ ବିଭାଗ ଠିକା ଶ୍ରମିକଙ୍କ ଧାରଣା


ଠିକା ଶ୍ରମିକମାନେ ଧାରଣା ଦେଇଛନ୍ତି।

ବଣ୍ଟାପାଳ,୧।୧୦(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ଉଦ୍ୟାନ ବିଭାଗ ସ୍ମେଲ୍ଟର ପ୍ଲାଣ୍ଟରେ ୩ଟି ଠିକା ସଂସ୍ଥାରେ କାର୍ଯ୍ୟରତ ୪୫ଜଣ ଠିକା ଶ୍ରମିକ ମଙ୍ଗଳବାର ବିଭିନ୍ନ ସମସ୍ୟା ନେଇ ଟେକ୍ନିକାଲ ବିଲ୍ଡିଂ ସମ୍ମୁଖରେ ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ, ସ୍ମେଲ୍ଟର ପ୍ଲାଣ୍ଟ ପରିସରରେ ୩ଟି ଠିକା ସଂସ୍ଥାରେ ୪୫ ଜଣ ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ଉଦ୍ୟୋଗ ଠିକ ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ଶେଷ ହୋଇଯାଉଥିବାରୁ ଠିକା ଶ୍ରମିକଙ୍କୁ ଠିକ୍ ଭାବେ କାମ ମିଳୁନାହିଁ। ଏପରିକି ଏକ ଠିକା ସଂସ୍ଥାର ୧୮ଜଣ ଠିକା ଶ୍ରମିକଙ୍କୁ ୩ମାସର ବଳେୟା ଦରମା ମିଳିନାହିଁ। ଏ ନେଇ ନାଲ୍‌କୋ ଏମ୍ପ୍ଲୋଇଜ ସଂଘ (ନେସ୍) ପକ୍ଷରୁ ହସ୍ତକ୍ଷେପ କରାଯିବା ପରେ ଉଦ୍ୟାନ ବିଭାଗ ସିନିୟର ମ୍ୟାନେଜର ପ୍ରଦୀପ୍ତ କୁମାର ମଲ୍ଲିକ ଖୁବଶୀଘ୍ର ବଳେୟା ଦରମା ଓ କାର୍ଯ୍ୟରେ ଯୋଗଦାନ ସମ୍ପର୍କରେ ପ୍ରତିଶ୍ରୁତି ଦେଇଥିଲେ। ଠିକା ଶ୍ରମିକ ସରସ୍ୱତୀ ସାହୁ, ଅର୍ଜୁନ ବେହେରା, ମଧୁ ସାହୁ, କାଳୁ ସୋରେନ, ଧରଣୀଧର ସାହୁ, ରେବତୀ ପରିଡ଼ା, ସୁଲୋଚନା ବେହେରା, ଊର୍ମିଳା ନାୟକ, କମଳକାନ୍ତ ସାହୁ, ଭାସ୍କର ବେହେରା, ସୁଶାନ୍ତ ନାୟକଙ୍କ ସମେତ ସମସ୍ତ ଠିକା ଶ୍ରମିକ ଧାରଣା ଦେଇଥିଲେ।

# ‘ରକ୍ତ ହେଉଛି ଅମୃତ, ବିକଳ୍ପ ନାହିଁ’

ଅନୁଗୋଳ,୧।୧୦(ମାନସ ବିଶ୍ୱାଳ)

ଅନୁଗୋଳ ରକ୍ତଦାନ ଭବନ ପରିସରରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାନନ୍ଦ ମହାନ୍ତି ଉଦ୍‌ଘାଟନ କରି କହିଥିଲେ, ରକ୍ତ ହେଉଛି ଅମୃତ, ତାର ବିକଳ୍ପ ନାହିଁ ଏଣୁ ଜନସାଧାରଣ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ରକ୍ତଦାନ ପାଇଁ ଆଗେଇ ଆସନ୍ତୁ। ରକ୍ତଦାନର ମହତ୍ତ୍ୱ ଗ୍ରାମାଞ୍ଚଳ ପରିବ୍ୟାପ୍ତ ହେଲେ ଅଧିକ ରକ୍ତ ସଂଗ୍ରହ ହୋଇପାରିବ। ଜିଲା ରକ୍ତଭଣ୍ଡାର ଅଧିକାରୀ ଡା. ସବ୍ୟସାଚୀ ପାଟଯୋଶୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଓମ୍‌ଫା ରାଜ୍ୟ ସମ୍ପାଦକ ଡା. ବିଶ୍ୱଜିତ୍ ସାମଲ, ଏଡିଏମ୍‌ଓ ପରିବାର କଲ୍ୟାଣ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଡିପିଏମ୍ ଦୀପକ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସମାରୋହରେ ଅନୁଗୋଳ ଜିଲାର ବିଶିଷ୍ଟ ରକ୍ତଦାତା ଏବଂ ଶିବିର ଆୟୋଜନ କରୁଥିବା ଅନୁଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଶିଳ୍ପ ଓ ବାଣିଜ୍ୟ ସଙ୍ଗଠନ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ସହିତ ବିଭିନ୍ନ ସଙ୍ଗଠନଗୁଡ଼ିକୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।


ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ କରାଯାଉଛି।

# ରକ୍ତଦାନ ଶିବିର, ସଚେତନତା ଶୋଭାଯାତ୍ରା

ଢେଙ୍କାନାଳ/ ପବିତ୍ରନଗର, ୧।୧୦ (ନିରୋଜ କୁମାର ପ୍ରଧାନ)

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ କଣିହାଁ ବ୍ଲକ ପ୍ରଜାମଣ୍ଡଳ ଭବନ ପରିସରରେ ମଙ୍ଗଳବାର ରକ୍ତଦାନ ଶିବିର ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଖଣ୍ଡ ରକ୍ତଭଣ୍ଡାର ଓ ଟୋଲକବେଡା ଲକ୍ଷ୍ମୀ ନାରାୟଣ ୟୁଥ୍ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୋଟ ୮୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ତାଳଚେର ଉପଜିଲାପାଳ ସମୀର ଜେନା ଏବଂ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, କଣିହାଁ ତହସିଲଦାର ଚିନ୍ମୟ ଦାଶ, ଅତିରିକ୍ତ ତହସିଲଦାର ଅନୁପ କୁମାର ପରମଗୁରୁ, ସିଆଇଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ବିବେକ ସିଂ, ଟୋଲକବେଡା ଗ୍ରାମ୍ୟ କମିଟି ସଭାପତି ଲୋଚନ ସାହୁ, ଟ୍ରଷ୍ଟ ସଭାପତି ସୌରଭ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ବିଶାଳ ସଚେତନତା ଶୋଭାଯାତ୍ରାକୁ ତାଳଚେର ଉପଜିଲାପାଳ ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କଣିହାଁ ମହାବିଦ୍ୟାଳୟର ଯୁକ୍ତ୨ ଓ ଯୁକ୍ତ୩ ଛାତ୍ରଛାତ୍ରୀମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇ ରକ୍ତଦାନ କରିବାକୁ ସଚେତନତା ସୃଷ୍ଟି କରିଥିଲେ। ଟ୍ରଷ୍ଟ ସଦସ୍ୟମାନେ ଏହାର ପରିଚାଳନା କରିଥିବାବେଳେ ସ୍ଥାନୀୟ ଅଞ୍ଚଳର ବହୁ ଉତ୍ସାହୀ ସାମାଜିକ କର୍ମୀ ସହଯୋଗ କରିଥିଲେ। ରେଡ଼କ୍ରସ କାର୍ଯ୍ୟକାରିଣୀ ସଦସ୍ୟ ବଳରାମ ପତି, ଶ୍ରବଣ କୁମାର ସାହୁ, ପୂର୍ବତନ ସରପଞ୍ଚ ଦୁଃଖବନ୍ଧୁ ଭୂତିଆ, ଟ୍ରଷ୍ଟ ସମ୍ପାଦକ ସତ୍ୟରଞ୍ଜନ ସାହୁ, ଶିବ ପ୍ରସାଦ ରାଉତ, ଚକ୍ରଧର ସାହୁ, କ୍ଷୋଦିରଞ୍ଜନ ସାହୁ, ସରୋଜ ପ୍ରଧାନ, ଲୁନା ସାହୁ, ଚିକନ ସାହୁ, ମଣ୍ଟୁ ସାହୁ, ବିନୟ ସାହୁ, ଗିରିଶ ସାହୁ, ରବି ସେଠ, ଜଗନ ସାହୁ, ପ୍ରଶାନ୍ତ ସାହୁ, ଅଖିଳ ସାହୁ, ବାପି ସାହୁ, ମାନସ ସାହୁ, ଭିଲୁ ସାହୁ, ସୁଦର୍ଶନ ସାହୁ, ବିଶ୍ୱଜିତ ସାହୁ, ଜଗନ୍ନାଥ ଶେଠୀ, ସୁମନ ବେହେରା, କଳ୍ପତରୁ କାଳତରଣ ସାହୁ, ମନୋଜ ସାହୁ, ଶିବପ୍ରସାଦ ସାହୁ, ଜଗନ୍ନାଥ ସେଠୀ, ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନେ ରକ୍ତଦାତାମାନଙ୍କୁ ଉତ୍ସାହିତ କରୁଛନ୍ତି।

# ବଲାଙ୍ଗୀର ଦଳଗତ ଚାମ୍ପିୟନ



ଚାମ୍ପିୟନ ଓ ରନରଅପ୍ ବଲାଙ୍ଗୀରର ଦୁଇ ଦଳ ଖେଳାଳି ଅତିଥିଙ୍କ ଗହଣରେ।

## ରାଜ୍ୟ ଲନ୍‌ବଲ୍ ଉଦ୍‌ଯାପିତ

**ଭୁବନେଶ୍ୱର,୧।୧୦ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ଲନ୍‌ବଲ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଦ୍ୱିତୀୟ ଦିବସ ପରି ତୃତୀୟ ଦିବସରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ବଲାଙ୍ଗୀର ଦଳଗତ ଚାମ୍ପିୟନ ହୋଇଛି। ବଲାଙ୍ଗୀର କ୍ଲବ୍ ରନରଅପ୍ ହୋଇଛି। ସମସ୍ତ ୧୦ ଇଭେଣ୍ଟରେ ବଲାଙ୍ଗୀର ଜିଲାର ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରି ସ୍ୱର୍ଣ୍ଣ ପଦକକୁ ସୁଇପ୍ କରିଛନ୍ତି। ବଲାଙ୍ଗୀର ଜିଲା ଦଳ ୭ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ବଲାଙ୍ଗୀର କ୍ଲବ୍ ୨ଟି ଓ ଜେଏସଏମ୍ ବଲାଙ୍ଗୀର ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହା ବ୍ୟତୀତ ଏହି ୩ ବଲାଙ୍ଗୀର ଦଳ ୫ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ମଧ୍ୟ ଜିତିଛି। ଦ୍ୱିତୀୟ ଦିବସପରି ତୃତୀୟ ତଥା ଅନ୍ତିମ ଦିବସରେ ମଧ୍ୟ ୫ ଇଭେଣ୍ଟର ଫାଇନାଲ୍ ଖେଳାଯାଇଥିଲା। ପୁରୁଷ ସିଙ୍ଗଲ୍ସରେ ଜାତୀୟ କ୍ରୀଡ଼ା ବ୍ରୋଞ୍ଜ ବିଜେତା ଲଳିତ ଶର୍ମା ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଢେଙ୍କାନାଳର ତାରିଣୀ ପ୍ରସାଦ ନାୟକ ରୌପ୍ୟ ଓ ସମ୍ବଲପୁରର ବିଜୟ କୁମାର ଦୋରା ବ୍ରୋଞ୍ଜ ପାଇଥିଲେ। ପୁରୁଷ ଫୋର୍‌ସରେ କୈଳାସ ମାଝୀ, ନରସିଂହ ରାଣା, ପ୍ରମୋଦ ପୁଟେଲ୍, ଦିନେଶ କୁମାର ମହାନନ୍ଦ ବଲାଙ୍ଗୀରକୁ ସ୍ୱର୍ଣ୍ଣିମ ସଫଳତା ଦେଇଥିଲେ। ବଲାଙ୍ଗୀର୍ କ୍ଲବର ସ୍ୱସ୍ତିକ ସ୍ୱରୂପ ନାଏକ, ସୁଜ୍ଞାନେନ୍ଦ୍ର ଷଡ଼ଙ୍ଗୀ, ଶୋଭିତ କୁମାର ସାହୁ, ସିଦ୍ଧାର୍ଥ ଆର୍ଯ୍ୟନ ସାହୁ ରୌପ୍ୟ ଏବଂ ଢେଙ୍କାନାଳର ଚନ୍ଦନ ସିଂହ, ବାଦଲ ବେହେରା, ରୁଦ୍ରନାରାୟଣ ପରିଡ଼ା, ସୁବ୍ରତ ପ୍ରଧାନ ବ୍ରୋଞ୍ଜ ପଦକ ଜିତିଥିଲେ।

ସେହିପରି ମହିଳା ପେୟାର୍ସରେ ସାଇନା ନାଏକ, ରୋହିନୀ ନାଏକ(ବଲାଙ୍ଗୀର କ୍ଲବ୍), ଶ୍ୱେତଲାନା ବକ୍ସି, ରୋଶନୀ ସାହୁ (ବଲାଙ୍ଗୀର), ସୀମା ମୁଣ୍ଡା, ରୁକ୍ମଣୀ ମୁଣ୍ଡା (ସମ୍ବଲପୁର କ୍ଲବ୍) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ମହିଳା ଟ୍ରିପଲ୍ସରେ ବିଷ୍ଣୁପ୍ରିୟା ବହିଦାର, ରାଜେଶ୍ୱରୀ ସେଠ୍, ସୁନୟନା ବକ୍ସି (ବଲାଙ୍ଗୀର), ରୋନାଲି ସାହୁ, ଶ୍ରାବଣୀ ସେଠୀ, ରତୁପର୍ଣ୍ଣା ପ୍ରଧାନ (ଢେଙ୍କାନାଳ) ଏବଂ ତବୁ ଛତ୍ରିଆ, ସନ୍ଧ୍ୟା ଶର୍ମା, ବାବି ପାତ୍ର (ବଲାଙ୍ଗୀର କ୍ଲବ୍) ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ବାଳିକା ସିଙ୍ଗଲ୍ସରେ ଜେଏସ୍‌ଏମ୍ ବଲାଙ୍ଗୀରର କୁନି ପ୍ରତିଭା ଶ୍ୱେତା ଥେଲା, ସମ୍ବଲପୁରର ଲୀନା ହାରା, ବଲାଙ୍ଗୀର କ୍ଲବର ଶିଖା ରାଣୀ ପୋ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିବାର ସେଭାଗ୍ୟ ଅର୍ଜନ କରିଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶେଳେନ୍ଦ୍ର ଜେନା, ଓଏସ୍‌ଡି ସୋନାଲି ଚାନ୍ଦ, ସ୍ୱରୂପାନନ୍ଦ ବେହେରା, ଗୀତା ଦାସ, କ୍ଷଣପ୍ରଭା ମହାନ୍ତି, ଓଡ଼ିଶା ବାସ୍କେଟ୍‌ବଲ୍ ସଂଘ ସମ୍ପାଦକ ଅଶୋକ ସାହୁ, ଓଡ଼ିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, କ୍ରୀଡ଼ା ବିଜ୍ଞାନୀ ସୌମିତ୍ର ମଣ୍ଡଳ, ଭାରତୀୟ ବୋଲିଂ ସଂଘ ବୈଷୟିକ ମୁଖ୍ୟ ନୀତୀନ ବାସ୍‌ୱାନି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ବୋଲିଂ ସଂଘ ସାଧାରଣ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁକାନ୍ତ ସେଠ୍, କରିସ୍ମା ରାଉତ, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦର ସେଠ୍, ସତ୍ୟ ପୁଟେଲ୍, ବିଭୂତି ସ୍ୱାଇଁ ପ୍ରମୁଖ ଏହି ୩ ଦିନିଆ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ୧୩ ବର୍ଷୀୟ ସୂର୍ଯ୍ୟବଂଶୀଙ୍କ ୫୮ ବଲ୍ ଶତକ

## ୧୯ ବର୍ଷରୁ କମ୍ କ୍ରିକେଟ

**ଚେନ୍ନାଇ, ୧।୧୦ (ପି.ଟି.)**

ଭ୍ରମଣକାରୀ ୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ ଦଳ ବିପକ୍ଷ ୪ ଦିନିଆ ପ୍ରଥମ ଅନ୍ ଅଫିସିଆଲ ଟେଷ୍ଟର ଦ୍ୱିତୀୟ ଦିବସରେ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କ ଶତକ ସତ୍ତ୍ୱେ ପୂର୍ବଦିନର ଅସମାପ୍ତ ସ୍କୋର ୧୦୩/୦ରେ ଖେଳ ଆରମ୍ଭ କରିଥିବା ଭାରତ ପ୍ରଥମ ଇନିଂସରେ ୨୯୬ ରନରେ ଅଲ ଆଉଟ ହୋଇଯାଇଛି। ସୂର୍ଯ୍ୟବଂଶୀ ମଙ୍ଗଳବାର ତାଙ୍କ ପୂର୍ବଦିନର ଅସମାପ୍ତ ବ୍ୟକ୍ତିଗତ ସ୍କୋର ୮୧ରୁ ଆରମ୍ଭ କରି ମାତ୍ର ୫୮ ବଲ୍‌ରେ ଶତକ ପୂରଣ କରିବାରେ ସଫଳ ହୋଇଥିଲେ। ସେ ୬୨ ବଲ୍ ସାମ୍ନା କରି ୧୪ ଚୌକା ଓ ୪ ଛକା ସହ ୧୦୪ ରନ କରିଥିଲେ। ୧୩ ବର୍ଷୀୟ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ ଟେଷ୍ଟରେ ଦ୍ରୁତତମ ଶତକ ହାସଲ କରିବାରେ ପ୍ରଥମ ଭାରତୀୟ ଓଭର ଅଲ୍ ଦ୍ୱିତୀୟ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୦୫ରେ ଇଂଲଣ୍ଡର ମୋଇନ ଅଲି ମାତ୍ର ୫୬ ବଲ୍‌ରେ ଏକ ଶତକ ହାସଲ କରି ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ସୂଚନାଯୋଗ୍ୟ, ସୂର୍ଯ୍ୟବଂଶୀ ଗତବର୍ଷ ମାତ୍ର ୧୨ ବର୍ଷ ବୟସରେ ବିହାର ତରଫରୁ ସର୍ବକନିଷ୍ଠ ଖେଳାଳି ଭାବେ ରଣଜୀ ଟ୍ରଫିରେ ପଦାର୍ପଣ କରି ସଚିନ ତେନ୍ଦୁଲକର ଓ ଯୁବରାଜ ସିଂଙ୍କ ନାମରେ ଥିବା ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଏପର୍ଯ୍ୟନ୍ତ ସେ ଦୁଇ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ସୂର୍ଯ୍ୟବଂଶୀ ଏଠାରେ ବିଭାନ ମାଲହୋତ୍ରା (୭୬ରନ, ୧୦୮ ବଲ୍, ୧୩ ଚୌକା ଓ ୧ ଛକା)ଙ୍କ ସହ ଓପନିଂ ଯୋଡ଼ିରେ ସେ ୧୩୩ ରନ ଯୋଗ କରିଥିଲେ। ତେବେ ଅଷ୍ଟ୍ରେଲିଆ ସ୍ପିନର ଥୋଆମ ବ୍ରାଉନ ଓ ଭାରତୀୟ ବଂଶୋଦ୍ଭବ ବିଶ୍ୱ ରାମକୁମାରଙ୍କ ଚମତ୍କାର ବୋଲିଂ ଯୋଗୁ ଅବଶିଷ୍ଟ ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ସ୍କୋରଠାରୁ ଭାରତ ମାତ୍ର ୩ ରନ ଅଧିକ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ଭ୍ରମଣକାରୀ ଦଳ ମଙ୍ଗଳବାର ଖେଳ ଶେଷ ସୁଦ୍ଧା ଏହାର ଦ୍ୱିତୀୟ ଇନିଂସରେ ୪ ଉଇକେଟ ବିନିମୟରେ ୧୧୦ରନ ସଂଗ୍ରହ କରିପାରିଛି। ଘରୋଇ ଦଳଠାରୁ ୧୦୭ ରନ ଆଗରେ ରହିଛି। ଏଠିକାର ପିଚ୍‌ରେ ଚତୁର୍ଥ ଇନିଂସରେ ୨୦୦ ପାଖାପାଖି ରନ ପିଛା କରିବା କଷ୍ଟ ସାଧ୍ୟ।



ଶତକ ହାସଲ ପରେ ବୈଭବ ସୂର୍ଯ୍ୟବଂଶୀ।

**ସଂକ୍ଷିପ୍ତ ସ୍କୋର**

୧୯ବର୍ଷରୁ କମ୍ ଅଷ୍ଟ୍ରେଲିଆ ଦଳ: ୨୯୩ ଅଲଆଉଟ ଓ ୧୧୦/୪ (ରିଲି କିଙ୍ଗସେ୍‌ଲ-୪୮ ; ମହମ୍ମଦ ଇନାନ-୨/୩୩)। ୧୯ ବର୍ଷରୁ କମ୍ ଭାରତ ଦଳ: ୨୯୬/ଅଲଆଉଟ (ବୈଭବ ସୂର୍ଯ୍ୟବଂଶୀ-୧୦୪, ବିଭାନ ମାଲହୋତ୍ରା-୭୬ ; ଥୋମାସ ବ୍ରାଉନ-୩/୭୯, ବିଶ୍ୱ ରାମକୁମାର-୪/୭୯)।

# ତୁଷାର ଦେଶପାଣ୍ଡେଙ୍କ ଗୋଇଠିରେ ଅସ୍ତ୍ରୋପଚାର


**ମୁମ୍ବାଇ, ୧।୧୦ (ପି.ଟି.):** ଲଣ୍ଡନର ଏକ ହସ୍ପିଟାଲରେ ଭାରତ ତଥା ମୁମ୍ବାଇ ପେସ୍ ବୋଲର ତୁଷାର ଦେଶପାଣ୍ଡେଙ୍କ ଗୋଇଠିରେ ସଫଳ ଅସ୍ତ୍ରୋପଚାର ହୋଇଛି। ସୋସିଆଲ ମିଡିଆରେ ତାଙ୍କର ଏକ ପୋଷ୍ଟ ଜରିଆରେ ସେ ଏବିଷୟରେ ସୂଚନା ଦେଇଛନ୍ତି। ଇଞ୍ଜୁରୀ ଯୋଗୁ ଏହି କ୍ରିକେଟର ନିକଟରେ ଅନୁଷ୍ଠିତ ଦୁଲୀପ ଟ୍ରଫିର ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଖେଳିପାରି ନ ଥିଲେ। ଆଗାମୀ ରଣଜୀ ସିଜନ ପାଇଁ ମୁମ୍ବାଇର ସମ୍ଭାବ୍ୟ ୩୦ ଜଣିଆ ଖେଳାଳି ତାଲିକାରୁ ସେ ବାଦ ପଡ଼ିଛନ୍ତି।

# ଜାତୀୟ କ୍ୟାମ୍ପରେ ଓଡ଼ିଶାରୁ ୬ ଖେଳାଳି

## ଭାରତ-ଜର୍ମାନୀ ହକି ସିରିଜ

**ନୂଆଦିଲ୍ଲୀ, ୧।୧୦ (ପି.ଟି.)**

ବିଶ୍ୱ ଚାମ୍ପିୟନ ଜର୍ମାନୀ ବିପକ୍ଷରେ ଭାରତ ଦୁଇ ମ୍ୟାଚ ବିଶିଷ୍ଟ ଘରୋଇ ସିରିଜ ଖେଳିବ। ଏଥିଲାଗି ବେଙ୍ଗାଲୁରୁଠାରେ ଜାତୀୟ ସିନିୟର କୋଚିଂ କ୍ୟାମ୍ପ ପାଇଁ ହକି ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ୪୦ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୬ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା, ନିଲମ ସଞ୍ଜୀପ ଖେସ୍, ଦୀପସାନ ତିର୍କୀ, ସୁଦୀପ ଚିରମାକୋ ଓ ଅମନଦୀପ ଲାକ୍ରା। ଏହି କ୍ୟାମ୍ପରୁ ଅକ୍ଟୋବର ୨୩ ଓ ୨୪ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ଜର୍ମାନୀ ବିପକ୍ଷରେ ଖେଳାଯିବାକୁଥିବା ଦୁଇଟି ମ୍ୟାଚ ପାଇଁ ଦଳ ମନୋନୟନ କରାଯିବ। ଭାରତୀୟ ଦଳ ନିକଟରେ ପ୍ୟାରିସ ଅଲିମ୍ପିକ୍ସରେ କ୍ରମାଗତ ଦ୍ୱିତୀୟ ଥର ବ୍ରୋଞ୍ଜ ଜିତିବାରେ ସଫଳ ହୋଇଛି। ଚାଇନାରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ସଫଳତାର ସହ ବଜାୟ ରଖିବାରେ ସମର୍ଥ ହୋଇଛି। କ୍ୟାମ୍ପରେ ଖେଳାଳିମାନଙ୍କର ଦକ୍ଷତା ବିକାଶ ସାଙ୍ଗକୁ ମ୍ୟାଚ ପାଇଁ ପ୍ରସ୍ତୁତ ରଣକୌଶଳର ଅଭ୍ୟାସ ହେବ। **ସମ୍ଭାବ୍ୟ ଖେଳାଳି ତାଲିକା**- ଗୋଲକିପର: କ୍ରିଷ୍ଣା ବାହାଦୁର ପାଠକ, ପୱନ, ସୁରଜ କରକେରା, ମୋହିତ। ଡିଫେଣ୍ଡର: ଜର୍ମନପ୍ରୀତ ସିଂ, ଅମିତ ରୋହିଦାସ, ହରମନପ୍ରୀତ ସିଂ, ସୁମିତ, ସଞ୍ଜୟ, ଯୁଗରାଜ ସିଂ, ଅମନଦୀପ ଲାକ୍ରା, ନିଲମ ସଞ୍ଜୀପ ଖେସ୍, ବରୁଣ କୁମାର, ଯଶଦୀପ ସ୍ୱିୱାଚ, ଦୀପସାନ ତିର୍କୀ, ମନଦୀପ ମୋର୍। ମିଡଫିଲ୍ଡର: ରାଜକୁମାର ପାଲ୍, ସମଶେର ସିଂ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ମହମ୍ମଦ ରାହିଲ ମୋସିନ, ବିଷ୍ଣୁକାନ୍ତ ସିଂ, ରାଜିନ୍ଦର ସିଂ, ପୁଭାନା ସିବି। ଫରୱାର୍ଡ: ଅଭିଷେକ, ସୁଖଜିତ୍ ସିଂ, ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ଗୁରଜାଣ୍ଟ ସିଂ, ଅଙ୍ଗଦ ବୀର ସିଂ, ଆଦିତ୍ୟ ଲାଲାଗେ, ବବି ସିଂ ଧାମି, ସୁଦୀପ ଚିରମାକୋ, ଏସ୍. କିର୍ତ୍ତୀ, ମନିନ୍ଦର ସିଂ ଓ ଶିଳାନନ୍ଦ ଲାକ୍ରା।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ